# ଧରିତ୍ରୀ

DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୩୦/୨୦୨୧ (୧୨ ପୃଷ୍ଠା) | Bhubaneswar, Wednesday, June 30/2021 | ★★★★★★

୪୭ଶ ଭାଗ ୨୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ଜୁନ୍, ୨୦୨୧

କୋଭାକ୍ସିନ ଉପରେ କିଛି ଖର୍ଚ୍ଚ କରିନାହୁଁ। ଆମେ ଗୋଟିଏ ଡୋଜ୍ ବି କୋଭାକ୍ସିନ ପାଇନୁ। ଏହା କେଉଁ ପ୍ରକାର ଦୁର୍ନୀତି ?
–ଜୈର ବୋଲସୋନାରୋ, ବ୍ରାଜିଲ ରାଷ୍ଟ୍ରପତି






## ସଂକ୍ଷେପରେ

### ରାଜ୍ୟକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ
### ଜୁଲାଇ ୩୧ ସୁଦ୍ଧା ୱାନ୍ ନେଶନ, ୱାନ୍ ରାଶନ ଲାଗୁ କର

**ନୂଆଦିଲ୍ଲୀ, ୨୯।୬:** କୋଭିଡ୍ ମହାମାରୀରେ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ଶୋଚନୀୟ ହୋଇଛି। ରାଜ୍ୟ ବାହାର କାର୍ଯ୍ୟସ୍ଥଳରେ ରାଶନ କାର୍ଡ ପଞ୍ଜୀକୃତ ହୋଇ ନ ଥିବାରୁ ଶ୍ରମିକମାନେ ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଜୁଲାଇ ୩୧ ସୁଦ୍ଧା 'ୱାନ୍ ନେଶନ ୱାନ୍‌ରାଶନ କାର୍ଡ' ଯୋଜନା ଲାଗୁ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏମ୍. ଆର୍ ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କରୋନାର ଦ୍ୱିତୀୟ ଲହରରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ଗତ ୧୧ ତାରିଖରେ ଏକ ଆବେଦନର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। 'ୱାନ୍ ନେଶନ ୱାନ୍ ରାଶନ କାର୍ଡ' ଦ୍ୱାରା ଗରିବ ଓ ପ୍ରବାସୀ ଶ୍ରମିକ ଦେଶର ଯେ କୌଣସି ସ୍ଥାନରେ ଥିଲେ ମଧ ଖାଦ୍ୟ ସାମଗ୍ରୀ ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଏଥିସହ ମହାମାରୀ ଲାଗିରହିଥିବା ଯାଏ କମ୍ୟୁନିଟି କିଚେନ ବ୍ୟବସ୍ଥା କରି ସମସ୍ତ ଶ୍ରମିକଙ୍କୁ ଖାଦ୍ୟ ଯୋଗାଣ ଏବଂ ଏକ ସ୍ୱତନ୍ତ୍ର ଯୋଜନା କରି ସେମାନଙ୍କୁ ଶୁଖିଲା ରାଶନ ସାମଗ୍ରୀ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ରେଗୁଲେଶନ ଅଫ୍ ଏମ୍ପ୍ଲୟମେଣ୍ଟ ଆଣ୍ଡ କଣ୍ଡିଶନ ଅଫ୍ ସର୍ଭିସ୍ ଆକ୍ଟ) ୧୯୭୯ ଅଧୀନରେ ସମସ୍ତ କମ୍ପାନୀ ଏବଂ ଠିକାଦାରଙ୍କ ପଞ୍ଜୀକରଣ କରିବାକୁ କୁହାଯାଇଛି।

### ୧୯ରେ ମୌସୁମୀ ଅଧିବେଶନ

**ନୂଆଦିଲ୍ଲୀ, ୨୯।୬:** ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଜୁଲାଇ ୧୯ରେ ଆରମ୍ଭ ହୋଇ ଅଗଷ୍ଟ ୧୩ ଯାଏ ଚାଲିବ। ଲୋକ ସଭାର ୪୦୩ ଏବଂ ରାଜ୍ୟ ସଭାର ୧୭୯ ସଦସ୍ୟ ଭାକ୍ସିନର ଉଭୟ ଡୋଜ୍ ନେଇସାରିଛନ୍ତି। ଏହି ଅଧିବେଶନରେ ୨୦ଟି କାର୍ଯ୍ୟଦିବସ ରହିବ। କୋଭିଡ୍-୧୯ ପ୍ରୋଟକଲ ଭିତରେ ଅଧିବେଶନ କିପରି ଚାଲିବ ସେ ନେଇ ସ୍ପଷ୍ଟ କରାଯାଇନାହିଁ। ମହାମାରୀ ମୁକାବିଲା ଓ ଟିକାକରଣରେ ବିଫଳତାକୁ ନେଇ ବିରୋଧୀ ଦଳଗୁଡ଼ିକ ପାର୍ଲାମେଣ୍ଟରେ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

### ଜାକୋବ୍ ଜୁମାଙ୍କୁ ଜେଲ



**ଜୋହାନ୍ସବର୍ଗ, ୨୯।୬:** ଏକ ଦୁର୍ନୀତି ମାମଲାରେ କୋର୍ଟରେ ହାଜର ହେବା ନିର୍ଦ୍ଦେଶକୁ ନ ମାନିବାରୁ ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜାକୋବ୍ ଜୁମାଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ୧୫ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୦୯ରୁ ୨୦୧୮ରେ ଜାକୋବ୍ ରାଷ୍ଟ୍ରପତି ଥିବାବେଳେ ତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିଥିଲା। ମାମଲାର ରାୟ ପ୍ରକାଶବେଳେ ମଧ ସେ କୋର୍ଟରେ ଉପସ୍ଥିତ ନ ଥିଲେ। ୫ ଦିନ ମଧରେ ସେ ତାଙ୍କ ହୋମ୍‌ଟାଉନ କ୍ୱାଜୁଲୁ ପ୍ରଦେଶର କାନ୍ଦଲା କିମ୍ବା ଜୋହାନ୍ସବର୍ଗ ଥାନାରେ ହାଜର ହେବାକୁ ନିର୍ଦ୍ଦେଶ ରହିଛି। କୌଣସି ପୂର୍ବତନ ରାଷ୍ଟ୍ରପତିଙ୍କୁ ଏଭଳି ଦଣ୍ଡାଦେଶ ମିଳିବା ଦକ୍ଷିଣ ଆଫ୍ରିକା ଇତିହାସରେ ପ୍ରଥମ।

### ଭାରତରେ ମଡର୍ନାକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୯।୬:** ଭାରତରେ ଚତୁର୍ଥ ଟିକା ଭାବେ ଆମେରିକା ପ୍ରସ୍ତୁତ ମଡର୍ନାର ଜରୁରିକାଳୀନ ବ୍ୟବହାର ପାଇଁ ଡ୍ରଗ୍ସ ନିୟନ୍ତ୍ରକ ଡିସିଜିଆଇ ମଞ୍ଜୁରୀ ଦେଇଛନ୍ତି। ଏହି ଟିକାର ଆମଦାନୀ ପାଇଁ ଭାରତର ଫାର୍ମା କମ୍ପାନୀ ସିପ୍ଲାକୁ ଅନୁମତି ମିଳିଛି। ପୂର୍ବରୁ ସିରମ୍ ଇନ୍‌ଷ୍ଟିଚ୍ୟୁଟର କୋଭିଶିଲ୍ଡ, ଭାରତ ବାୟୋଟେକ୍‌ର କୋଭାକ୍ସିନ ଓ ରୁଷିଆ ନିର୍ମିତ ସ୍ପୁଟ୍‌ନିକ-ଭି'କୁ ମଞ୍ଜୁରୀ ମିଳିସାରିଛି।

### ଟୁଇଟର ଏମ୍‌ଡିଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ, ୨୯।୬:** ଜମ୍ମୁ-କଶ୍ମୀର ଓ ଲଦାଖକୁ 'ଟ୍ୱିପ ଲାଇଫ୍'ରେ ଅଲଗା ଦେଶ ଦର୍ଶାଇ ନୂଆ ବିବାଦରେ ଫସିଛି ଟୁଇଟର। ୟୁପିର ବୁଲନ୍ଦସହର ଥାନାରେ ବଜରଙ୍ଗ ଦଳର ଜଣେ ନେତାଙ୍କ ଅଭିଯୋଗ କ୍ରମେ ଟୁଇଟର ଇଣ୍ଡିଆ ଏମ୍‌ଡି ମନୀଷ ମହେଶ୍ୱରୀଙ୍କ ନାଁରେ ମାମଲା ରୁଜୁ ହୋଇଛି। ସୋମବାର ଟୁଇଟର ଭାରତର ଭୁଲ ମାନଚିତ୍ର ଜାରି କରିଥିଲା। ତୀବ୍ର ସମାଲୋଚନା ପରେ ଏହାକୁ ହଟାଇ ଦେଇଥିଲା। ଅନ୍ୟପକ୍ଷେ ଚାଇଲ୍ଡ ପର୍ନୋଗ୍ରାଫି(ଶିଶୁଙ୍କୁ ନେଇ ଅଶ୍ଳୀଳ ଚଳଚ୍ଚିତ୍ର) ଆକ୍‌ସେସ୍‌କୁ ଅନୁମତି ଦେବା ଅଭିଯୋଗରେ ଏହି ମାଇକ୍ରୋ ବ୍ଲଗିଂ ପ୍ଲାଟଫର୍ମ ବିରୋଧରେ ଦିଲ୍ଲୀ ପୋଲିସ ଏଫ୍‌ଆଇଆର୍ ରୁଜୁ କରିଛି। ଶିଶୁଙ୍କ ଅଧିକାର ସୁରକ୍ଷା ପାଇଁ ଜାତୀୟ ଆୟୋଗଙ୍କ ଅଭିଯୋଗ କ୍ରମେ ପୋକ୍ସୋ ଆଇନ୍ ବଳରେ ମାମଲା ରୁଜୁ ହୋଇଛି।

# ବ୍ରାଜିଲରେ କୋଭାକ୍ସିନ ଝଡ଼




କୋଭିଡ୍ ମୃତକଙ୍କ ଗଣସମାଧି

ବ୍ରାଜିଲରେ କୋଭିଡ୍-୧୯ର ଭାରତୀୟ ଟିକା କୋଭାକ୍ସିନକୁ ନେଇ ଝଡ଼। ୪୫ ନିୟୁତ ଡଲାରର ଏକ ଚାଲାଣ ସାମ୍ନାକୁ ଆସିବା ପରେ ଭାକ୍ସିନ ଡିଲ୍ ବିବାଦରେ ଫସିଛନ୍ତି ରାଷ୍ଟ୍ରପତି ଜୈର ବୋଲସୋନାରୋ। ହାଇଦ୍ରାବାଦସ୍ଥିତ ଭାରତ ବାୟୋଟେକ୍ ପକ୍ଷରୁ ପ୍ରସ୍ତୁତ ୩୦ ଲକ୍ଷ ଡୋଜ୍ କୋଭାକ୍ସିନ ପଠାଇବା ପାଇଁ ସିଙ୍ଗାପୁରର ଏକ କମ୍ପାନୀ ସହ ଚୁକ୍ତି ହୋଇଥିଲେ ହେଁ ଏଯାଏ ବ୍ରାଜିଲରେ ଟିକା ପହଞ୍ଚିନାହିଁ।

## ବିବାଦରେ ବୋଲସୋନାରୋ

ରିଓ ଡି ଜେନିରୋ/ବ୍ରାସିଲିଆ,୨୯।୬

ବ୍ରାଜିଲରେ କରୋନା ମହାମାରୀ ୫.୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଇଥିବାବେଳେ ସମସ୍ତଙ୍କୁ ଚକିତ କରିଦେବା ଭଳି ଦୁର୍ନୀତି ମାମଲା ସାମ୍ନାକୁ ଆସିଛି। କୋଭାକ୍ସିନ ଟିକା ମଗାଇବା ପାଇଁ ଆର୍ଥିକ ଅନିୟମିତତାକୁ ପ୍ରଶ୍ରୟ ଦେବା ନେଇ ବିବାଦୀୟ ହୋଇଛନ୍ତି ଦକ୍ଷିଣପନ୍ଥୀ ରାଷ୍ଟ୍ରପତି ଜୈର ବୋଲସୋନାରୋ, ଯିଏକି ଦୁର୍ନୀତି ବିରୋଧୀ ଅଭିଯାନ ଚଳାଇ ୨୦୧୯ରେ କ୍ଷମତାକୁ ଆସିଥିଲେ। ତାଙ୍କ ବିରୋଧରେ ସୋମବାର ସୁପ୍ରିମକୋର୍ଟରେ ଏକ ଭ୍ରଷ୍ଟାଚାର ମାମଲା ଦାଏର ହୋଇଛି, ଯାହା ପ୍ରମାଣିତ ହେଲେ ପଦଚ୍ୟୁତ ହେବାକୁ ପଡ଼ିପାରେ। ଏହି କୋଭାକ୍ସିନ କିଣା ଦୁର୍ନୀତି ଅଭିଯୋଗ ରାଣ୍ଡୋଲ୍‌ଫେ ରୋଡ୍ରିଗୁଏସ୍‌ଙ୍କ ସମେତ ୩ ସିନେଟର ଆଣିଛନ୍ତି। ୩୨୦ ନିୟୁତ ଡଲାର (ପ୍ରାୟ ୨୩୭୭ କୋଟି ୮୯ ଲକ୍ଷ ୭୬ ହଜାର ଟଙ୍କା) ଡିଲ୍ ଦୁର୍ନୀତି ସମ୍ପର୍କରେ ବୋଲସୋନାରୋ ଜାଣି ସୁଦ୍ଧା ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ। ପ୍ରଶାସନର ମହାମାରୀ ମୁକାବିଲା ଦୁର୍ନୀତିର ତଦନ୍ତ କରୁଥିବା ସିନେଟର ଏକ କମିଶନ ଗତ ସପ୍ତାହରେ ଏନେଇ ପ୍ରଘଟ କରିବା ପରେ ଏହି ଆପରାଧିକ ମାମଲା ରୁଜୁ ହୋଇଛି। ସୋସିଆଲ ମିଡିଆରେ ଏବେ ହ୍ୟାଶ୍‌ଟ୍ୟାଗ୍ କୋଭାକ୍ସିନଗେଟ୍ ଟ୍ରେଣ୍ଡ କରୁଛି।

୨୦୨୧ ଏପ୍ରିଲରେ ଗଠିତ ସିନେଟ୍‌ର ଏକ ପ୍ୟାନେଲ ଆଗରେ ଗତ ଶୁକ୍ରବାର ବ୍ରାଜିଲ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ହ୍ୱିଶିଲ୍‌ବ୍ଲୋୟର ଲୁଇସ୍ ରିକାର୍ଡୋ ମିରାଣ୍ଡା ସାକ୍ଷ୍ୟ ଦେଇଛନ୍ତି। ମିରାଣ୍ଡାଙ୍କ କହିବା ହେଲା, ମାର୍ଚ୍ଚରେ ତାଙ୍କ ଟେବୁଲକୁ ୩୦ ଲକ୍ଷ ଡୋଜ୍ କୋଭାକ୍ସିନ ଆମଦାନୀ ଲାଗି ୪୫ ନିୟୁତ ଡଲାର ପଇଠ ପାଇଁ ଅନୁରୋଧ ଆସିଥିଲା। ବ୍ରାଜିଲରେ କୋଭାକ୍ସିନ ବ୍ୟବହାର ପାଇଁ ନିୟନ୍ତ୍ରକଙ୍କ ଅନୁମୋଦନ ମିଳି ନ ଥିବାବେଳେ ତାକୁ କିଣିବା ଲାଗି ଉପରିସ୍ଥ ଅଧିକାରୀମାନେ ଫୋନ୍ କରି ଅର୍ଥ ମଞ୍ଜୁର କରିବାକୁ ଚାପ ପକାଉଥିଲେ। କୋଭାକ୍ସିନ ଆମଦାନୀ ପାଇଁ ଉଦ୍ଦିଷ୍ଟ ଚୁକ୍ତିରେ ସିଙ୍ଗାପୁରସ୍ଥିତ କୌଣସି କମ୍ପାନୀର ନାମ ଉଲ୍ଲେଖ କରାଯାଇ ନ ଥିବାରୁ ମିରାଣ୍ଡା ଅର୍ଥ ପଇଠ କରିବାକୁ ମନା କରିଦେଇଥିଲେ ବୋଲି ସେ ପ୍ୟାନେଲ ଆଗରେ ସାକ୍ଷ୍ୟ ଦେଇଛନ୍ତି। ତେବେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହେଲା ଏବଂ ସରକାର ଉକ୍ତ ଡିଲ୍‌କୁ ରଦ୍ଦ କରିଦେଲେ।

୨୦୨୦ରେ ଫାଇଜର ପକ୍ଷରୁ କମ୍ ମୂଲ୍ୟରେ ଭାକ୍ସିନ ଯୋଗାଣ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ବୋଲସୋନାରୋ ସରକାର ଗ୍ରହଣ କରି ନ ଥିଲେ। ଭାରତ ବାୟୋଟେକ୍ ପ୍ରଥମେ ଡୋଜ୍ ପିଛା ୧.୩୪ ଡଲାର ପାଇଁ କୋଟେଶନ ଦେଇଥିଲା। କିନ୍ତୁ ସରକାର କୋଭାକ୍ସିନ ପ୍ରତି ଡୋଜ୍ ପାଇଁ ୧୫ ଡଲାର ଦେବାକୁ ରାଜି ହୋଇଥିଲେ। ମିରାଣ୍ଡା ଏହି ପ୍ରସଙ୍ଗ ନେଇ ନିଜ ଭାଇ ଲୁଇସ୍ ମିରାଣ୍ଡାଙ୍କ ପାଖକୁ ଯାଇଥିଲେ, ଯିଏକି ବୋଲସୋନାରୋଙ୍କ ଦଳର ଜଣେ ଏମ୍‌ପି। ମାର୍ଚ୍ଚ ୨୦ରେ ଦୁଇଭାଇ ରାଷ୍ଟ୍ରପତିଙ୍କୁ ଭେଟି ଏହି ବିଷୟ ଅବଗତ କରାଇଥିଲେ। ସେ କହିଥିଲେ, ଉକ୍ତ ଚୁକ୍ତିରେ ଚାଲାଣ ପଠାଇଥିବା କମ୍ପାନୀ ସମ୍ପର୍କରେ କିଛି ଉଲ୍ଲେଖ କରାଯାଇ ନ ଥିଲା। ନିଜକୁ ଏକ ଶେଲ୍ କମ୍ପାନୀ ରୂପେ ଉପସ୍ଥାପନ କରିଥିବା ମେଡିସନ୍ ବାୟୋଟେକ୍ ପକ୍ଷରୁ ଏହି ଚାଲାଣ ପଠାଯାଇଥିଲା। ରାଷ୍ଟ୍ରପତି ତାଙ୍କ ଆଖିକୁ ଦେଖି କହିଥିଲେ, ଏହା ଗମ୍ଭୀର। ଏଥିରେ ସେ ହସ୍ତକ୍ଷେପ କଲେ ବିବାଦ ସୃଷ୍ଟି ହେବ। ଏହା ହେଉଛି ନିମ୍ନ ସଦନରେ ତାଙ୍କ ମେଣ୍ଟର ନେତୃତ୍ୱ ନେଉଥିବା ପ୍ରଭାବଶାଳୀ ଆଇନପ୍ରଣେତା ରିକାର୍ଡୋ ବାରୋସ୍‌ଙ୍କ କାମ। ସେ ଏ ନେଇ ତଦନ୍ତ ନିର୍ଦ୍ଦେଶ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ହୋଇ ନ ଥିଲା। ଇତିମଧରେ ଆର୍ଟର୍ନି ଜେନେରାଲଙ୍କ ପ୍ରେସ୍ ଅଫିସରୁ ମିଳିଥିବା ଦସ୍ତାବିଜରୁ ଜଣାପଡ଼ିଛି ଯେ, ଗତ ଫେବୃୟାରୀରେ ସ୍ୱାକ୍ଷରିତ କଣ୍ଟ୍ରାକ୍ଟ ଅନୁସାରେ ବ୍ରାଜିଲରେ ଭାରତ ବାୟୋଟେକ୍‌ର ପ୍ରତିନିଧି ପ୍ରେସିସା ମେଡିକେମେଣ୍ଟୋସ୍‌କୁ ଟିକାର ପ୍ରତି ଡୋଜ୍ ପାଇଁ ୧୫ ଡଲାର ହିସାବରେ ୩୧ କୋଟି ଡଲାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦେବ।

> ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ଏତେ ବଡ଼ ଦୁର୍ନୀତି ହୋଇଛି। ରାଷ୍ଟ୍ରପତି ଏହି ବିଷୟ ଜାଣି ସୁଦ୍ଧା କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ତେଣୁ ତାଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଆପରାଧିକ ମାମଲା ରୁଜୁ ଲାଗି ଅଭିଯୋଗ ଆଣିଛି।
> **–ରାଣ୍ଡୋଲ୍‌ଫେ ରୋଡ୍ରିଗୁଏସ୍, ସିନେଟ୍ କମିଶନ୍ ଉପାଧ୍ୟକ୍ଷ**

### କ'ଣ କହୁଛି ଭାରତ ବାୟୋଟେକ୍

ଭାରତ ବାୟୋଟେକ୍ ପକ୍ଷରୁ ଏକ ବିବୃତି ଜାରି କରି ଅଭିଯୋଗକୁ ଖଣ୍ଡନ କରାଯାଇଛି। କୋଭାକ୍ସିନ ଯୋଗାଣ ସମ୍ପର୍କିତ କୌଣସି ଭୁଲ୍ କାର୍ଯ୍ୟ ହୋଇନାହିଁ। ମେଡିସନ୍ ବାୟୋଟେକ୍ ଏହାର ଗ୍ଲୋବାଲ ସେଲ୍ସ ଏବଂ ମାର୍କେଟିଂ ୟୁନିଟ୍ ବୋଲି ମଧ ଏଥିରେ କୁହାଯାଇଛି। ପୂର୍ବରୁ ବିଦେଶୀ ସରକାରଙ୍କ ପାଇଁ କୋଭାକ୍ସିନ ଡୋଜ୍ ପିଛା ୧୫ରୁ ୨୦ ଡଲାର ସ୍ଥିର କରାଯାଇଥିଲା। ବ୍ରାଜିଲ ସହ ଏହି ରେଞ୍ଜରେ କଣ୍ଟ୍ରାକ୍ଟ କରାଯାଇଥିଲା। ତେବେ ଆନୁଷ୍ଠାନିକ ଭାବେ ଟିକା ଯୋଗାଣ ପାଇଁ ବ୍ରାଜିଲ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଅର୍ଡର ମିଳି ନ ଥିବାରୁ ତାହା ପଠାଯାଇ ନାହିଁ। ଅନ୍ୟପକ୍ଷେ ଭାରତ ବାୟୋଟେକ୍‌କୁ ଆଦୌ ଅର୍ଥ ପଇଠ କରାଯାଇ ନାହିଁ। ଏହି ପ୍ରସଙ୍ଗ ଏବେ ଆଇନଗତ ସମୀକ୍ଷା ଅଧୀନରେ ଥିବା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

### ପ୍ରଭାବିତ ହେବ ବୋଲସୋନାରୋଙ୍କ କ୍ୟାରିୟର

ଉଭୟ ବୋଲସୋନାରୋ ଏବଂ ତାଙ୍କ ସହଯୋଗୀ ରିକାର୍ଡୋ ବାରୋସ୍ କିଛି ଭୁଲ୍ କାମ କରି ନ ଥିବା କହିଛନ୍ତି। ମିରାଣ୍ଡା ବ୍ରଦର୍ସଙ୍କ ବିରୋଧରେ ବୋଲସୋନାରୋ ଅପପ୍ରଚାର ଅଭିଯୋଗ ଆଣିଛନ୍ତି। କୋଭାକ୍ସିନ ଉପରେ କିଛି ଖର୍ଚ୍ଚ କରାଯାଇ ନାହିଁ କି ଏହାର ଗୋଟିଏ ଡୋଜ୍ ମଧ ଗ୍ରହଣ କରାଯାଇ ନାହିଁ। ତେଣୁ ଏହା କେଉଁ ପ୍ରକାର ଦୁର୍ନୀତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହା ସତ୍ତ୍ୱେ ଉକ୍ତ ବିବାଦ ବୋଲ୍‌ସୋନାରୋଙ୍କ ରାଜନୈତିକ କ୍ୟାରିୟରକୁ ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କୋଭିଡ୍ ମୁକାବିଲାରେ ବିଫଳତାକୁ ନେଇ ବୋଲ୍‌ସୋନାରୋ ଚାରିଆଡ଼େ ସମାଲୋଚିତ ହେଉଥିବାବେଳେ ୨୦୨୨ ରାଷ୍ଟ୍ରପତି ନିର୍ବାଚନ ଲାଗି ଏହି ଦୁର୍ନୀତି ପ୍ରସଙ୍ଗ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ବାମପନ୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କଠାରୁ ଦୌଡ଼ରେ ସେ ବହୁ ପଛରେ ପଡ଼ିଯାଇଛନ୍ତି।

## ପୁଣି ଉଡ଼ିଲା ଡ୍ରୋନ୍: ଏନ୍‌ଆଇଏକୁ ତଦନ୍ତ ଭାର

**ଶ୍ରୀନଗର/ନୂଆଦିଲ୍ଲୀ, ୨୯।୬:** ଜମ୍ମୁସ୍ଥିତ ଭାରତୀୟ ବାୟୁସେନା (ଆଇଏଏଫ୍)ର ସାମରିକ ଘାଟିରେ ଡ୍ରୋନ୍ ଆକ୍ରମଣର ୨୪ ଘଣ୍ଟା ପୂରିବା ପୂର୍ବରୁ ରବିବାର ରାତିରେ କାଲଚୁକ-ରତ୍ନୁଚୁକ୍ ମିଲିଟାରୀ ଷ୍ଟେଶନ ନିକଟରେ ଆଉ ଦୁଇଟି ଡ୍ରୋନ୍‌କୁ ସେନା ଗୁଳି କରି ଖସାଇ ଦେଇଥିଲା। ରତ୍ନୁଚକ୍-କୁଞ୍ଜୱାନି ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଆହୁରି ଡ୍ରୋନ ଉଡୁଥିବା ଠାବ କରାଯାଇଛି। ରାତି ପ୍ରାୟ ୧:୦୮ରେ ଏବଂ ଭୋର ୩:୦୯ରେ ରତ୍ନୁଚୁକଠାରେ ଡ୍ରୋନଟି ପ୍ରଥମେ ଉଡୁଥିବା ଦେଖିବାକୁ ମିଳିଥିଲା। କୁଞ୍ଜୱାନିଠାରେ ମଙ୍ଗଳବାର ଭୋର ପ୍ରାୟ ୪ଟା ୧୯ରେ ଏହାକୁ ପୁଣି ଠାବ କରାଯାଇଥିଲା। ଆଇଏଏଫ୍ ଘାଟି ଆକ୍ରମଣର ତଦନ୍ତ ଦାୟିତ୍ୱ ଜାତୀୟ ତଦନ୍ତକାରୀ ସଂସ୍ଥା


ପ୍ରତୀକାତ୍ମକ ଫଟୋ

(ଏନ୍‌ଆଇଏ)କୁ ଦିଆଯାଇଛି। ଏହି ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା ସନ୍ଦେହ କରାଯାଉଛି। ଡ୍ରୋନ ଦ୍ୱାରା ଫିଙ୍ଗାଯାଇଥିବା ବିସ୍ଫୋରକରେ ଆର୍‌ଡିଏକ୍ସ ବ୍ୟବହାର ହୋଇଥିବା କୁହାଯାଉଛି। ଭାରତରେ ଆର୍‌ଡିଏକ୍ସ ଉପଲବ୍ଧ ନ ଥିବାରୁ ପାକିସ୍ତାନ ଚାଇନା ନିର୍ମିତ ଡ୍ରୋନ୍ ମାଧ୍ୟମରେ ଏହି ଆକ୍ରମଣ କରାଇଥିବା ସନ୍ଦେହ କରାଯାଉଛି।

ସେପଟେ ଜାତିସଂଘରେ ଭାରତ ଆକ୍ରମଣ ପ୍ରସଙ୍ଗ ଉଠାଇଛି। ଆତଙ୍କବାଦୀ କାର୍ଯ୍ୟକଳାପରେ ମାନବରହିତ ଯାନ ତଥା ଡ୍ରୋନ ବ୍ୟବହାରକୁ ଗମ୍ଭୀରତା ସହ ନିଆଯାଉ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ (ଆଭ୍ୟନ୍ତରୀଣ ସୁରକ୍ଷା) ଭି. ଏସ୍. କେ. କଉମୁଦି ଜାତିସଂଘର ସାଧାରଣ ସଭାରେ କହିଛନ୍ତି। ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଇଣ୍ଟରନେଟ, ସୋସିଆଲ ମିଡିଆର ଅପବ୍ୟବହାର କରିବା, କ୍ରାଉଡ୍ ଫଣ୍ଡି ମାଧ୍ୟମରେ ବିପୁଳ ଅର୍ଥ ସଂଗ୍ରହ କରିବା ସହ କ୍ୟାଡରରେ ନିଯୁକ୍ତି ପାଇଁ ସାମାଜିକ ଗଣମାଧ୍ୟମ ଯୋଗେ ବିଜ୍ଞାପନ ମଧ ଦେଉଛନ୍ତି। ସେମାନେ ଏବେ ଅତି ସହଜରେ ଉପଲବ୍ଧ ଡ୍ରୋନ ଜରିଆରେ ଆତ୍ମଘାତୀ କାର୍ଯ୍ୟ ବଦଳରେ ସାମରିକ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରୁଛନ୍ତି ବୋଲି କଉମୁଦି କହିଛନ୍ତି।

## ଲଶ୍କର କମାଣ୍ଡର ନିହତ

**ଶ୍ରୀନଗର, ୨୯।୬:** ଜମ୍ମୁ-କଶ୍ମୀରର ପାରିମ୍ପୋରାରେ ଲଶ୍କର-ଇ-ତୋଇବା କମାଣ୍ଡର ନଦୀମ ଅବ୍‌ରାର୍ ଓ ଜଣେ ପାକିସ୍ତାନୀ ଆତଙ୍କବାଦୀ ମଙ୍ଗଳବାର ଭୋର୍ ସମୟରେ ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ଅନେକ ହତ୍ୟା କରିଥିବା ନଦୀମଙ୍କୁ ସୋମବାର ଚେକ୍‌ପୋଷ୍ଟରେ ଯାନବାହନ ଯାଞ୍ଚବେଳେ ଧରାଯାଇଥିଲା। ସେ ମାଲୁରାରେ ଏକେ-୪୭ ରାଇଫଲ ରଖିଥିବା ଜେରାବେଳେ ସ୍ୱୀକାର କରିଥିଲେ। ପରେ ତାଙ୍କୁ ଏକେ-୪୭ ରଖିଥିବା ଘରକୁ ନିଆଯାଇଥିବାବେଳେ ସେଠାରେ ଲୁଚିଥିବା ପାକିସ୍ତାନୀ ଆତଙ୍କବାଦୀମାନେ ସୁରକ୍ଷାବଳ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ୩ ସିଆରପିଏଫ୍ ଯବାନ ଆହତ ହୋଇଥିଲେ। ଜବାବୀ କାର୍ଯ୍ୟାନୁଷ୍ଠାନରେ ଅବ୍‌ରାର ଓ ତାଙ୍କର ଜଣେ ପାକିସ୍ତାନୀ ସହଯୋଗୀ ଟଳି ପଡ଼ିଥିଲେ।


ଶ୍ରୀନଗରସ୍ଥିତ ମାଲୁରାରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ଏକ ଘର।

# ସେଣ୍ଟ୍ରାଲ ଭିଷ୍ଟା: ଏତେ ବିବାଦ କାହିଁକି

ନୂଆଦିଲ୍ଲୀ,୨୯।୬

ନୂଆଦିଲ୍ଲୀର ସର୍ବାଧିକ ସୁରକ୍ଷା ବଳୟରେ ଥିବା ରାଇସିନା ହିଲ୍‌ରେ ନିର୍ମାଣାଧୀନ ସେଣ୍ଟ୍ରାଲ ଭିଷ୍ଟା ରିଡେଭେଲପ୍‌ମେଣ୍ଟ ପ୍ରୋଜେକ୍ଟ କିଛିଦିନ ହେଲା ବେଶ୍ ଚର୍ଚ୍ଚା ସାଉଣ୍ଟୁଛି। ବ୍ରିଟିଶ ଶାସନ ଅମଳରେ ସାର୍ ଏଡ୍‌ୱିନ୍ ଲୁଟିଏନ୍ସ ଏବଂ ସାର୍ ହର୍ବର୍ଟ ବର୍କର ଡିଜାଇନ କରିଥିବା ଏହି ସ୍ଥାପତ୍ୟାଞ୍ଚଳ ସ୍ୱାଧୀନତା ପରେ ଭାରତ ସରକାରଙ୍କ ହାତକୁ ଆସିଥିଲା। ୨୦ ହଜାର କୋଟି ଟଙ୍କା ବ୍ୟୟରେ ମେଗା ପ୍ରୋଜେକ୍ଟର ପୁନର୍ନିର୍ମାଣ ଓ ନବୀକରଣ କାର୍ଯ୍ୟ ୨୦୧୯ ସେପ୍ଟେମ୍ବରରେ ଆରମ୍ଭ ହୋଇଥିବାବେଳେ ୨୦୨୪ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଗୃହନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ରାଜପଥ, ରାଷ୍ଟ୍ରପତି ଭବନ ଓ ଇଣ୍ଡିଆ ଗେଟ୍ ମଝିରେ ଥିବା ୩ କି.ମି. ବିସ୍ତୃତ ଉକ୍ତ ହାଇ ସିକ୍ୟୁରିଟି ଜୋନ୍‌କୁ ନୂଆ ରୂପ ଦେବା, ନର୍ଥ ବ୍ଲକ୍-ସାଉଥ୍ ବ୍ଲକ୍‌କୁ ଜାତୀୟ ସଂଗ୍ରହାଳୟରେ ସଜାଯିବା ସହ ସମସ୍ତ



ମନ୍ତ୍ରୀଙ୍କ ପାଇଁ ନୂଆ ସେକ୍ରେଟାରିଏଟ୍ ବିଲ୍ଡିଂ ପ୍ରତିଷ୍ଠା କରାଯାଉଛି। ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଲାଗି ନୂଆ ଅଫିସ ଓ ସରକାରୀ ବାସଭବନ କାର୍ଯ୍ୟ ଚାଲିଛି। ୨୦୨୬ରେ ସାଂସଦମାନଙ୍କ ସଂଖ୍ୟା ବଢ଼ାଯିବା ଲକ୍ଷ୍ୟରେ ବର୍ଦ୍ଧିତ ଧାରଣ କ୍ଷମତା ସମ୍ପନ୍ନ ପାର୍ଲାମେଣ୍ଟର ନୂଆ ବିଲ୍ଡିଂ ନିର୍ମାଣ ହେଉଛି। ମୋଦି ସରକାରଙ୍କ ଏହି ଡ୍ରିମ୍ ପ୍ରୋଜେକ୍ଟକୁ ନେଇ ବିବାଦ ମୁଣ୍ଡ ଟେକିଛି। ଜାତୀୟ ରାଜଧାନୀରେ ସ୍ୱାସ୍ଥ୍ୟ ସୁବିଧା ଅଭାବରୁ ଲୋକେ ମରୁଥିବାବେଳେ ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ କାର୍ଯ୍ୟ ମହାମାରୀରେ ମଧ ଅଟକିନାହିଁ। ଏହାକୁ 'ଜରୁରୀ ସେବା' ଘୋଷଣା କରାଯାଇଛି। ଲକ୍‌ଡାଉନ ଜାରି ସତ୍ତ୍ୱେ ଏଥିରେ ନିୟୋଜିତ ୧୫୦୦ ଶ୍ରମିକଙ୍କ କାମ ନ ଅଟକାଇବା ପାଇଁ ସୁନିଶ୍ଚିତ କରାଯାଇଛି। ଖରାରେ ନିର୍ମାଣ କାର୍ଯ୍ୟ ଚାଲୁ ରଖିବା ପାଇଁ ଦିଲ୍ଲୀ ପୋଲିସ ଅନୁମତି ଦେଇଛି।

### କଂଗ୍ରେସର ସମାଲୋଚନା, କେନ୍ଦ୍ରର ଯୁକ୍ତି

ସେଣ୍ଟ୍ରାଲ ଭିଷ୍ଟାକୁ କଂଗ୍ରେସ 'ମୋଦି ମହଲ' କହି ମହାମାରୀ ବେଳେ ଏହାର ନିର୍ମାଣ ପାଇଁ ୨୦ ହଜାର କୋଟି ଟଙ୍କା କାହିଁକି ଖର୍ଚ୍ଚ କରାଯାଉଛି ବୋଲି ପ୍ରଶ୍ନ କରିଛି। ଏହି ନ୍ୟାଶନାଲ ପାୱାର କରିଡରକୁ ନେଇ ବିବାଦ ଲାଗି ରହିଥିବାବେଳେ କେନ୍ଦ୍ର କହୁଛି, ରାଇସିନା ହିଲ୍‌ରେ ଓ ରାଜପଥକୁ ଲାଗି ରହିଥିବା କୋଠାଗୁଡ଼ିକର ପୁନଃ ନିର୍ମାଣ ଆବଶ୍ୟକତା ବଢ଼ିଗଲାଣି। ଏହି ବିଲ୍ଡିଂଗୁଡ଼ିକ ଏବେ ପର୍ଯ୍ୟାପ୍ତ ସ୍ଥାନ, ସୁବିଧା ଓ ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ନୁହେଁ। ନୂଆ ସଂସଦ ଭବନ ଜରୁରୀ। ବହୁ ସଂଖ୍ୟକ ବିଦେଶୀ ଏହି ଅଞ୍ଚଳକୁ ଆସୁଥିବାରୁ ଏହାକୁ ବିଶ୍ୱସ୍ତରୀୟ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ କରିବାକୁ ହେଲେ ସୌନ୍ଦର୍ଯ୍ୟ ବୃଦ୍ଧି କରାଯିବା ଦରକାର ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଛି।

### ଆବେଦନକାରୀଙ୍କୁ ଲକ୍ଷେ ଜରିମାନା

**ନିର୍ମାଣ ବନ୍ଦ ପିଆଇଏଲ୍ ସୁପ୍ରିମକୋର୍ଟରେ ଖାରଜ**

ମହାମାରୀ ବେଳେ ସେଣ୍ଟ୍ରାଲ ଭିଷ୍ଟାର ନିର୍ମାଣ ଉପରେ ରୋକ ଲଗାଇବା ଲାଗି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରିବାକୁ ମେ ୩୧ରେ ଦିଲ୍ଲୀ ହାଇକୋର୍ଟ ମନା କରିଦେବା ପରେ ଅନୁବାଦକ ଅନ୍ୟା ମାଲହୋତ୍ରା ଓ ଐତିହାସିକ ତଥା ଡକ୍ୟୁମେଣ୍ଟାରି ଫିଲ୍ମ ପ୍ରଯୋଜକ ସୋହାଇଲ୍ ହାସ୍‌ମି ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଏମ୍.ଏ. ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ଆବେଦନକାରୀ ନିର୍ଦ୍ଦିଷ୍ଟ ଭାବେ ସେଣ୍ଟ୍ରାଲ ଭିଷ୍ଟା ପ୍ରୋଜେକ୍ଟକୁ ଟାର୍ଗେଟ କରିଥିବାରୁ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରାଯିବ କନାହିଁ। ଲକ୍‌ଡାଉନ୍‌ରେ ଦିଲ୍ଲୀରେ ଅନ୍ୟ ସରକାରୀ ପ୍ରକଳ୍ପକୁ ମଧ ମଞ୍ଜୁରୀ ଦିଆଯାଇଛି। ଆବେଦନକାରୀ ସେଗୁଡ଼ିକ ସମ୍ପର୍କରେ ଚିନ୍ତା କରୁନାହାନ୍ତି। ତେଣୁ ହାଇକୋର୍ଟ ଏହାକୁ ଉଦ୍ଦେଶ୍ୟମୂଳକ ବୋଲି ଅଭିହିତ କରିଛନ୍ତି। ଆବେଦନକାରୀଙ୍କ ଏପରି ବ୍ୟବହାରକୁ ନେଇ ଲକ୍ଷେ ଟଙ୍କା ଜରିମାନା କଲେ ମଧ ତାହା କମ୍। ପ୍ରକାଶ ଯେ, ହାଇକୋର୍ଟ ଦିଲ୍ଲୀ ଷ୍ଟେଟ୍ ଲିଗାଲ୍ ସର୍ଭିସେସ୍ ଅଥରିଟିଙ୍କ ନିକଟରେ ୪ ସପ୍ତାହ ମଧରେ ୧ ଲକ୍ଷ ଟଙ୍କା ଜମା ଦେବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯାହା ଉପରେ ମଙ୍ଗଳବାର ସୁପ୍ରିମକୋର୍ଟ ମୋହର ଲଗାଇଛନ୍ତି। ଆଗକୁ ସେଣ୍ଟ୍ରାଲ ଭିଷ୍ଟା ଉପରେ ଯେମିତି କେହି ପ୍ରଶ୍ନ ଉଠାଇବେ ନାହିଁ, ସେଥିଲାଗି ଏଭଳି ଅର୍ଥଦଣ୍ଡ ଦିଆଯାଇଥିବା କୁହାଯାଉଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୩୦/୨୦୨୧ | Bhubaneswar, Wednesday, June 30/2021 | ପୃଷ୍ଠା-୧




## ମେସିଙ୍କ ଡବଲ ଗୋଲ

ଲିଓନେଲ ମେସିଙ୍କ ଡବଲ ଗୋଲ ବଳରେ ଆର୍ଜେଣ୍ଟିନା କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ବଲିଭିଆକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

୦୭

୦୮

## ପୋଷାକ ନିଲାମ କରିବେ ଅନୁଷ୍କା

ଗର୍ଭବତୀ ଥିବା ସମୟରେ ପିନ୍ଧିଥିବା ପୋଷାକକୁ ନିଲାମ କରିବେ ବୋଲି ଅଭିନେତ୍ରୀ ଅନୁଷ୍କା ଶର୍ମା କହିଛନ୍ତି।



# ଅଫ୍‌ଲାଇନ ପରୀକ୍ଷା ଶେଷ ବିକଳ୍ପ

- ୫ରୁ ଫର୍ମ ପୂରଣ, ଜୁଲାଇରେ ପରୀକ୍ଷା
- ମୂଲ୍ୟାୟନ ସଂଶୋଧନ ଜିଦ୍‌ରେ ଅଟଳ ଛାତ୍ରୀଛାତ୍ର
- ଆଇନର ଆଶ୍ରୟ ନେବୁ: ଅସନ୍ତୁଷ୍ଟ

**କଟକ ଅଫିସ,୨୯।୬**

ମାଟ୍ରିକ ପରୀକ୍ଷାଫଳକୁ ନେଇ ସାରା ରାଜ୍ୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମୂଲ୍ୟାୟନରେ ତ୍ରୁଟି ଥିବା ଦର୍ଶାଇ ଛାତ୍ରୀଛାତ୍ର, ଅଭିଭାବକ ରାସ୍ତାକୁ ଓହ୍ଲାଇଛନ୍ତି। ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ସଂଶୋଧନ ଦାବିରେ ଗତ ୨ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ ଓ ଆନ୍ଦୋଳନ ଜାରି ରହିଛି। ସ୍ଥିତି ଏପରି ହୋଇଛି ଯେ ବୋର୍ଡ କର୍ତ୍ତୃପକ୍ଷ ଅଫ୍‌ଲାଇନ ପରୀକ୍ଷାକୁ ଶେଷ ବିକଳ୍ପ ଭାବେ ଗ୍ରହଣ କରିଛନ୍ତି। ବୋର୍ଡ ପକ୍ଷରୁ ହୋଇଥିବା ମୂଲ୍ୟାୟନରେ ଯେଉଁ ପିଲା ଅସନ୍ତୁଷ୍ଟ ଅଛନ୍ତି ସେମାନେ ଫର୍ମ ପୂରଣ କରି ଅଫ୍‌ଲାଇନ ପରୀକ୍ଷା ଦେଇପାରିବେ। ଜୁଲାଇ ୫ତାରିଖରୁ ଫର୍ମ ଫିଲପ୍ ଆରମ୍ଭ ହେବ। ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ୧୦ ଦିନ ସମୟ ମିଳିବ। ଯଦିଓ ପରୀକ୍ଷା ପାଇଁ କୌଣସି ତାରିଖ ଘୋଷଣା ହୋଇ ନାହିଁ ତଥାପି କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ଜୁଲାଇରେ ପରୀକ୍ଷା କରାଯିବ। ପରୀକ୍ଷା ଶେଷ ହେବାର ୧୫ଦିନ ମଧ୍ୟରେ ଫଳାଫଳ ପ୍ରକାଶ ପାଇବ। ଆଉ ସେହି ପରୀକ୍ଷା ଫଳ ଚୂଡ଼ାନ୍ତ ବୋଲି ଧରାଯିବ। ଉକ୍ତ ମାର୍କ ଅନୁଯାୟୀ ଛାତ୍ରୀଛାତ୍ରମାନେ ଯୁକ୍ତ ୨ରେ ନାମ ଲେଖାଇବେ ବୋଲି ମଙ୍ଗଳବାର ବୋର୍ଡ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ଏଥିସହ ବୋର୍ଡ ପକ୍ଷରୁ ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇନାହିଁ। ମୂଲ୍ୟାୟନ ପଦ୍ଧତି ନେଇ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ହାଜରା କହିଛନ୍ତି।

ସେହିଭଳି ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି, ସ୍କୁଲ୍‌ଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ଗତ ୪ବର୍ଷର ପ୍ରଦର୍ଶନକୁ ବିଚାର କରି ମାର୍କ ଦିଆଯାଇଛି। ଏନେଇ ସମସ୍ତ ସୂଚନା ବୋର୍ଡ ୱେବ୍‌ସାଇଟରେ ଉପଲବ୍ଧ ରହିଥିଲା। ଏଥିସହ ମୂଲ୍ୟାୟନ ନେଇ ବହୁ ଶିକ୍ଷାବିତ୍ ଓ ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ☞ପୃଷ୍ଠା-୨

# ୪ରୁ ଅଧିକ ଥର ଟଙ୍କା ଉଠାଇଲେ ଲାଗିବ ଚାର୍ଜ

- ୧୫ରୁ ୭୫ ଟଙ୍କା ଦେବାକୁ ପଡ଼ିବ
- ଜୁଲାଇ ୧ରୁ ଲାଗୁ

**ନୂଆଦିଲ୍ଲୀ,୨୯।୬:** କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ଓ ମହାମାରୀ କରୋନା ଯୋଗୁ ଦେଶବାସୀ ଗୁରୁତର ଆର୍ଥିକ ଚାପରୁ ମୁକୁଳିପାରୁନାହାନ୍ତି। ଏଭଳିସ୍ଥଳେ ବ୍ୟାଙ୍କରେ ସଞ୍ଚିତ ଅର୍ଥକୁ ସାଧାରଣ ଲୋକେ ଯେଭଳି ନ ଉଠାଇପାରିବେ ସେଥିଲାଗି ଜୋରଦାର ଉଦ୍ୟମ ହୋଇଆସୁଛି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ଡିଜିଟାଲ ଟ୍ରାଞ୍ଜାକ୍ସନ ପ୍ରୋତ୍ସାହନ ଏକପ୍ରକାର ବିଫଳ ହୋଇଥିବାବେଳେ ବ୍ୟାଙ୍କ ଜରିଆରେ ନଗଦ ଟଙ୍କା କାରବାରକୁ ରୋକିବା ପାଇଁ ପ୍ରୟାସ ହେଉଛି। ଏହି ପରିପ୍ରେକ୍ଷୀରେ ଦେଶର ସବୁଠାରୁ ବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ନୂଆ ଉଠାଣ ନିୟମ ଜାରି କରାଯାଇଛି। ବ୍ୟାଙ୍କ ଏହାର ବେସିକ୍ ସେଭିଙ୍ଗସ୍ ବ୍ୟାଙ୍କ ଡିପୋଜିଟ୍ (ବିଏସ୍‌ବିଡି) ଆକାଉଣ୍ଟ ଗ୍ରାହକଙ୍କୁ ମାସକୁ ୪ ଥର ଫ୍ରି ଟ୍ରାଞ୍ଜାକ୍ସନ ସୁବିଧା ମିଳିବ। ଏହି ସୀମାଠାରୁ ଯଦି ଅଧିକ ଥର ନେଣଦେଣ କରାଯାଏ ତେବେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ମିଶ୍ରିତ ଶିକ୍ଷା

# ନୂଆ ବନ୍ଦର ବିଲ୍‌କୁ ଓଡ଼ିଶାର ବିରୋଧ

## ଛୋଟ ବନ୍ଦର କ୍ଷମତା ଛଡ଼ାଇ ନେବାକୁ ଚକ୍ରାନ୍ତ: ମନ୍ତ୍ରୀ

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ଭାରତୀୟ ବନ୍ଦର ଆଇନ-୧୯୦୮କୁ ବଦଳାଇ ନୂତନ ଆଇନ ଆଣିବାକୁ କେନ୍ଦ୍ର ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏ ନେଇ କେନ୍ଦ୍ର ସରକାର ଭାରତୀୟ ବନ୍ଦର ବିଲ୍ -୨୦୨୧ ଚିଠା (ଡ୍ରାଫ୍ଟ) ପ୍ରସ୍ତୁତ କରିଛନ୍ତି। ଏହା ଉପରେ ମତାମତ ଦେବାକୁ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କଠାରୁ ମତାମତ ଲୋଡ଼ାଯାଇଛି। ଏହି ବିଲ୍‌ରେ କେନ୍ଦ୍ର ସରକାର ରାଜ୍ୟଠାରୁ ଛୋଟ ବନ୍ଦରଗୁଡ଼ିକ ଉପରୁ କ୍ଷମତା ଛଡ଼ାଇ ନେବା ସହ ଓଡ଼ିଶା ରାଜ୍ୟ ସାମୁଦ୍ରିକ ବୋର୍ଡକୁ ଅକାମୀ କରିଦେବାକୁ ଷଡ଼ଯନ୍ତ୍ର କରିଛନ୍ତି। ଏହି ବିଲ୍ କାର୍ଯ୍ୟକାରୀ ହେଲେ ରାଜ୍ୟରେ ଥିବା ଛୋଟ ବନ୍ଦରଗୁଡ଼ିକର ସମ୍ପୂର୍ଣ୍ଣ ପରିଚାଳନା କ୍ଷମତା କେନ୍ଦ୍ର ହାତକୁ ଚାଲିଯିବ। ଏହି ବିଲ୍‌କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଛି। ମଙ୍ଗଳବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏନେଇ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କୁ ଚିଠି ଲେଖି ଆପତ୍ତି ଉଠାଇଛନ୍ତି।

ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟ ସରକାର ଛୋଟ ବନ୍ଦରଗୁଡ଼ିକର ଉତ୍ତମ ପରିଚାଳନା ପାଇଁ ଓଡ଼ିଶା ରାଜ୍ୟ ସାମୁଦ୍ରିକ ବୋର୍ଡ ଗଠନ କରିଛନ୍ତି। ୨୦୨୧ ଫେବୃୟାରୀରେ ବିଧାନସଭା ଦ୍ୱାରା ଏହାକୁ ଅନୁମୋଦନ କରାଯାଇ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟକୁ ପଠାଯାଇଛି। ଏହି ବୋର୍ଡ ଏବେ ରାଷ୍ଟ୍ରପତିଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। ☞ପୃଷ୍ଠା-୨

# ୨୪ ଜିଲାରେ ପେଟ୍ରୋଲ ୧୦୦ ଟପିଲା

## ୫ ଜିଲାରେ ଡିଜେଲ ୧୦୦ ଟଙ୍କା ଉପରେ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୯।୬**



ଦିନକର ବିରତି ପରେ ପୁଣି ଥରେ ତୈଳ ଦର ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ରାଜ୍ୟର ୨୪ ଜିଲାରେ ପେଟ୍ରୋଲ ୧୦୦ ଟଙ୍କା ପାର କରିଛି। ନୟାଗଡ଼ରେ ପେଟ୍ରୋଲ ମୂଲ୍ୟ ୧୦୦ ଥିବାବେଳେ ମାଲକାନଗିରିରେ ସର୍ବାଧିକ ୧୦୫ ଟଙ୍କାରେ ବିକ୍ରି ହେଉଛି। ସେହିପରି ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଏବଂ ମାଲକାନଗିରି ଭଳି ୫ ଜିଲାରେ ଡିଜେଲ ମୂଲ୍ୟ ୧୦୦ ଟପିଯାଇଥିବା ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି। ☞ପୃଷ୍ଠା-୨

# ମହିଳା ଡାକ୍ତରଙ୍କୁ ବଳାତ୍କାର

**ଛେଣ୍ଡିପଦା,୨୯।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ସୋମବାର ବିଳମ୍ବିତ ରାତିରେ ତାଙ୍କ କ୍ୱାର୍ଟର୍ସରେ ବଳାତ୍କାର କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ. ୩୦୮/୨୧ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ମହିଳା ଡାକ୍ତର ଜଣକ ଭାଇଙ୍କ ସହ ଉକ୍ତ ମେଡିକାଲ କ୍ୱାର୍ଟର୍ସରେ ରହୁଥିଲେ। ସୋମବାର ରାତିରେ ସେ ଡ୍ୟୁଟି ସାରି କ୍ୱାର୍ଟର୍ସରେ ଥିବାବେଳେ ଭାଇ ଖାଇବାକୁ ବାହାରକୁ ଯାଇଥିଲେ। ରାତି ପ୍ରାୟ ୧୨ଟା ୫ରେ ସ୍ଥାନୀୟ ଅଞ୍ଚଳର ଏକ ହୋଟେଲ ମାଲିକଙ୍କ ପୁଅ ଖାଦ୍ୟ ପାର୍ସଲ ଦେବାକୁ ମେଡିକାଲ କ୍ୱାର୍ଟର୍ସକୁ ଆସିଥିଲେ। ମହିଳା ଡାକ୍ତର କବାଟ ଖୋଲିବା ମାତ୍ରେ ଅଭିଯୁକ୍ତ ଘର ମଧ୍ୟକୁ ଜବରଦସ୍ତି ପ୍ରବେଶ କରିବା ସହ ତାଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଥାନାରେ ଅଭିଯୋଗ କଲେ ଜୀବନରୁ ମାରିଦେବାକୁ ଅଭିଯୁକ୍ତ ଧମକ ଦେଇଥିଲେ। ଏହି ସମୟରେ ମହିଳା ଡାକ୍ତରଙ୍କ ଭାଇ କ୍ୱାର୍ଟର୍ସରେ ପହଞ୍ଚିଯିବାରୁ ଅଭିଯୁକ୍ତ ତାଙ୍କୁ ଧକ୍କା ମାରି ଫେରାର ହୋଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଥାନା ଅଧିକାରୀ ସୁଶାନ୍ତ ସିଂ କହିଛନ୍ତି, ଅପରାହ୍ନ ୧ଟା ୪୫ରେ ମହିଳା ଡାକ୍ତର ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ତୁରନ୍ତ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।




**ଆଜିର ମନ୍ତବ୍ୟ**
"ପଞ୍ଜାବରେ ଆମ୍ ଆଦମୀ ପାର୍ଟି କ୍ଷମତାକୁ ଆସିଲେ ପ୍ରତି ଘରକୁ ୩ ଶହ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦିଆଯିବା
–ଅରବିନ୍ଦ କେଜରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ନାହିଁ ଲେମ୍ବୁ ଲୁଣ
ସଭାରେ ବଖାଣେ ତିନି ତିଅଣ।**

ଅଭାବରେ ଦିନ ବିତିଯାଉ ପଛେ କିଛି ବ୍ୟକ୍ତି ବାହାରେ ଆଡ଼ମ୍ବର ଦେଖେଇ ହେବାରେ ହେଳା କରି ନ ଥାନ୍ତି। ନିଃସ୍ୱ ବା ସମ୍ବଳହୀନ ବ୍ୟକ୍ତିଙ୍କ ଲୋକଦେଖାଣିଆ ସ୍ୱଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଘୋଡ଼ା ହୋଇ ଯେବେ ଚରଣ ଫାଟୁଆ,
ବଳଦ ହୋଇ ଯେବେ ବିନ୍ଧଣ ମାଠୁଆ,
ପୁରୁଷ ହୋଇ ଯେବେ ମାଇପ ଚାଟୁଆ,
କହେ ଦନାଇ ଏ ସମସ୍ତେ ବଟୁଆ।**

ଘୋଡାର ଗୋଡ଼ ବା ପାଦ ଠିକ୍ ନ ଥିଲେ ଶୀଘ୍ର ଦୌଡ଼ି ପାରେନାହିଁ। ବଳଦ ମଠୁଆ ହେଲେ ଚାଷବାସ କାମ ପଛରେ ପଡ଼ିଯାଏ। ସେହିପରି ସ୍ୱାମୀ ସ୍ତ୍ରୀ କଥାରେ ପରିଚାଳିତ ହେବା ଘର ପରିବାର ପାଇଁ ଶୁଭଙ୍କର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ନାଟ୍ୟକାର ବୃନ୍ଦାବନ ଚନ୍ଦ୍ର ରଥଙ୍କ ପରଲୋକ

**କଟକ ଅଫିସ, ୨୯।୬**

ନାଟ୍ୟକାର, ସ୍ୱାଧୀନତା ସଂଗ୍ରାମୀ, କଳାବିକାଶ କେନ୍ଦ୍ରର ଆଜୀବନ ସଦସ୍ୟ, ଉତ୍କଳ କଳା ପରିଷଦର ପ୍ରତିଷ୍ଠାତା ବୃନ୍ଦାବନ ଚନ୍ଦ୍ର ରଥ(୯୮)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସ୍ଥାନୀୟ ଚହଟା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଗୋବିନ୍ଦ ଚନ୍ଦ୍ର ରଥ ମୁଖାଗ୍ନି ଦେଇଥିଲେ। ବୃନ୍ଦାବନଙ୍କ ଦ୍ୱାରା ରଚିତ ଓଡ଼ିଆ ଲୋକନାଟ୍ୟ ପୁସ୍ତକ ପାଠକଙ୍କ ଦ୍ୱାରା ଆଦୃତିଲାଭ କରିଥିଲା। ତାଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।



# ଧର୍ମେନ୍ଦ୍ରଙ୍କ ନାଁରେ ମାମଲା

### 'ତେଲ ଦର ବୃଦ୍ଧି ଏକ ଷଡ଼ଯନ୍ତ୍ର'

**ପାଟନା,୨୯।୬**

ଦେଶରେ ବଢ଼ିଚାଲିଥିବା ତେଲ ଦରକୁ ନେଇ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବିହାରର ସାମାଜିକ କର୍ମୀ ତମନ୍ନା ହାସ୍ମି ଜୁନ୍ ୨୮ରେ ମୁଜାଫରପୁର ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ କେନ୍ଦ୍ରମନ୍ତ୍ରୀଙ୍କ ବିରୋଧରେ ପିଟିଶନ ଦାଏର କରିଛନ୍ତି। ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଅଶୋଧିତ ତେଲ ଦର ଅତି ନିମ୍ନରେ ଥିବାବେଳେ ଭାରତରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ବୃଦ୍ଧି ଏକ ଷଡ଼ଯନ୍ତ୍ର। ଏହି ଆକାଶଛୁଆଁ ଦରକୁ ନେଇ ଦେଶବାସୀ ଆତଙ୍କିତ ଓ କ୍ରୋଧିତ ହୋଇଯାଇଛନ୍ତି। ତେଣୁ ଧର୍ମେନ୍ଦ୍ରଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ(ଆଇପିସି) ଧାରା ୪୨୦(ଠକେଇ), ୨୯୫ ଓ ୨୫୯–ଏ (ଜାଣିଶୁଣି ମନ୍ଦ କାର୍ଯ୍ୟ କରିବା) ଏବଂ ୫୧୧(ଅପରାଧ ଘଟାଇବାକୁ ଉଦ୍ୟମ କରିବା) ଅଧୀନରେ ମାମଲା ଚଳାଇବାକୁ ସେ ଅନୁରୋଧ କରିଛନ୍ତି।

ନିଜକୁ ଜଣେ ସାମାଜିକ କର୍ମୀ ବୋଲି ପରିଚୟ ଦେଉଥିବା ତମନ୍ନା ହାସ୍ମି ବିଭିନ୍ନ ପ୍ରସଙ୍ଗରେ ରାଜନେତାଙ୍କ ବିରୋଧରେ କୋର୍ଟ ଧାଇଁ ଧାଇଁ ଚର୍ଚ୍ଚାରେ ରହିଆସିଛନ୍ତି। ଜୁନ୍ ୨୪ରେ ସେ ଯୋଗଗୁରୁ ରାମଦେବ ଓ ତାଙ୍କ କମ୍ପାନୀ ପତଞ୍ଜଳି ଆୟୁର୍ବେଦ ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ବିରୋଧରେ ଆପରାଧିକ ମାମଲା ପାଇଁ କୋର୍ଟରେ ଆବେଦନ କରିଥିଲେ। କୋଭିଡ୍–୧୯ର ଚିକିତ୍ସା ପାଇଁ ଏକ ଔଷଧ ବିକଶିତ କରିଥିବା ଦର୍ଶାଇ ଦୁହେଁ ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ ବିପଦ ମୁହଁକୁ ଠେଲିଦେଇଥିବା ସେ ଉକ୍ତ ପିଟିଶନରେ ଉଲ୍ଲେଖ କରିଥିଲେ, ଯାହାର ଶୁଣାଣି ଜୁନ୍ ୩୦ରେ ହେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପରିଜନଙ୍କ ସ୍ନେହ, ଶ୍ରଦ୍ଧା ଆଦର ପାଇ ଦୁଃଖ ଲାଘବ ହେବ। କର୍ମକ୍ଷେତ୍ରରେ କେତେକ ସାମାନ୍ୟ ଭୁଲ୍‌ରୁ କିମ୍ବା ଭାବପ୍ରବଣତାରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ସତ୍‌ସଙ୍ଗ, ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ଘରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ।

**ବୃଷ**
ଅର୍ଥପ୍ରାପ୍ତିରେ ବିଳମ୍ବ ସୃଷ୍ଟି କରିବା ସହ ବନ୍ଧୁଙ୍କ ସହ କଳହର କାରଣ ପାଲଟି ଯିବ। ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବେ। ଏହା ସଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ।

**ମିଥୁନ**
ପିଲାଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କୌଣସି ସାଧାରଣ ଘଟଣାକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ।

**କର୍କଟ**
ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି। ପୁନର୍ବସୁ ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ସିଂହ**
ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ଆଲୋଚନା ପରିସରରେ କିମ୍ବା ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ରାଜନୈତିକ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**
ଆଜି ସକାଳୁ ସକାଳୁ ବନ୍ଧୁ ମିଳନ ଓ ଆନୁଷ୍ଠାନିକ କାମରୁ ଖୁସୀ ରହିବେ। ଖୋଜୁଥିବା ଲୋକଟିଙ୍କୁ ଠିକଣା ଜାଗାରେ ନ ପାଇ ବ୍ୟସ୍ତ ହୋଇପାରନ୍ତି। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଦୂରେଇ ରହିବେ। ଆତ୍ମୀୟସ୍ୱଜନ କାର୍ଯ୍ୟକଳାପ ଆପଣଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ।

**ତୁଳା**
ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ସଭାସମିତିରେ ଯୋଗ ଦେଲେ ଲାଭବାନ ହେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟକୁ ସହଜରେ ବିଶ୍ୱାସ କରି ପାରିବେନାହିଁ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ବିବାଦୀୟ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କ ମନମୁଖିଆ ଚିନ୍ତାଧାରା କେତେ ନୂତନ ସମସ୍ୟା ସୃଷ୍ଟି କରିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇପାରନ୍ତି।

**ଧନୁ**
ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପୁରାତନ ରୋଗରେ କଷ୍ଟ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ମକର**
ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ କିନ୍ତୁ କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହା କି ସମସ୍ୟା ସୃଷ୍ଟି କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ। ବନ୍ଧୁମାନଙ୍କ ସହ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବ।

**କୁମ୍ଭ**
ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲନ୍ତୁ ଅବଶ୍ୟ ସଫଳତା ପାଇବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ରହିବେ।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗ ବିଳାସ ଓ ହସ ଖୁସିରେ ଅତିବାହିତ ହେବ। ନିଜର ଅନ୍ତରଙ୍ଗ ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ରହିପାରନ୍ତି। ଅଯଥା ଗୁଡ଼ାଏ କାଳ୍ପନିକ ବିଷୟବସ୍ତୁକୁ ନେଇ ମନକୁ ଭାରାକ୍ରାନ୍ତ କରିପାରନ୍ତି।

ଆଜି ଆଷାଢ଼ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ବୁଧବାର, ଜୁନ୍ ୩୦ ତାରିଖ, ରାଶି ନକ୍ଷତ୍ର–ପୂର୍ବଭାଦ୍ରବ/କୁମ୍ଭ, କର୍କଟ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ସପ୍ତମୀର ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବ୍ରତୋପନୟନ, ଜଳାଶୟାରମ୍ଭ, ବିଦ୍ୟାରମ୍ଭ ପାଇଁ ଶୁଭଦିନ। ସକାଳ ଘ.୦୭.୫୩ମି. ଗତେ ଘ.୧୧.୨୩ମି. ମଧ୍ୟେ, ଘ.୦୨.୦୨ମି. ଗତେ ଘ.୦୫.୩୩ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୫୦ମି. ଗତେ ଘ.୦୧.୨୯ମି. ମଧ୍ୟେ ରାହୁକାଳ।

# ୪ ଶିଶୁଙ୍କ ସଲିଳସମାଧି

## ଯୋରରେ ବୁଡ଼ି ପ୍ରାଣ ହରାଇଲେ ୨ ଶିଶୁପୁତ୍ର

### ନିଃସନ୍ତାନ ହୋଇଗଲେ ଦମ୍ପତି

**ରେଢ଼ାଖୋଲ,୨୯।୬(ଡି.ଏନ.ଏ.)**

ଯୋରରେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଇ ୨ ଶିଶୁପୁତ୍ର ପ୍ରାଣ ହରାଇଛନ୍ତି। ଫଳରେ ଏକ ଦମ୍ପତି ନିଃସନ୍ତାନ ହୋଇଯାଇଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ମଙ୍ଗଳବାର ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ଚାରମାଲ ଥାନା ଚୁଡାପୁଡୁଗ ଗ୍ରାମରେ ଘଟିଛି।

ମିଳିଥିବା ସୂଚନା ଅନୁଯାୟୀ ଗ୍ରାମର ଦୁଃଖବନ୍ଧୁ ଖାଡ଼ିଆ ଦାଦନ ଖଟିବାକୁ ଚେନ୍ନାଇ ଯାଇଥିବାବେଳେ ଘରେ ସ୍ତ୍ରୀ ସୁନିତାଙ୍କ ସହ ଦୁଇପୁଅ ଅଜୟ (୫) ଓ ଅମିତ (୪) ରହୁଥିଲେ। ମଙ୍ଗଳବାର ଅପରାହ୍ନ ୧ଟାରେ ସୁନୀତା ଦୁଇପୁତ୍ରଙ୍କ ସହ ଗାଧୋଇବା ପାଇଁ ଘର ନିକଟ ସୁରୁବାଲି ଯୋରକୁ ଯାଇଥିଲେ। ସେଠାରେ ସୁନୀତା ବାସନ ଧୋଉଥିବା ବେଳେ ୨ ପୁଅ ଗାଧୋଉଥିଲେ। ହେଲେ ଗୋଧାଉଥିବା ବେଳେ ଦୁଇ ଶିଶୁ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ସୁନୀତା ନିରୂପାୟ ହୋଇ ଗାଁ ଲୋକଙ୍କୁ ଡାକିଥିଲେ। ଗାଁଲୋକେ ପହଞ୍ଚି ଶିଶୁଦ୍ୱୟଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଚାରମାଲ ପୋଲିସ ରେଢ଼ାଖୋଲ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଗାଡ଼ିଆରେ ପଡ଼ି ୨ ଶିଶୁଙ୍କ ମୃତ୍ୟୁ

**ସମ୍ବଲପୁର,୨୯।୬(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ବଡ଼ମାଳ ଗ୍ରାମ ନିକଟରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗାଡିଆରେ ବୁଡି ଦୁଇ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଅରୁଣ ବାରିକ (୬) ଓ ରାହୁଲ ସାହୁ (୫)। ସୂଚନା ଅନୁସାରେ ଏକ ପରିବାର ଗ୍ରାମ ନିକଟ ବଗିଚାକୁ କାମ କରିବାକୁ ଯାଇଥିବା ବେଳେ ଶିଶୁଦ୍ୱୟ ସେମାନଙ୍କ ସହ ଯାଇଥିଲେ। କୌଣସି କାରଣରୁ ଶିଶୁମାନେ ନିକଟରେ ଥିବା ଗାଡିଆରେ ବୁଡିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଗାଡିଆରୁ ସେମାନଙ୍କ ମୃତଦେହ ଉଦ୍ଧାର କରିଥିଲେ। ଖବର ଲେଖାହେବା ସୁଦ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚିନାହିଁ।

**ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ**

## ନୂଆ ବନ୍ଦର ବିଲ୍‌କୁ...

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାରତୀୟ ବନ୍ଦର ବିଲ୍–୨୦୨୧ରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଉକ୍ତ ବୋର୍ଡକୁ ସାମିଲ କରିବା ନେଇ କୌଣସି ବ୍ୟବସ୍ଥା ନାହିଁ। ଏଥିପାଇଁ ଏକ ବ୍ୟବସ୍ଥା ରହିବା ଆବଶ୍ୟକ ବୋଲି ପଦ୍ମନାଭ ଚିଠିରେ ଉଲ୍ଲେଖ କରିଛନ୍ତି। ଜାତୀୟ ସ୍ୱାର୍ଥ ପାଇଁ ବନ୍ଦରଗୁଡ଼ିକର ସୁରକ୍ଷା, ନିରାପତ୍ତା, ପ୍ରଦୂଷଣ, ଅନ୍ତର୍ଜାତୀୟ ବାଣିଜ୍ୟ ବ୍ୟବସାୟ ଇତ୍ୟାଦି କ୍ଷେତ୍ରରେ ଏହି ବିଲ୍ ସ୍ୱାଗତଯୋଗ୍ୟ। କିନ୍ତୁ କେନ୍ଦ୍ର ସରକାର ସାମୁଦ୍ରିକ ରାଜ୍ୟ ଉନ୍ନୟନ ପରିଷଦ (ଏମ୍‌ଏସ୍‌ଡିସି) ଗଠନ କରି ରାଜ୍ୟର କ୍ଷମତାକୁ ସଙ୍କୁଚିତ କରିବାକୁ ଚାହୁଁଛନ୍ତି। ଏହାକୁ ଓଡ଼ିଶା ସରକାର ବିରୋଧ କରିଛନ୍ତି। ୧୯୯୭ରୁ ଏମ୍‌ଏସ୍‌ଡିସି ଏକ ଉପଦେଷ୍ଟା ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି। ବନ୍ଦରଗୁଡ଼ିକ ପାଇଁ ଯୋଜନା, ବନ୍ଦର ଓ ଜଳପଥର ବିକାଶ ଦିଗରେ କାର୍ଯ୍ୟକରି ଆସୁଛି। ଚିଠା ବିଲ୍‌ରେ ଏହାକୁ ସଶକ୍ତ କରିବାକୁ ଆମ ରାଜ୍ୟ ସମର୍ଥନ କରୁଛି ବୋଲି ପଦ୍ମନାଭ କହିଛନ୍ତି। ଏଥିରେ ଜିଏସ୍‌ଟି କାଉନ୍‌ସିଲ ଭଳି କେବଳ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରୀମାନଙ୍କୁ ସାମିଲ କରାଯାଇଛି। ଏମ୍‌ଏସ୍‌ଡିସି କେବଳ ସୁପାରିସ ଓ ଉପଦେଷ୍ଟା ଭାବେ କାର୍ଯ୍ୟ କରିବା ଉଚିତ। ବିଲ୍ ପ୍ରସ୍ତୁତ କରିବା ପୂର୍ବରୁ ଉପକୂଳ ରାଜ୍ୟଗୁଡ଼ିକ ସହ ଆଲୋଚନା କରିବା ଆବଶ୍ୟକତା ରହିଛି। ଏହି ବିଲ୍‌କୁ ତୁରନ୍ତ ସଂଶୋଧନ କରିବା ନିମନ୍ତେ ପଦ୍ମନାଭ କେନ୍ଦ୍ରମନ୍ତ୍ରୀ ମନସୁଖଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

## ୨୪ ଜିଲାରେ ପେଟ୍ରୋଲ...

ଗତ ୫୭ ଦିନ ମଧ୍ୟରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୮.୪୮ ଟଙ୍କା ଏବଂ ଡିଜେଲ ୯.୨୧ ଟଙ୍କା ବୃଦ୍ଧି ଘଟିଲାଣି। ମେ' ରେ ୧୬ ଥର ଏବଂ ଜୁନ୍ ୨୯ ମଧ୍ୟରେ ୧୬ ଥର ମୋଟ ୩୨ ଥର ତେଲ ଦର ବଢ଼ିଲାଣି ବୋଲି ତୈଳ କମ୍ପାନୀଗୁଡିକ ସୂଚନା ଦେଇଛନ୍ତି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ୩୬ ଏବଂ ଡିଜେଲ ୩୧ ପଇସା ବଢ଼ିଛି। ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୯୯.୬୦ ଟଙ୍କା ଏବଂ ଡିଜେଲ ୯୬.୧୯ ଟଙ୍କାରେ ବିକ୍ରି ହେଉଥିବା ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

ସେହିଭଳି କଟକ ସହରରେ ପେଟ୍ରୋଲ ଲିଟର ପିଛା ୯୯.୯୨ ଟଙ୍କା ଏବଂ ଡିଜେଲ ୯୬.୫୦ ଟଙ୍କାରେ ପହଞ୍ଚିଛି। ଅପରପକ୍ଷରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ ଏବଂ ଝାରସୁଗୁଡ଼ା ଜିଲାକୁ ଛାଡ଼ିଦେଲେ ବାକି ସମସ୍ତ ଜିଲାରେ ପେଟ୍ରୋଲ ୧୦୦ ଟଙ୍କା ଉପରେ କାରବାର ହେଉଥିବା ସ୍ଥାନୀୟ ପେଟ୍ରୋଲିୟମ ଡିଲରମାନେ କହିଛନ୍ତି।

ସେହିପରି ନୂଆଦିଲ୍ଲୀରେ ପେଟ୍ରୋଲ ୩୫ ଏବଂ ଡିଜେଲ ୨୮ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୮.୮୧ ଟଙ୍କା ଏବଂ ଡିଜେଲ ୮୯.୧୮ ଟଙ୍କାରେ ପହଞ୍ଚିଛି। ମେ' ୪ ପରଠାରୁ ଦିଲ୍ଲୀରେ ମଧ୍ୟ ପେଟ୍ରୋଲ ଲିଟର ପିଛା ୮.୪୧ ଟଙ୍କା ଏବଂ ଡିଜେଲ ୮.୪୫ ଟଙ୍କା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଅପରପକ୍ଷରେ ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୯.୮୦ ଟଙ୍କା, ୯୮.୬୪ ଟଙ୍କା ଏବଂ ୧୦୪.୯୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟପକ୍ଷରେ ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଯଥାକ୍ରମେ ୯୩.୭୨ ଟଙ୍କା, ୯୨.୦୩ ଟଙ୍କା ଏବଂ ୯୬.୭୨ ଟଙ୍କାରେ ପହଞ୍ଚିଛି। ଦେଶର ସର୍ବାଧିକ ତୈଳ ଦର ରାଜସ୍ଥାନର ଗଙ୍ଗାନଗର ଅଞ୍ଚଳରେ ପେଟ୍ରୋଲ ୧୧୦.୦୪ ଟଙ୍କା ଏବଂ ଡିଜେଲ ୧୦୨.୪୨ ଟଙ୍କାରେ ବିକ୍ରି କରାଯାଉଥିବା ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ମିଳିଛି।

## ୪ରୁ ଅଧିକ ଥର...

ଚାର୍ଜ ଦେବାକୁ ପଡ଼ିବ। ଜୁଲାଇ ୧ରୁ ବ୍ୟାଙ୍କ ଏହି ନୂଆ ନିୟମ ଲାଗୁ କରିବାକୁ ଯାଉଛି। ଫଳରେ ଏହି ବର୍ଗର ଗ୍ରାହକଙ୍କଠାରୁ ଅତିରିକ୍ତ ମୂଲ୍ୟଯୁକ୍ତ ସେବା ଭାବେ ୧୫ରୁ ୭୫ ଟଙ୍କା ପର୍ଯ୍ୟନ୍ତ ଚାର୍ଜ ଆଦାୟ ହେବ ବୋଲି ଜଣାପଡ଼ିଛି। ସେହିଭଳି ଚେକ୍‌ବୁକ୍‌ରେ ବର୍ଷକୁ ୧୦ ଲିଫ୍‌ରୁ ଅଧିକ ହେଲେ ଗ୍ରାହକଙ୍କୁ ଅର୍ଥ ଗଣିବାକୁ ପଡିବ। ସାଧାରଣ ଲୋକଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ ଯୋଡ଼ିବା ପାଇଁ ଏଭଳି ବିଏସ୍‌ବିଡି ଆକାଉଣ୍ଟ ବ୍ୟବସ୍ଥା କରାଯାଇଛି। କିନ୍ତୁ ଏବେ ସେଥିରେ ଅଙ୍କୁଶ ଲଗାଇବା ଯୋଗୁ ସାଧାରଣ ଲୋକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ବଢ଼ିବ।

ସୂଚନା ଅନୁଯାୟୀ, ବ୍ୟାଙ୍କ ଶାଖା, ଏଟିଏମ୍ ଏବଂ କ୍ୟାଶ୍ ଡିସ୍‌ପେନସିଂ ମେସିନ ଦ୍ୱାରା ଜମା ଆକାଉଣ୍ଟଗୁଡିକରେ ଅଣ ଆର୍ଥିକ ନେଣଦେଣ, ଟ୍ରାନ୍ସଫର ଟ୍ରାଞ୍ଜାକସନ ଦେୟ ମୁକ୍ତ ରହିବ। ଏସ୍‌ବିଆଇ କହିଛି, ବ୍ୟାଙ୍କ ଶାଖା, ଏସ୍‌ବିଆଇ ଏଟିଏମ୍ ଏବଂ ଅନ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୪ଥରରୁ ଅଧିକ ଉଠାଣ କ୍ଷେତ୍ରରେ ୧୫ ଟଙ୍କା ଚାର୍ଜ ସହ ଜିଏସ୍‌ଟି ଦେବାକୁ ପଡ଼ିବ। ସେହିଭଳି କୌଣସି ଆର୍ଥିକ ବର୍ଷରେ ଚେକ୍‌ବୁକ୍‌ରେ ପ୍ରଥମ ୧୦ ଚେକ୍ ଲିଫ୍ ଲାଗି କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ଏହା ପରେ ୧୦ ଲିଫ୍ ଚେକ୍‌ବୁକ୍ ପାଇଁ ୪୦ ଟଙ୍କା ସହ ଜିଏସ୍‌ଟି, ୨୫ ଲିଫ୍ ଚେକ୍ ବୁକ୍ ଲାଗି ୭୫ ଟଙ୍କା ସହ ଜିଏସ୍‌ଟି, ଏମର୍ଜେନ୍ସି ଚେକ୍ ବୁକ୍ ଲାଗି ୫୦ ଟଙ୍କା ସହ ଜିଏସଟି ଦେବାକୁ ପଡିବ। ବରିଷ୍ଠ ନାଗରିକଙ୍କୁ ଚେକ୍ ବୁକ୍ ନିୟମ ପରିସରରୁ ବାହାରେ ରଖାଯାଇଛି।

ଉପଯୁକ୍ତ କେୱାଇସି(ନୋ ୟୋର କଷ୍ଟମର) ଦସ୍ତାବିଜ ଦେଇ କୌଣସି ଗ୍ରାହକ ସାଧାରଣ ଜମା ଆକାଉଣ୍ଟ ଖୋଲିପାରିବେ। ଆର୍ଥିକ ଦୁର୍ବଳ ବର୍ଗଙ୍କୁ ସଞ୍ଚୟରେ ସହାୟତା କରିବା ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଆକାଉଣ୍ଟ ବ୍ୟବସ୍ଥା କରାଯାଇଛି। ନୂଆ ନିୟମ ଦ୍ୱାରା ଗ୍ରାହକ ପ୍ରଭାବିତ ହେବେ ବୋଲି ଆଶଙ୍କା କରାଯାଇଛି। ଚଳିତ ବର୍ଷ ଏପ୍ରିଲରେ ଆଇଆଇଟି, ବମ୍ବେ ପକ୍ଷରୁ ହୋଇଥିବା ଏକ ସର୍ଭେ ଅନୁସାରେ ୨୦୧୫–୨୦ ମଧ୍ୟରେ ଏସ୍‌ବିଆଇ ୧୨ କୋଟି ସାଧାରଣ ଜମା ଆକାଉଣ୍ଟଗୁଡିକରୁ ସର୍ଭିସ ଚାର୍ଜ ବାବଦକୁ ୩୦୦ କୋଟି ଟଙ୍କା ଆଦାୟ କରିଛି। ୪ରୁ ଉର୍ଦ୍ଧ୍ୱ ଥର ନେଣଦେଣରେ ପ୍ରତି ଡେବିଟ ଟ୍ରାଞ୍ଜାକଶନ ବାବଦକୁ ବ୍ୟାଙ୍କ ୧୭.୭୦ ଟଙ୍କା କାଟିନେଇଛି। ସେହିଭଳି ଦେଶର ଦ୍ୱିତୀୟ ବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ସମାନ ଅବଧିରେ ୩.୯ କୋଟି ସାଧାରଣ ଜମା ଆକାଉଣ୍ଟରୁ ୯.୯ କୋଟି ଟଙ୍କା ଉଠାଣ କରିଛି।

## ଅଫ୍‌ଲାଇନ ପରୀକ୍ଷା...

ଏଥିପାଇଁ ସ୍ୱତନ୍ତ୍ର କୋର୍ କମିଟି ଗଠନ କରି ମୂଲ୍ୟାୟନ ହୋଇଛି। ଏପରିକି ସିବିଏସ୍‌ଇ ପଦ୍ଧତିକୁ ମଧ୍ୟ ଅନୁସରଣ କରାଯାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ଏ–୧ରେ ୨ ଗୁଣା ଅଧିକ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ସେହିପରି ଏ–୨ରେ ୩ ଗୁଣା ଅଧିକ ପାସ୍ କରିଛନ୍ତି। କେତେକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରୁ ଆସିଥିବା ଅଭିଯୋଗ ଉପରେ ସ୍ପଷ୍ଟୀକରଣ ରଖି ମହାନ୍ତି କହିଛନ୍ତି, ଯେଉଁ ସ୍କୁଲରେ ଗତବର୍ଷଗୁଡ଼ିକରେ ୧୮ଜଣ ଛାତ୍ରୀଛାତ୍ର ଏ–୧ ରଖି ଉତ୍ତୀର୍ଣ୍ଣ ହୋଇଥିଲେ ଚଳିତ ବର୍ଷ କିପରି ୧୦୦ରୁ ଉର୍ଦ୍ଧ୍ୱ ହେଲେ। ଏଥିରୁ ସ୍କୁଲଗୁଡିକ ପିଲାଙ୍କ ନମ୍ବର ବଢାଇଛନ୍ତି ବୋଲି ସ୍ପଷ୍ଟ ଜଣାପଡୁଛି। ଏଥିସହ ୨୨ଟି ସ୍କୁଲର ରେଜଲ୍ଟ ବଦଳିବା ବାବଦରେ ସ୍ପଷ୍ଟୀକରଣ ରଖି ସେ କହିଛନ୍ତି, ନୂଆ କୋଡ୍ ପାଇଁ ସମସ୍ୟା ଥିବାରୁ ପରୀକ୍ଷାଫଳରେ ପରିବର୍ତ୍ତନ କରାଯାଇଛି। ତେବେ ଅନ୍ୟ ସମସ୍ତ ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ ପଦ୍ଧତିରେ କୌଣସି ତ୍ରୁଟି ନାହିଁ ବୋଲି ମହାନ୍ତି କହିଛନ୍ତି। ଅପରପକ୍ଷରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତ୍ତିକୁ ଛାତ୍ରୀଛାତ୍ର ଓ ଅଭିଭାବକ ଗ୍ରହଣ କରିପାରି ନାହାନ୍ତି। ଆଉ ସମୟ ନ ଥିବାରୁ ପରୀକ୍ଷା ଦେବା ସମ୍ଭବ ନୁହେଁ। ତେଣୁ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନକୁ ସଂଶୋଧନ କରାଯାଉ। ନଚେତ୍ ଆଇନ୍‌ର ଆଶ୍ରୟ ନେବୁ ବୋଲି କେତେଜଣ ଅଭିଭାବକ କହିଛନ୍ତି।

# ଫଳ ପ୍ରକାଶନ ଆଧାରକୁ ସାଧାରଣରେ ପ୍ରକାଶ କରାଯାଉ: ଓଷ୍ଟା

**କଟକ ଅଫିସ, ୨୯।୬**

ମାଟ୍ରିକ ପରୀକ୍ଷା ଫଳାଫଳକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ନବମ ଶ୍ରେଣୀ ପରୀକ୍ଷାର ୪୦% ଓ ଦଶମ ଶ୍ରେଣୀ ପରୀକ୍ଷାର ୬୦% ନମ୍ବରକୁ ନେଇ ଫଳ ପ୍ରକାଶ ପାଇବ ବୋଲି ବୋର୍ଡ ପକ୍ଷରୁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ବର୍ତ୍ତମାନର ଫଳକୁ ହିସାବ କଲେ ବିଜ୍ଞପ୍ତି ସହିତ କୌଣସି ତାଳମେଳ ନ ଥିବା କଥା ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଅଭିଯୋଗ କରୁଛନ୍ତି। ଏପରି କି ଫରୀକ୍ଷାଫଳ ମୂଲ୍ୟାୟନକୁ ସଂଶୋଧନ କରିବାକୁ ଦାବି ହେଉଛି। ହେଲେ ସେମାନଙ୍କ ଅଭିଯୋଗକୁ ଗ୍ରହଣ ନ କରି ବୋର୍ଡ କର୍ତ୍ତୃପକ୍ଷ ଅଫ୍‌ଲାଇନ ପରୀକ୍ଷା ଶେଷ ବିକଳ୍ପ ବୋଲି କହିଛନ୍ତି। ଯାହାକୁ ଛାତ୍ରୀଛାତ୍ର ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏଭଳି ସ୍ଥିତିରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ପୁଣିଥରେ ପରୀକ୍ଷା ଦେଲେ ସେମାନଙ୍କ ଉଭୟ ପରୀକ୍ଷାର ନମ୍ବର ମଧ୍ୟରୁ ସର୍ବାଧିକ ନମ୍ବରକୁ ଗ୍ରହଣ କରିବା ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମଙ୍ଗଳବାର ରାଜ୍ୟସରକାର ଓ ମାଧ୍ୟମିକ ଶିକ୍ଷା ପରିଷଦକୁ ପ୍ରସ୍ତାବ ଦିଆଯାଇଛି। ଏଥିସହ ବୋର୍ଡ ପକ୍ଷରୁ ମାଟ୍ରିକ ଫଳ ପ୍ରକାଶନ ନିମନ୍ତେ ନିଆଯାଇଥିବା ବ୍ୟବସ୍ଥାକୁ ସର୍ବସାଧାରଣରେ ପ୍ରକାଶ କରାଯିବା ସହ ଯୁକ୍ତ ୨ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରତ୍ୟେକ ମହାବିଦ୍ୟାଳୟକୁ ନିଜସ୍ୱ ଭାବେ ପ୍ରବେଶିକା ପରୀକ୍ଷା କରି ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବା ପାଇଁ ସୁଯୋଗ ଦେବାକୁ ଓଷ୍ଟା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି।


**classifieds Everyday**
0674-2580101, 2549302




**GROOM WANTED**

44ବୟସ୍କା Government School Teacher ଖଣ୍ଡାୟତ ଜାତିର divorce ନିଃସନ୍ତାନ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଆବଶ୍ୟକ। 7749076723. D-20961

5'4" ସୁନ୍ଦର 44ବୟସ୍କା କରଣ ଚାକିରିଆ 47,000/- ଦରମା ପାଉଥିବା divorced ଝିଅଙ୍କୁ ପୁଅ ଦରକାର। Contact: 7326057574. D-71302

ବୟସ–38, 5'3", B.sc Staff Nurse ଦରମା ୪୮୦୦୦/– ଥିବା ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। ଯୋଗାଯୋଗ: 7024724959. D-20960

ବିଧବା ଗୁଡ଼ିଆ 58ବୟସ୍କା Block Officeରେ କାର୍ଯ୍ୟରତ ଏକାକୀ ରହୁଥିବା ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 7606067313. D-71301




**SALE**

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-71111

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70857

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession, ଅଗ୍ରିମ boundarywall, electricity with 30ft. road sqft. 700/-ରେ ମିଳୁଛି। Contact: 7008045582, 7749800648.** D-20926

Twincityର ମଧ୍ୟଭାଗରେ ନିର୍ମାଣାଧୀନ Grandbazar ସମ୍ମୁଖରେ NH-16 ଠାରୁ walkable distance ଘରବାରି ବାସୋପଯୋଗୀ plot ସୁଲଭ ମୂଲ୍ୟରେ କିଣନ୍ତୁ। 9078699286. D-70855

1700 sqft. residential plot for sale at Gangotri nagar, Nuagaon, Samantarapur, Bhubaneswar. (Price : 27 lakhs), 7894639282. D-71113

Booking open for 3BHK and 2BHK flats at Kalinga Nagar Ghatikia, Bhubaneswar. 9124721060. D-71303

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Ground floor independent 2roomed vacant house, Laxmi Sagar, Bhubaneswar. Contact: 9625392682, 9437557580. D-70715




Newly open Spa offer @ 699/-, Positively health benefits, Jaydevvihar. 7846814019. D-59994




**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୨୩,୮୦,୨୬୫ | ୩୯,୪୮,୯୩୫ | ୧୬,୬୯,୨୩,୨୦୨ |
| ଭାରତ | ୩,୦୩,୫୮,୬୪୦ | ୩,୯୮,୪୫୬ | ୨,୯୪,୧୬,୮୧୫ |
| ଓଡ଼ିଶା | ୯,୦୬,୪୨୯ | ୩୯୭୦(+୫୩) | ୮,୭୪,୩୦୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସଂକ୍ରମଣ ହାର ଅଧିକ ଜିଲାକୁ ନଜର ଦିଅ

**ଭୁବନେଶ୍ୱର,୨୯।୬(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ସଂକ୍ରମଣ ହାର ୫ ପ୍ରତିଶତ ଥିଲେ ମଧ୍ୟ ଅଳ୍ପ କେତେକ ଜିଲାରେ ଏହା ଅଧିକ ରହୁଛି। ଏଥିପାଇଁ ଅଧିକ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଆବଶ୍ୟକ। ସଂକ୍ରମଣ ହାର ଅଧିକ ଥିବା ଜିଲା ଉପରେ ଫୋକସ କରିବା ସହିତ କୋଭିଡ୍ ନିୟମର କଡ଼ାକଡ଼ି କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ରାଜ୍ୟରେ କୋଭିଡ୍ ସ୍ଥିତି ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ତୃତୀୟ ଲହରରେ ଶିଶୁ ରୋଗ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା ତଥା ଡାକ୍ତରମାନଙ୍କର ଏ ସମ୍ପର୍କିତ ତାଲିମକୁ ପ୍ରାଥମିକତା ଦେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ବିଭିନ୍ନ ଡାକ୍ତରଖାନାରେ ଅକ୍ସିଜେନ ପ୍ଲାଣ୍ଟ ଯେପରି ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟକ୍ଷମ ହୋଇପାରିବ, ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୀଘ୍ର ଟିକାକରଣ ଆଗାମୀ କିଛି ମାସ ପାଇଁ ମୁଖ୍ୟ ଫୋକସ ହୋଇ ରହିବ। ବର୍ତ୍ତମାନ ଦୈନିକ ୩ ଲକ୍ଷ ଲୋକଙ୍କୁ ଟିକା ଦିଆଯାଉଛି। ଟିକା କେନ୍ଦ୍ରଗୁଡ଼ିକରେ ବିଭିନ୍ନ ସୁବିଧାର ବିକାଶ ପାଇଁ ଜିଲାପାଳମାନେ ବ୍ୟକ୍ତିଗତ ଭାବେ ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି। କୋଭିଡ୍ ନିୟମ ସମ୍ପର୍କରେ ଲୋକମାନଙ୍କୁ ବାରମ୍ବାର ସଚେତନ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରିବା, ଭିଡ଼କୁ ନ ଯିବା ଆଦି କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ କହିଛନ୍ତି। ଘରକୁ ଘର ବୁଲି ଚାଲିଥିବା ସର୍ଭେ କାର୍ଯ୍ୟକ୍ରମ ଦ୍ୱାରା କୋଭିଡ୍ ତଥା ଅନ୍ୟ ରୋଗୀମାନଙ୍କର ଚିହ୍ନଟ ଏବଂ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇ ପାରୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି। ଏହାକୁ ଆହୁରି ଗୁରୁତ୍ୱର ସହ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ସମୀକ୍ଷାରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ରାଜ୍ୟର ଦକ୍ଷିଣ ଓ ପଶ୍ଚିମାଞ୍ଚଳର ୧୭ଟି ଜିଲାରେ ଆଂଶିକ ଅନ୍‌ଲକ ପରେ ମଧ୍ୟ କୋଭିଡ୍ ମାମଲାରେ କୌଣସି ବୃଦ୍ଧି ହୋଇନାହିଁ । କିନ୍ତୁ ଉପକୂଳ ଓ ଉତ୍ତର ଓଡ଼ିଶାର ଅବିଭକ୍ତ ପୁରୀ, କଟକ, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲାଗୁଡ଼ିକରେ ସଂକ୍ରମଣ ହାର ଅଧିକ ଥିବାରୁ ସତର୍କ ଦୃଷ୍ଟି ରଖାଯାଇଛି ବୋଲି ସେ କହିଛନ୍ତି।

ରାଜ୍ୟର କୋଭିଡ୍ ସ୍ଥିତି ସମ୍ପର୍କରେ ସୂଚନା ଦେଇ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଛନ୍ତି ଯେ ଗଞ୍ଜାମ ଓ ଝାରସୁଗୁଡ଼ା ଜିଲାରେ ସଂକ୍ରମଣ ହାର ୧ ପ୍ରତିଶତ ତଳେ ଥିବାବେଳେ ଖୋର୍ଦ୍ଧା ଓ ପୁରୀ ଜିଲାରେ ୯-୧୫ ପ୍ରତିଶତ ରହୁଛି। ଏହା ଉପରେ ଅଧିକ ଫୋକସ କରାଯାଇଛି। ଲକ୍‌ଡାଉନ କଡ଼ାକଡ଼ି ସହିତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ, ଟେଷ୍ଟିଂ ଆଦି ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ଜୁଲାଇ ୧୫ ବେଳକୁ ପରିସ୍ଥିତିରେ ଆହୁରି ଉନ୍ନତି ଆସିବ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ସମୀକ୍ଷା ବୈଠକରେ ବିଭିନ୍ନ ଜିଲାର ଜିଲାପାଳ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

**ପ୍ରଶାସନିକ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ**



- ଘରକୁ ଘର ସର୍ଭେକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ
- ଟିକାକରଣ, ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ଗୁରୁତ୍ୱ

## ସଂକ୍ଷେପରେ

### କେନ୍ଦ୍ର ପ୍ୟାକେଜ ଘୋଷଣା ହାସ୍ୟାସ୍ପଦ: କଂଗ୍ରେସ

ଭୁବନେଶ୍ୱର, ୨୯।୬(ବ୍ୟୁରୋ) କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୪.୨୯ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। କରୋନା ସମୟରେ ବିଗିଡ଼ିଯାଇଥିବା ଆର୍ଥିକ ବ୍ୟବସ୍ଥା ସଜାଡ଼ିବା ପାଇଁ ଏହା କରାଯାଇଛି ବୋଲି ସରକାର ଘୋଷଣା କରୁଛନ୍ତି। ଏହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ କହିଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପଞ୍ଚାନନ କହିଛନ୍ତି, ଏହା କେବଳ ବ୍ୟାଙ୍କ ନିର୍ଭରଶୀଳ ଓ ସରକାରୀ ଗ୍ୟାରେଣ୍ଟି ଉପରେ ଭରସା ରଖିଛି। ପ୍ରଥମତଃ ଏହା ପ୍ରମାଣ କରିଛି ଯେ କରୋନା ମହାମାରୀର ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାର ଖୁବ୍ ବଡ଼ ପ୍ୟାକେଜ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ଘୋଷଣା କଲେ; ଯେଉଁଥିରୁ ୨ ଲକ୍ଷ କୋଟି ଟଙ୍କା ଛାଡ଼ିଦେଲେ, ଅନ୍ୟ ସମସ୍ତ ବ୍ୟାଙ୍କ ନିର୍ଭରଶୀଳ ଥିଲା। ବ୍ୟାଙ୍କ ଋଣ ଦେଲେ ନାହିଁ ଅବା କେହି ଋଣ ନେବାକୁ ଆଗ୍ରହ ପ୍ରକାଶ କଲେ ନାହିଁ। ସମସ୍ତ ଘୋଷଣା ଅସଫଳ ହେଲା, ଯେଉଁଥିପାଇଁ ଏଥର ବ୍ୟାଙ୍କ ଋଣ ସହିତ ସରକାରୀ ଗ୍ୟାରେଣ୍ଟି ଯୋଡ଼ା ହୋଇରହିଛି। ଏହା ପୁନଃ ଏକ ଅସଫଳ ବୋଲି ସେ କହିଛନ୍ତି। କେବଳ ସହାୟତା ନାମରେ ଯେଉଁ ଅର୍ଥ ବରାଦ ରହିଛି ତାହା ସାର ଉତ୍ପାଦନକାରୀ ବେପାରୀଙ୍କ ହାତକୁ ହିଁ ଯିବ ଓ ସେଥିରୁ ଏକ ବୃହତ୍ ଅଂଶ ଭାଜପା ନିର୍ବାଚନ ପାଣ୍ଠିକୁ ଆସିବ। ଏହି ପ୍ୟାକେଜ କେବେହେଲେ ବି ବଜାରରେ ସ୍ଥିତି ବଦଳାଇବ ନାହିଁ।

### ମୁଖ୍ୟ ମହାଡାକପାଳ ଭାବେ ଶୁଭେନ୍ଦୁଙ୍କ ଦାୟିତ୍ୱ ଗ୍ରହଣ



ଭୁବନେଶ୍ୱର,୨୯।୬(ବ୍ୟୁରୋ) : ଭାରତୀୟ ଡାକସେବା ଅଧିକାରୀ ତଥା ୧୯୯୦ ବ୍ୟାଚ୍‌ର ଶୁଭେନ୍ଦୁ ସ୍ୱାଇଁ ମୁଖ୍ୟ ମହାଡାକପାଳ ଓଡ଼ିଶା ପରିମଣ୍ଡଳ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ମଧ୍ୟପ୍ରଦେଶ, ଜମ୍ମୁ ଓ କଶ୍ମୀର, ଦିଲ୍ଲୀ, ତାମିଲନାଡୁ, ବିହାର ଓ ଆଲ୍ଲାହାବାଦ (ବର୍ତ୍ତମାନର ପ୍ରୟାଗରାଜ)ରେ ବିଭିନ୍ନ ପଦ ପଦବୀରେ ରହି କାର୍ଯ୍ୟ କରିଛନ୍ତି। ବହୁ ପ୍ରତିଭାର ଅଧିକାରୀ ଶୁଭେନ୍ଦୁ ଡାକ ବିଭାଗର ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟ କରିବା ସହିତ କଳା, ସଂସ୍କୃତି ଓ ଶିକ୍ଷାରେ ଦକ୍ଷତା ରହିଛି। ସେ ପୂର୍ବରୁ ମଧ୍ୟ ଓଡ଼ିଶାରେ ଡାକ ନିର୍ଦ୍ଦେଶକ(ମୁଖ୍ୟାଳୟ) ଭାବେ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ଡାକ ସେବାରେ ବହୁବିଧ ଉନ୍ନତି କରିଛନ୍ତି। ଓଡ଼ିଶା ଡାକ ପରିମଣ୍ଡଳ ତାଙ୍କ ନେତୃତ୍ୱରେ ଆହୁରି ଉନ୍ନତି କରିବ ବୋଲି ଆଶା କରାଯାଉଛି।




# ଆକାଶବାଣୀର ଉପେନ୍ଦ୍ର କୁମାର ପାହାଡ଼ସିଂହଙ୍କ ପରଲୋକ

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**



ଆକାଶବାଣୀର ଲୋକପ୍ରିୟ ପୂର୍ବତନ ସମ୍ବାଦ ପାଠକ ଉପେନ୍ଦ୍ର କୁମାର ପାହାଡ଼ସିଂହଙ୍କ ମଙ୍ଗଳବାର ପରଲୋକ ଘଟିଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ତାଙ୍କର ଦେହାନ୍ତ ଘଟିଥିବା ପୁଅ ଦିଲ୍ଲୀପ କୁମାର ପାହାଡ଼ସିଂହ ସୂଚନା ଦେଇଛନ୍ତି।

ଅଶୀ ଦଶକରେ ଦିଲ୍ଲୀରୁ ଆକାଶବାଣୀର ଜାତୀୟ ବୁଲେଟିନ୍ ପଢ଼ି ଏକଦା ଘରେ ଘରେ ପରିଚିତ ହୋଇପାରିଥିବା ପାହାଡ଼ସିଂହଙ୍କ ଗୁରୁଗମ୍ଭୀର ସ୍ୱର ତାଙ୍କୁ ରେଡିଓ ପ୍ରସାରଣରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ କରିପାରିଥିଲା। ତାଙ୍କ ନିଆରା ଉପସ୍ଥାପନା ଶୈଳୀ ଆଜିବି ରେଡିଓ ଶ୍ରୋତାଙ୍କ ମନ ଭିତରେ ଛାପ ହୋଇ ରହିଛି। ଦିଲ୍ଲୀରୁ ପ୍ରସାରିତ ଓଡ଼ିଆ ସମ୍ବାଦ ସକାଳ ଓ ସନ୍ଧ୍ୟା ୭ଟା ୧୫ରେ ପ୍ରସାରିତ ହେଉଥିବା ବେଳେ ତାହାକୁ ଶୁଣିବା ଲାଗି ଶ୍ରୋତା ଆଗ୍ରହର ସହ ଅପେକ୍ଷା କରିଥାଆନ୍ତି। ୧୯୯୫ରେ ଚାକିରିରୁ ଅବସର ନେବା ପରେ ସେ ନୂଆଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ଏକ୍ସଟେନ୍‌ଶନ୍‌ସ୍ଥିତ ଆକାଶଭାରତୀ ଆପାର୍ଟମେଣ୍ଟରେ ରହୁଥିଲେ। ଭାରତ ସରକାରଙ୍କ ପ୍ରାୟୋଜିତ ଓଡ଼ିଆ ଭାଷାର ବିଭିନ୍ନ ରେଡିଓ କାର୍ଯ୍ୟକ୍ରମ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ପାହାଡ଼ସିଂହ ଗତ କିଛି ଦିନ ଧରି ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାସେରୁ ଉର୍ଦ୍ଧ୍ୱ ହେବ ସେ ଆଇସିୟୁରେ ଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି। ତାଙ୍କ ଘର ଖୋର୍ଦ୍ଧା ଜିଲା ତରାବୋଇ ଗ୍ରାମରେ। ତାଙ୍କ ସହଧର୍ମିଣୀ ବିଜୟଲକ୍ଷ୍ମୀ ପାହାଡ଼ସିଂହ, ପୁଅ ଦିଲ୍ଲୀପ ଓ ଦୁଇ ଝିଅ ଅଛନ୍ତି। ତାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଆଜିଠୁ ଶିଶୁଙ୍କୁ ପିସିଭି ଟିକା

**ଭୁବନେଶ୍ୱର, ୨୯।୬(ବ୍ୟୁରୋ)**

ଶିଶୁଙ୍କୁ ନିମୋକୋକାଲ ନିମୋନିଆ ଓ ମସ୍ତିଷ୍କ ସଂକ୍ରମଣରୁ ସୁରକ୍ଷା ଦେବ ନିମୋକୋକାଲ କଞ୍ଜୁଗେଟ୍ ଟିକା (ପିସିଭି)। ଶିଶୁଙ୍କ ନିୟମିତ ଟିକାକରଣରେ ଏହାକୁ ସାମିଲ କରାଯାଇଥିବାବେଳେ ବୁଧବାରଠାରୁ ସାରା ରାଜ୍ୟରେ ଟିକାକରଣ ଆରମ୍ଭ ହେବ। ଭୁବନେଶ୍ୱର ୟୁନିଟ୍-୪ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଏହି ଟିକାକରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ। ଏହି ଟିକାର ତିନୋଟି ଡୋଜ୍ ଦିଆଯିବ। ପ୍ରଥମ ଡୋଜ୍ ଦେଢ଼ ମାସରେ, ଦ୍ୱିତୀୟଟି ସାଢ଼େ ତିନି ମାସରେ ଓ ତୃତୀୟ ଡୋଜ୍ ୯ ମାସରେ ଦିଆଯିବ। ବିଶ୍ୱର ୧୪୬ଟି ଦେଶରେ ଏହାର ବ୍ୟବହାର ହେଉଥିବାବେଳେ ଭାରତରେ ବିହାର, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ ଆଦି ୫ ରାଜ୍ୟରେ ୨୦୧୭ରୁ ଚାଲୁଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଟିକାକୁ ୟୁନିଭର୍ସାଲ ଇମ୍ୟୁନାଇଜେଶନ ପ୍ରୋଗ୍ରାମ(ୟୁଆଇପି)ରେ ସାମିଲ କରାଯାଇଛି। ଏହି ଟିକା ବ୍ୟୟବହୁଳ ହୋଇଥିବାବେଳେ ରାଜ୍ୟ ସରକାର ଏହାକୁ ମାଗଣାରେ ଦେବେ। ପରିବାର କଲ୍ୟାଣ ନିର୍ଦ୍ଦେଶକ ତଥା ରାଜ୍ୟ ଇମୁନାଇଜେଶନ ଅଫିସର ଡା. ବିଜୟ ପାଣିଗ୍ରାହୀ କହିଛନ୍ତି, ବର୍ତ୍ତମାନ ଆସିଥିବା ୮୮,୪୦୦ ଟିକା ସବୁ ଜିଲାକୁ ବଣ୍ଟନ କରାଯାଇଛି। ପ୍ରତି ବୁଧବାର ପିଲାଙ୍କୁ ଏହି ଟିକା ଦିଆଯିବ। ଏହାର ସେଭଳି କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ପାଣିଗ୍ରାହୀ କହିଛନ୍ତି।


**PUBLIC NOTICE**

My client, Maithan Ispat Limited registered office 6, Strand Road, Diamond Hege, 14th Floor, Room-1412, Kolkata releasing notice against ex-employee, Mr. Sounik Kajal Kumar Dash for his illegal action, gross misconduct, misbehaviour with directors as well as misdemeanours committed in the course of his employment. Even after separation from the company, he has been tarnishing company's reputation in the market, circulating inappropriate, incorrect, fabricated, frivolous and misleading facts via different medium i.e. emails, letter, to its clients, customers, investors, bankers and business partners; for leaking sensitive and commercial financial information to different agencies including company's competitor and for demanding unreasonable money which amounts to extortion. Due to these reasons, my client filed police complaint against Sounik Kajal Kumar Dash, R/O. Khaparakha (Bypass), P.O.- Ghasipura, Dist.- Keonjhar, Odisha - 758015 for offences punishable under Sections 500 (Defamation), 384 (Extortion) and 507 (Criminal Intimidation) of the Indian Penal Code, 1860.

Jyoti Srivastava
73, Patiala Court, New Delhi


# ୧୬ ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ବଳବତ୍ତର

**କଟକ ଅଫିସ, ୨୯।୬**

କରୋନା ମହାମାରୀ ପାଇଁ ସରକାରଙ୍କ ତରଫରୁ ଲକ୍‌ଡାଉନ ଓ ଶଟ୍‌ଡାଉନ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି କୋହଳ ମନୋଭାବ ପୋଷଣ କରିବା ସହ ହାଇକୋର୍ଟ ଆସନ୍ତା ଜୁଲାଇ ୧୬ ପର୍ଯ୍ୟନ୍ତ ଅନ୍ତରୀଣ ରହିତାଦେଶ ବଳବତ୍ତର ରହିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଏସ.କେ. ମିଶ୍ର ଓ ଜଷ୍ଟିସ ବି.ପି. ରାଉତରାୟଙ୍କ ମିଳିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, କରୋନା ସମୟରେ ବିଭିନ୍ନ ସ୍ଥାନର ଉଚ୍ଛେଦ କାର୍ଯ୍ୟକୁ ନେଇ ମିଳିଥିବା ରହିତାଦେଶ ଅବଧିକୁ ଆସନ୍ତା ୧୬ ଯାଏ ବୃଦ୍ଧି କରାଯାଇଛି। ସେହିପରି ପାରୋଲରେ ଘରକୁ ଯାଇଥିବା କଏଦୀମାନଙ୍କ ଅବଧିକୁ ଉପରୋକ୍ତ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଭିନ୍ନ ଘଟଣାରେ ମଧ୍ୟବର୍ତ୍ତିକାଳୀନ ଜାମିନରେ ଆସିଥିବା ଅଭିଯୁକ୍ତମାନେ ମଧ୍ୟ ୧୬ ତାରିଖ ପର୍ଯ୍ୟନ୍ତ ବାହାରେ ରହିପାରିବେ। କେନ୍ଦ୍ର ଓ ରାଜ୍ୟ ସରକାର ଯଦି ଜୁନ୍ ୨୯ ମଧ୍ୟରେ ହାଇକୋର୍ଟଙ୍କ ନିକଟରେ ଜବାବ ଦାଖଲ କରିବାର ଥିବ, ତେବେ ତାହା ମଧ୍ୟ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ଯେଉଁ ବ୍ୟକ୍ତିଙ୍କୁ ଅନ୍ତରୀଣ ସୁରକ୍ଷା ମିଳିଥିବ, ତାହାର ଅବଧି ମଧ୍ୟ ବୃଦ୍ଧି କରାଯାଇଛି। ଏହି ସମସ୍ତ ଘଟଣାରେ ଆବେଦନକାରୀଙ୍କ ଓକିଲ ତଳକୋର୍ଟରେ ୧୦ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**କରୋନା ପାଇଁ ହାଇକୋର୍ଟଙ୍କ କୋହଳ ମନୋଭାବ**

## ବାରିପଦା, ନୀଳଗିରିରେ ରଥଯାତ୍ରା ପାଇଁ ସୁପ୍ରିମକୋର୍ଟରେ ଆବେଦନ

**ବାଲେଶ୍ୱର ଅଫିସ/ବାରିପଦା ଅଫିସ, ୨୯।୬**

ବାରିପଦା ଓ ନୀଳଗିରିରେ ଚଳିତବର୍ଷ ସମସ୍ତ କୋଭିଡ୍ ନିୟମ ଅନୁସାରେ ରଥଯାତ୍ରା କରାଇବା ପାଇଁ ସୁପ୍ରିମକୋର୍ଟରେ ମଙ୍ଗଳବାର ଆବେଦନପତ୍ର ଦାଖଲ କରାଯାଇଛି। ବାରିପଦା ରଥଯାତ୍ରା ପାଇଁ ଭଞ୍ଜସେନା ପକ୍ଷରୁ ଆକାଶ କୁମାର ଶର୍ମା ଓ ବାଲେଶ୍ୱର ଜିଲାର ନୀଳଗିରିଠାରେ ରଥଯାତ୍ରା ଲାଗି ଜଗନ୍ନାଥପ୍ରେମୀଙ୍କ ପକ୍ଷରୁ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନ୍‌ଗୋ ମଙ୍ଗଳବାର ସୁପ୍ରିମକୋର୍ଟରେ ଆବେଦନ କରିଥିବା ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

# କରୋନା ମୁକାବିଲା ମିଳିତ ସାମାଜିକ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ




ଦେବଗଡ଼ରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଦେବଗଡ଼ରେ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟିତ**

- ସମସ୍ତଙ୍କ ପ୍ରଚେଷ୍ଟାରୁ କୋଭିଡ୍ ପ୍ରଭାବ ରାଜ୍ୟରେ କମିଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର(ବ୍ୟୁରୋ)/ ଦେବଗଡ଼(ଡି.ଏନ୍.ଏ.),୨୯।୬**

କୋଭିଡ୍ ମହାମାରୀର ମୁକାବିଲା ଏକ ମିଳିତ ସାମାଜିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମଙ୍ଗଳବାର ଭିଡିଓ କନ୍‌ଫରେନ୍ସରେ ଦେବଗଡ଼ରେ ବେଦାନ୍ତ ଗ୍ରୁପ୍ ସହଯୋଗରେ ନିର୍ମିତ ଏକ ୧୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ ଉଦ୍‌ଘାଟନ କରିବା ଅବସରରେ ନବୀନ କହିଛନ୍ତି, ମହାମାରୀ ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ ଦରକାର। ଏ ଦିଗରେ ବେସରକାରୀ ଚିକିତ୍ସାଳୟଗୁଡିକ ସହିତ କର୍ପୋରେଟ୍ ସେକ୍ଟର, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପିଏସ୍‌ୟୁଗୁଡିକ ଆଗେଇ ଆସିବା ଖୁସିର କଥା। ଦେବଗଡ଼ରେ ଉଦ୍‌ଘାଟିତ ୧୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲରେ ଶିଶୁ ଶଯ୍ୟା ସହିତ ୧୨ଟି ଆଇସିୟୁ, ୩୨ଟି ଏଚ୍‌ଡିୟୁ, ସ୍ୱତନ୍ତ୍ର ଶିଶୁ ୱାର୍ଡ ସହିତ ସମସ୍ତ ଅତ୍ୟାଧୁନିକ ଚିକିତ୍ସା ଉପକରଣ ଓ ପରୀକ୍ଷାଗାରର ସୁବିଧା ରହିଛି। ଏହି ଡାକ୍ତରଖାନାରେ ସମସ୍ତ ଚିକିତ୍ସା ସୁବିଧା, ଔଷଧ ଯୋଗାଣ, ରୋଗୀଙ୍କୁ ଖାଦ୍ୟ ବ୍ୟବସ୍ଥା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି। କୋଭିଡ୍‌ର ୨ୟ ଲହର ଏପର୍ଯ୍ୟନ୍ତ ଶେଷ ହୋଇ ନ ଥିବାବେଳେ ୩ୟ ଲହରର ସୂଚନା ଆସିଲାଣି। ଏହାର ମୁକାବିଲା ପାଇଁ ଆମର ପ୍ରସ୍ତୁତି ଜାରି ରହିଛି। ଉତ୍ତମ ସ୍ୱାସ୍ଥ୍ୟ ଭିତ୍ତିଭୂମି ଯୋଗୁ ମହାମାରୀର ଅନିଶ୍ଚିତତାକୁ ଆମେ ଭଲ ଭାବରେ ମୁକାବିଲା କରିପାରିବୁ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ସମସ୍ତଙ୍କ ପ୍ରଚେଷ୍ଟାରେ ଓଡ଼ିଶାରେ କୋଭିଡ୍‌ର ପ୍ରଭାବ କମିବାରେ ଲାଗିଛି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ସମ୍ବଲପୁରଠାରେ ଆଉ ଏକ କୋଭିଡ୍ ହସ୍ପିଟାଲ ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯିବାର ଆବଶ୍ୟକତା ସପକ୍ଷରେ ସେ ମତ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ମହିଳା ଓ ଶିଶୁବିକାଶ ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଓଡ଼ିଶାରେ କୋଭିଡ୍ ମୁକାବିଲା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।




ଧରିତ୍ରୀ
DHARITRI
ବୁଧବାର, ୩୦ ଜୁନ୍, ୨୦୨୧

> କୃତଜ୍ଞତାର ଶୁଦ୍ଧ ଆଲୋକ ସର୍ବଦା ଆମମାନଙ୍କ ହୃଦୟରେ ପ୍ରଜ୍ୱଳିତ ରହିବା ଉଚିତ। ସେହି ଆଲୋକର ଉଷ୍ମତାରେ, ମାଧୁର୍ଯ୍ୟରେ ଓ ଉଜ୍ଜ୍ୱଳତାରେ ସବୁ ଅହଂକାର ଓ ଅଜ୍ଞାନ ମିଳେଇଯିବ। -ଶ୍ରୀମା



# ମିଶ୍ରିତ ଶିକ୍ଷା

କୋଭିଡ୍-୧୯ ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି ଶିକ୍ଷା ବ୍ୟବସ୍ଥା। ଦୀର୍ଘ ୧୫ ମାସ ପିଲାମାନେ ଘରେ ରହି ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ୍‌ର ସୁବିଧା ନାହିଁ ସେମାନେ ପଢ଼ାରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇଛନ୍ତି। ଆଗକୁ ଭୂତାଣୁର ପ୍ରଭାବ କମିଲା ପରେ ଯେତେବେଳେ ସ୍କୁଲ ଖୋଲିବ ସେତେବେଳେ ଶୈକ୍ଷିକ ବାତାବରଣ କ'ଣ ରହିବ ତାହାକୁ ନେଇ ଅନେକ ଅନୁମାନ ଲଗାଯାଇପାରେ। କିନ୍ତୁ ବିଦ୍ୟାଳୟ କେବେ ଖୋଲିବ ତାହା କହିବା ଆଜିର ସ୍ଥିତିରେ କଷ୍ଟକର। ଭାରତୀୟ ଶିକ୍ଷା ବ୍ୟବସ୍ଥା ଯେଉଁ ଢାଞ୍ଚାରେ ଗଢ଼ି ଆସିଛି, ସେଥିରୁ ଅନୁମାନ ଲଗାଯାଇପାରେ ଯେ ସ୍କୁଲ ଖୋଲିବା ମାତ୍ରେ ସମ୍ପୂର୍ଣ୍ଣ ଭାବେ ପୁରୁଣା ଶୈଳୀକୁ ପିଲାଙ୍କୁ ଫେରାଇ ନିଆଯିବ। ଯେପରି କି ଏହି କରୋନା ମହାମାରୀରୁ ଭାରତୀୟ ଶିକ୍ଷା ବ୍ୟବସ୍ଥା କିଛି ଶିକ୍ଷା ପାଇଲା ନାହିଁ। କୋଭିଡ୍ ଯୋଗୁ ବାଧ୍ୟବାଧକତାରେ ହେଉ ପଛେ ଶିକ୍ଷା ବ୍ୟବସ୍ଥାକୁ ଅନ୍‌ଲାଇନ୍ ମାଧ୍ୟମ ଆପଣାଇବାକୁ ପଡ଼ିଲା। ଶିକ୍ଷୟିତ୍ରୀ ଶିକ୍ଷକଙ୍କଠାରୁ ଆରମ୍ଭକରି ଛାତ୍ରୀଛାତ୍ର ସମସ୍ତେ କ୍ରମଶଃ ଏହି ନୂଆ ପ୍ରଣାଳୀ ସହ ଅଭ୍ୟସ୍ତ ହେଲେ। ଏଥିରେ ବିଭିନ୍ନ ଅସୁବିଧା ଦେଖା ଦେଇଥିଲେ ମଧ୍ୟ ଏହାର ସକାରାତ୍ମକ ଦିଗକୁ ଅଣଦେଖା କରିହେବ ନାହିଁ। ତେବେ ସ୍କୁଲ ଖୋଲିଲେ ମନେହୁଏ ଯେପରି ଏସବୁକୁ ତୁରନ୍ତ ଭୁଲିଯାଇ ପୁଣି ଯେଉଁ କଥାକୁ ସେଇ କଥାରେ ପଡ଼ିଯିବେ। ଏମିତି ହେଲେ ପୁନଶ୍ଚ ଯେବେ କେବେ କୋଭିଡ୍-୧୯ ଭଳି ଅନ୍ୟ ବିପଦ ଆସିବ ସେହି ସମୟରେ ଆମର ବ୍ୟବସ୍ଥାକୁ 'ଦାସେ ଆଇଲେ ମୂଳରୁ ଗାଆ' ଭଳି ପ୍ରସ୍ତୁତ ହେବାକୁ ପଡ଼ିବ। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ପରିବର୍ତ୍ତିତ ସ୍ଥିତିକୁ ସାମ୍ନା କରିବା ଲାଗି ଆମେ କେତେ ସଜାଗ ହେଉଛେ। ଉତ୍ତର ରଖାଯାଇପାରେ ଯେ, ଏକ ହାଇବ୍ରିଡ୍ ବା ମିଶ୍ରିତ ଶିକ୍ଷା ବ୍ୟବସ୍ଥା ବିକଶିତ କରାଯାଇପାରିଲେ ଭବିଷ୍ୟତରେ ଯେଉଁଭଳି ସ୍ଥିତି ଉପୁଜିଲେ ମଧ୍ୟ ତାହାକୁ ସାମ୍ନା କରାଯାଇପାରନ୍ତା। ସେଥିପାଇଁ ପାଗ ଭିଡ଼ିବା ଲାଗି ଏହି ସମୟ ପ୍ରକୃଷ୍ଟ ଅବସର ସୃଷ୍ଟି କରିଛି।

ଆପ୍ତବାକ୍ୟ ରହିଛି-ଅଭାବ ହିଁ ଉଦ୍ଭାବନର ଜନନୀ। କରୋନା ହେଉଛି ସେହିଭଳି ଏକ ଆହ୍ୱାନ ଯାହା ମଣିଷକୁ ବିକଳ୍ପ ସନ୍ଧାନ ଲାଗି ସୁଯୋଗ ଦେଇଛି। ତେଣୁ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ର ମିଶ୍ରଣ ଘଟି ଯେଉଁ ଶିକ୍ଷା ବ୍ୟବସ୍ଥା ପିଲାଙ୍କୁ ଭେଟି ଦିଆଯାଇପାରନ୍ତା, ତାହା ଦ୍ୱାରା ସେମାନେ ଯେକୌଣସି ପରିସ୍ଥିତିକୁ ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ହୁଅନ୍ତେ। ପୂର୍ବରୁ ଆମେ 'ରେନିଡେ' ବା ବର୍ଷାଦିନ ଛୁଟି ଦେଖିଥିଲୁ। ମନ ବହୁତ ଖୁସି ହେଉଥିଲା। ଏବେ ନୂତନ ପୃଥିବୀରେ ଜଳବାୟୁ ଓ ପରିବେଶଗତ ପରିବର୍ତ୍ତନ ଘଟୁଥିବାରୁ ସାଧାରଣ ଜୀବନଯାପନ ବ୍ୟାହତ ହେଉଛି। ଉଦାହରଣ ସ୍ୱରୂପ ବିଗତ କେତେବର୍ଷ ହେବ ଦେଖିଆସୁଛୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁ ଖରାଦିନ ଛୁଟିର ଅବଧିକୁ ବଢ଼ାଇ ଦିଆଯାଇଛି। ଏହାଦ୍ୱାରା ପିଲାଙ୍କ ପାଠ୍ୟକ୍ରମ ଶେଷ ହୋଇପାରୁ ନାହିଁ। ସେଭଳି ସ୍ଥିତିରେ ମହାମାରୀ ସମୟର ଶିକ୍ଷା ଯାହାକି ଅନ୍‌ଲାଇନ୍ ପାଠପଢ଼ା କରାଇ ଦେଇଥିଲା, ତାହା ବିଶେଷ କାମରେ ଆସିବ। ଅନ୍‌ଲାଇନ୍ ପାଠପଢ଼ାକୁ ଅନେକେ ବିରୋଧ କରନ୍ତି, କାରଣ ସେମାନଙ୍କ ଚିନ୍ତାଧାରାରେ ଗରିବ ଛାତ୍ରୀଛାତ୍ର ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସେହି ଚିନ୍ତା ନିଶ୍ଚିତ ଯଥାର୍ଥ। ତେଣୁ ସରକାର ଯୋଗାଇଦେଉଥିବା ମଧ୍ୟାହ୍ନଭୋଜନ, ପୋଷାକ, ସାଇକେଲ ଇତ୍ୟାଦି କିଛିବର୍ଷ ପାଇଁ ବନ୍ଦ କରିଦେଇ କମ୍ପ୍ୟୁଟର ଓ ସ୍ମାର୍ଟଫୋନ୍ ଏବଂ ଇଣ୍ଟରନେଟ୍ ସଂଯୋଗ ଦିଆଇପାରନ୍ତେ।

ପାରମ୍ପରିକ ଶିକ୍ଷା ବ୍ୟବସ୍ଥାରେ ମାତାପିତା ଓ ଅଭିଭାବକ ପିଲାର ପାଠପଢ଼ା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରେ ପ୍ରାୟତଃ ଛାଡ଼ି ଦେଇଥିଲେ। ଯେବେଠାରୁ ଅନ୍‌ଲାଇନ୍ କ୍ଲାସ୍ ଚାଲିଲାଣି ମାତାପିତା ପିଲାମାନଙ୍କ ପାଠ ସହିତ ଓତପ୍ରୋତ ଜଡ଼ିତ ହେବାକୁ ବାଧ୍ୟ ହେଉଛନ୍ତି। ଏହାଦ୍ୱାରା ବୟସ୍କମାନେ ପୁନଃ ଶିକ୍ଷିତ ହେଉଛନ୍ତି। ଏଠାରେ 'ବାଇଜୁ' ଏବଂ 'ଖାନ୍ ଏକାଡ଼େମୀ' ଭଳି କେତେକ ଅନ୍‌ଲାଇନ୍ ଶିକ୍ଷାଦାନ କରୁଥିବା କମ୍ପାନୀର ଉଦାହରଣ ଦେଖାଯାଇପାରେ। ଏହିଭଳି କେତୋଟି ସଂସ୍ଥା ଅନେକ ବର୍ଷ ପୂର୍ବରୁ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ କରିବାରେ ଆଗେଇ ଆସିଥିଲେ। ଭାରତୀୟ କମ୍ପାନୀ 'ବାଇଜୁ'ର ଆନୁମାନିକ ମୂଲ୍ୟ ଏବେ ୧୫ ବିଲିୟନ ଆମେରିକୀୟ ଡଲାର ବୋଲି କୁହାଯାଉଛି। ଏବେ ଯାହାକୁ ଯେତେ ଅନ୍‌ଲାଇନ୍ ଶିକ୍ଷକ ଏବଂ ପାଠପଢ଼ା ଆରମ୍ଭ ହେଲାଣି। ଏହି ସୁବିଧାକୁ ହାତଛଡ଼ା କରିବା ଉଚିତ୍ ନୁହେଁ। ପିଲାମାନଙ୍କ ମାନସିକ ସ୍ଥିତିକୁ ଦେଖି ଭବିଷ୍ୟତ ପଢ଼ା ବ୍ୟବସ୍ଥାକୁ ସେହି ପୁରୁଣା ଢାଞ୍ଚାକୁ ଟାଣିନେବା ପରିବର୍ତ୍ତେ ନୂତନ ବ୍ୟବସ୍ଥାକୁ ସ୍ୱୀକାର କରିବା ଦରକାର।

## ସମୟ ନାହିଁ

ଆତଙ୍କବାଦୀ କାର୍ଯ୍ୟକଳାପରେ ପିଲାଙ୍କୁ ସାମିଲ କରାଯାଉଛି। ଏହାକୁ ନେଇ ଜାତିସଂଘ ସୁରକ୍ଷା ପରିଷଦରେ 'ଶିଶୁ ଓ ସଶସ୍ତ୍ର ସଂଘର୍ଷ' ଶୀର୍ଷକ ଆଲୋଚନାରେ ଭାରତ ଚିନ୍ତାପ୍ରକଟ କରିଛି। ଏଥିରେ ଭାରତର ବହିର୍ବ୍ୟାପାର ସଚିବ ହର୍ଷ ବର୍ଦ୍ଧନ ଶ୍ରିଙ୍ଗ୍‌ଲା ଭାଗ ନେଇ ଶିଶୁଙ୍କୁ ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ କରାଇବାରେ ଦାୟୀ ସବୁ ବିଷୟଗୁଡ଼ିକ ଉପରେ ପଦକ୍ଷେପ ନେବା ସହ ଏଗୁଡ଼ିକୁ ଶେଷ କରିବାକୁ ଆହ୍ୱାନ ଦେଇଛନ୍ତି।

ନିକଟରେ ଆଫ୍ରିକାର ବୁର୍କିନାଫାସୋର ୧୨ରୁ ୧୪ ବର୍ଷର ପିଲାଙ୍କ ଅଣସଂଗଠିତ ସେନା ପ୍ରାୟ ଏକ ଗ୍ରାମରେ ପ୍ରବେଶ କରି ସ୍ତ୍ରୀ ଲୋକ ଏବଂ ପିଲାଙ୍କ ସମେତ ୧୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ହତ୍ୟା କଲେ। କେତେକ ଜାଗାରେ ଏହିଭଳି ଯୁବବାହିନୀ ଧର୍ମ ନାମରେ ରକ୍ତର ସମୁଦ୍ର ବୁହାଉଥିବାବେଳେ ଅନ୍ୟ କେତେକ ଜାଗାରେ ଜାତିଗତ ବିଦ୍ୱେଷକୁ ନେଇ ହତ୍ୟା ରଚୁଛନ୍ତି। ଏ ସମ୍ପର୍କରେ ଜାତିସଂଘରେ ନିକଟରେ ଉଦବେଗ୍ ପ୍ରକାଶ ପାଇଛି। ଭାରତର ବହିର୍ବ୍ୟାପାର ସଚିବ ତାଙ୍କ ଭାଷଣରେ ଏହାର ପ୍ରତିକାର ସମ୍ପର୍କରେ କହିଛନ୍ତି ଯେ, ଏହିସବୁ ବିଷୟଗୁଡ଼ିକୁ ଧ୍ୟାନ ଦେଇ ଶିଶୁମାନଙ୍କ ସୁରକ୍ଷା ସହ ଆତଙ୍କବାଦକୁ ରୋକିବା ପାଇଁ ଏକ ସମନ୍ୱିତ ଦୃଷ୍ଟିକୋଣ ଆପଣାଇବାକୁ ପଡ଼ିବ। ସେହିଭଳି ଅନ୍ୟ ଦେଶ ନେତାମାନେ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। କିନ୍ତୁ ଏହି ବିରାଟକାୟ ସମସ୍ୟାର ସମାଧାନ ଦିଗରେ କୌଣସି ଦେଶ ତରଫରୁ ବିଧିବଦ୍ଧ ପ୍ରସ୍ତାବ ଆସିଥିବା ଖବର ପଢ଼ିବାକୁ ମିଳିନାହିଁ। ଧର୍ମ କିମ୍ବା ଅନ୍ୟ କୌଣସିଠାରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଦାରିଦ୍ର୍ୟ। ଖାଦ୍ୟ ପାଉ ନ ଥିବା ଶିଶୁ ଏହିଭଳି ଗ୍ୟାଙ୍ଗ୍ ବା ସେନାରେ ସାମିଲ ହେବା ପାଇଁ ଆକର୍ଷିତ ହେଉଛନ୍ତି। ନିଜ ମୁଣ୍ଡରୁ ବୋଝ ଦୂର କରିବାକୁ ଯାଇ ମାତାପିତା ମଧ୍ୟ ପିଲାମାନଙ୍କୁ ଏଥିରେ ଯୋଗ ଦେବାକୁ ବାରଣ କରୁନାହାନ୍ତି। ଉତ୍ତରପ୍ରଦେଶରେ ପିଲାମାନେ ଗାଲିଚା ଶିଳ୍ପରେ କାମ କଲା ପରି ଆଫ୍ରିକା ଓ ମଧ୍ୟପ୍ରାଚ୍ୟରେ ଯୁଦ୍ଧ କରିବାଟା ଏକ ଶିଳ୍ପରେ ପରିଣତ ହୋଇଗଲାଣି। ଆଜିର ଦୁନିଆରେ ଶିଶୁଶ୍ରମିକମାନଙ୍କର ଅଭାବ ଥିଲା ଭଳି ମନେହେଉନାହିଁ। ଏଭଳି ସ୍ଥଳେ ଏହି ପିଲାମାନଙ୍କ ପ୍ରତି ଦୟା ଓ ମମତା ପୋଷଣ କରିବା ସହିତ ସେମାନଙ୍କର ଆର୍ଥିକ ପରିସ୍ଥିତିରେ ଉନ୍ନତି କରାଇବାର ଦାୟିତ୍ୱ ସମଗ୍ର ପୃଥିବୀ ଉପରେ ପଡ଼ିଛି। ତେବେ ପୃଥିବୀର ସମୟ ନାହିଁ ଏହି ଭବିଷ୍ୟତ ପିଢ଼ିର କଥା ଚିନ୍ତା କରିବାକୁ।

# ପରିବେଶ ସନ୍ତୁଳିତ ବିକାଶ ଆବଶ୍ୟକ



ଇଂ. ଶକ୍ତି ପ୍ରସାଦ ଦାସ

ଆମେ ସମସ୍ତେ ଜାଣୁ, ଜଳବାୟୁ ପରିବର୍ତ୍ତନ ଆମ ସଭ୍ୟତା ପାଇଁ ସବୁଠାରୁ ବଡ଼ ଆହ୍ୱାନ। ତେଣୁ, ପରିବେଶକୁ ରକ୍ଷା କରିବାର ସମୟ ଆସନ୍ନ। ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଦେଖିଲେ, ମଣିଷର ପ୍ରବୃତ୍ତି ହେଉଛି ସାମ୍ପ୍ରତିକ ଭୋଗ ପ୍ରାପ୍ତି ପାଇଁ ଭବିଷ୍ୟତକୁ ଅଣଦେଖା କରିବା। ତେଣୁ, ବିଶ୍ୱ ସ୍ତରରେ, ରାଷ୍ଟ୍ରର ବୈଦେଶିକ ନୀତି, ଅର୍ଥନୀତି ଅଥବା ପରିବେଶ ନୀତିଗୁଡ଼ିକରେ ମଧ୍ୟ ଏହା ପ୍ରତିଫଳିତ ହୁଏ।

ଆଜି, ମାନବ ଜାତିକୁ କୌଣସି ଗୋଟିଏ ବିକଳ୍ପ ବାଛିବାକୁ ପଡିବ: ପୋଷଣୀୟ ହେଉ ନ ଥିବା ବିକାଶର ପ୍ରବଳ ଅଭିବୃଦ୍ଧିକୁ ଚଲାଇ ରଖିବା ଅଥବା ପୋଷଣୀୟ ଭବିଷ୍ୟତ ପାଇଁ ଏହାକୁ ମନ୍ଥର କରିବା। ଦ୍ୱିତୀୟ ବିକଳ୍ପରେ, ଆମ ଜୀବନଯାପନ ଖର୍ଚ୍ଚ କିଛି ପରିମାଣରେ ଅଧିକ ହୋଇପାରେ। ଆମର ଅର୍ଥନୈତିକ ଅଭିବୃଦ୍ଧିରେ ସାମାନ୍ୟ ମନ୍ଥରତା ଦେଖାଦେଇପାରେ, ଯାହା ମୁଖ୍ୟତଃ ଗରିବ ଲୋକଙ୍କ ପାଇଁ ଅସୁବିଧା ସୃଷ୍ଟି କରିବ। ଅନ୍ୟପକ୍ଷରେ, ଆମେ ଯଦି ଉଗ୍ର ଶିଳ୍ପାୟନକୁ ମନ୍ଥର ନ କରିବା, ତେବେ ଆମର ଏହି ଗ୍ରହଟି ଏକ ଅନୁର୍ବର ଅନାବାଦି ପିଣ୍ଡରେ ପରିଣତ ହେବାକୁ ବେଶିଦିନ ଲାଗିବ ନାହିଁ।

ତୁଷ୍ଟୀକରଣ ରାଜନୀତିରେ ଅନେକ ଜଳବାୟୁ ପରିବର୍ତ୍ତନଜନିତ ସଂଘାତକୁ ମାନୁ ନ ଥିବାବେଳେ, ଅନ୍ୟ କେତେକେ ଏହି ସଂଗ୍ରାମକୁ ଚତୁରତାର ସହ ଆଡ଼େଇ ଯିବାକୁ ଅଣ୍ଟା ଭିଡ଼ିଛନ୍ତି। ଯେଉଁ ନୀତିଗୁଡ଼ିକ ତୁରନ୍ତ ଫାଇଦା ଦେବ, ସେହି ନୀତି ସବୁକୁ ଅଧିକାଂଶ ରାଜନୈତିକ ନେତୃତ୍ୱ ପସନ୍ଦ କରୁଛନ୍ତି। ପରିଣାମ ହେଉଛି, ଏକ ରାଜନୈତିକ ପରିବେଶ, ଯେଉଁଠି କିଛି ଲୋକ ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ବିଦ୍ରୂପ କରନ୍ତି ସେମାନେ ଜୀବିକା, ବିକାଶ, ଧର୍ମ ଇତ୍ୟାଦି ଆଧାରରେ ସେମାନଙ୍କର ଏଜେଣ୍ଡାକୁ ପରିବେଶ ବିରୋଧୀ ଯୁକ୍ତି ସହିତ ଫେଣ୍ଟାଫେଣ୍ଟି କରି ଆମକୁ ପରିବେଷଣ କରନ୍ତି। ମନକୁ ପ୍ରଶ୍ନ ଆସେ, ଏହି ଲୋକମାନେ ପରିବେଶ ବିଜ୍ଞାନକୁ ଏତେ ବିରୋଧ କରନ୍ତି କାହିଁକି? ଲୋକଲୋଭାବନ ରାଜନୀତିରେ ଦେଶର ଲୋକସମୂହଙ୍କୁ ଏକକ ହିସାବରେ ଦେଖାଯାଏ, ଅନେକତ୍ୱର ସମାବେଶରେ ନୁହେଁ। କାରଣ ସେମାନେ ଲୋକମାନଙ୍କର ପ୍ରତିନିଧି ବୋଲି କରୁଥିବା ଦାବିକୁ ଏହା ନ୍ୟୂନ କରିଥାଏ ବୋଲି ସେମାନଙ୍କର ଧାରଣା। ନେତା, ସେମାନଙ୍କର ନୀତି ଏବଂ ଲୋକଙ୍କ ମଧ୍ୟରେ ଏକ ଅବିଭକ୍ତ ସଂଯୋଗକୁ ଏମାନେ ପସନ୍ଦ କରନ୍ତି। ଏଭଳି ଶାସକମାନେ କୌଣସି ଲୋକପ୍ରିୟ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଗଲାବେଳେ, ପରିବେଶ ବିଧି-ବ୍ୟବସ୍ଥାର ଅନୁପାଳନ ଓ ତତ୍‌ସମ୍ପର୍କିତ ବିତର୍କର ସମ୍ମୁଖୀନ ହେବାକୁ ଧୈର୍ଯ୍ୟ ରଖନ୍ତି ନାହିଁ। ତତ୍କାଳ ସମାଧାନକୁ ପସନ୍ଦ କରନ୍ତି। କାରଣ, ଏହା ତୁରନ୍ତ ଫଳ ପ୍ରଦାନ କରି ସେମାନଙ୍କର ସମର୍ଥନର ଆଧାରକୁ ବଜାୟ ରଖେ।

ଯୁକ୍ତରାଷ୍ଟ୍ରର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ମନୋଭାବ ତାଙ୍କୁ 'ପ୍ୟାରିସ୍ ଜଳବାୟୁ ଚୁକ୍ତି'ରୁ ଓହରିଆସିବାକୁ ବାଧ୍ୟ କରିଥିଲା। ଅବଶ୍ୟ, ବାଇଡେନ ପ୍ରଶାସନ ଏହି ନିଷ୍ପତ୍ତିକୁ ତୁରନ୍ତ ବଦଳାଇ ଦେଇଛନ୍ତି। ଓବାମାଙ୍କ 'ସ୍ୱଚ୍ଛ ଶକ୍ତି ଯୋଜନା'ର ଲକ୍ଷ୍ୟ ଥିଲା ୨୦୩୦ ସୁଦ୍ଧା କାର୍ବନ ନିର୍ଗମନକୁ ୩୨ ପ୍ରତିଶତ ହ୍ରାସ କରିବା। କିନ୍ତୁ, ଟ୍ରମ୍ପ ସେହି ନିଷ୍ପତ୍ତିରୁ ଓହରି ଯାଇଥିଲେ। ଜଳବାୟୁ ପରିବର୍ତ୍ତନକୁ ଜାତୀୟ ସୁରକ୍ଷା ବିପଦ ତାଲିକାରୁ ବାଦ୍ ଦେବାକୁ ପଛାଇ ନ ଥିଲେ। ସେହିପରି, ବ୍ରାଜିଲର ରାଷ୍ଟ୍ରପତି ବୋଲସନାରୋ ଆମାଜନର ସୁରକ୍ଷା ପରି ବିଶ୍ୱସ୍ତରୀୟ ଦାୟିତ୍ୱ ଅପେକ୍ଷା ଘରୋଇ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦିଅନ୍ତି, ଯାହା ତାଙ୍କର ରାଜନୈତିକ ଆଧାରକୁ ସୁଦୃଢ଼ କରିବ। ବ୍ରାଜିଲର ବୈଦେଶିକ ମନ୍ତ୍ରୀ ଏର୍ନେଷ୍ଟୋ ଆରାଜୋଙ୍କ ମତରେ ଜଳବାୟୁ ପରିବର୍ତ୍ତନ ଏକ 'ମାର୍କ୍ସବାଦୀ ଷଡ଼ଯନ୍ତ୍ର'। ଫ୍ରାନ୍ସରେ ଇନ୍ଧନ ଉପରେ କାର୍ବନ ଟିକସ ହଟାଇ ନେବାକୁ ସ୍ୱର ଶୁଭିଲାଣି।

ଭାରତ କଥା ବିଚାରକୁ ନିଆଯାଉ। ରାଜଧାନୀ ଦିଲ୍ଲୀରେ ବାଣ ଫୁଟା ମାମଲାରେ, ୨୦୧୫ରେ ସର୍ବୋଚ୍ଚ ଅଦାଲତ ବାଣର ବିକ୍ରି ତଥା ଫୁଟାଇବା ଉପରେ ପ୍ରତିବନ୍ଧକ ଲଗାଇବାକୁ ଚେଷ୍ଟା କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏହାର କୁପ୍ରଭାବକୁ ପ୍ରଚାର ପ୍ରସାର କରିବାରେ ସରକାର ବିଫଳ ହେଲେ। ବୋଧହୁଏ, ଧର୍ମୀୟ ବିତର୍କରୁ ଦୂରରେ ରହିବା ପାଇଁ କୋର୍ଟ ଏହା ଉପରେ କୌଣସି କଠୋର ନିର୍ଦ୍ଦେଶ ଦେବାରୁ ନିବୃତ୍ତ ରହିଲେ। ଉଦାରବାଦୀ-ଗଣତାନ୍ତ୍ରିକ ଶାସନ ଶୈଳୀ ପ୍ରାୟତଃ ଧୀର-ମନ୍ଥର, ବିଚାରଶୀଳ ଓ ଦୀର୍ଘମିଆଦୀ। ଉଦାରବାଦୀ କାର୍ଯ୍ୟ ଶୈଳୀରେ ଆକସ୍ମିକତା ଓ ତତ୍କାଳିକତାର କୌଣସି ସ୍ଥାନ ନ ଥାଏ; ଯାହା ପରିବେଶ ସମ୍ପର୍କିତ ଆଇନକାନୁନ ତିଆରି ତଥା ଅନୁପାଳନରେ ସହାୟକ ହୋଇଥାଏ।

ଭାରତ ପରି ଏକ ବିକାଶଶୀଳ ଦେଶରେ ପରିବେଶ ସମ୍ପର୍କିତ ଆଇନକାନୁନ ଆଣିବା ଓ ଅନୁପାଳନ କରିବା ଏକ ବହୁମୁଖୀ ପ୍ରକ୍ରିୟା। ପୋଷଣୀୟ ବିକାଶ, ମାନବ ଅଧିକାର, ଭୂସମ୍ପତ୍ତିର ମାଲିକାନା, ରୋଜଗାର ଓ ବ୍ୟବସାୟିକ ସ୍ୱାର୍ଥ ଭଳି ଅନେକ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ସ୍ୱାର୍ଥକୁ ସନ୍ତୁଳିତ କରିବାକୁ ପଡ଼େ। ପରିବେଶକୁ କ୍ଷତି ପହଞ୍ଚାଉଥିବା ଅନେକ ପଦକ୍ଷେପର ପ୍ରଭାବ ତୁରନ୍ତ ଦୃଷ୍ଟିଗୋଚର ହୁଏନାହିଁ। କିଛିବର୍ଷ ପରେ ଏସବୁର ପ୍ରଭାବ ସ୍ପଷ୍ଟ ହୁଏ। ତେଣୁ, ଏହା ବିଜ୍ଞାନସମ୍ମତ ସଂଗଠନ, ଗଣମାଧ୍ୟମ, ନାଗରିକ ସମାଜ, ନ୍ୟାୟପାଳିକା ଓ ଅମଲାତନ୍ତ୍ର ପରି ଅନେକ ଅନୁଷ୍ଠାନ ଉପରେ ନିର୍ଭର କରିବାକୁ ହୋଇଥାଏ।

ସମ୍ପ୍ରତି ଭାରତରେ ପର୍ଯ୍ୟାବରଣ ବ୍ୟାପକ କେନ୍ଦ୍ରୀୟ ଆଇନ ଉପରେ ନିର୍ଭରଶୀଳ। ଏହି ଆଇନଗୁଡ଼ିକୁ ବିଭିନ୍ନ ବୈଧାନିକ ସଂସ୍ଥା, ଯେପରି କି କେନ୍ଦ୍ରୀୟ ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜାତୀୟ ତଥା ରାଜ୍ୟ ଜମି ବ୍ୟବହାର ଓ ସଂରକ୍ଷଣ ବୋର୍ଡ, କେନ୍ଦ୍ରୀୟ ଏବଂ ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ, ରାଜ୍ୟ ଜଙ୍ଗଲ ବିଭାଗ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇଥାଏ। ଆଇନଗୁଡ଼ିକୁ ଲାଗୁ କରିବାର କ୍ଷମତା କେନ୍ଦ୍ର ଓ ରାଜ୍ୟ ସରକାରୀ କର୍ତ୍ତୃପକ୍ଷଙ୍କ ହାତରେ କେନ୍ଦ୍ରୀଭୂତ ହୋଇ ରହିଛି। ଏହାର ସ୍ୱାଭାବିକ ପରିଣାମ ହେଉଛି ଅମଲାତନ୍ତ୍ରର ମର୍ଜିରେ ଆଇନଗୁଡ଼ିକର ଅନୁପାଳନ ଧୀରମନ୍ଥର ହେଉଛି। ଓଡ଼ିଶାରେ ଜଙ୍ଗଲ ସୁରକ୍ଷା ଯେତେବେଳେ ସ୍ଥାନୀୟ ବନ ସୁରକ୍ଷା ସମିତିଗୁଡ଼ିକୁ ଦିଆଗଲା, ଦେଖାଗଲା କି ଓଡ଼ିଶା ପରି ଏକ ବୃହତ୍ ଆଦିବାସୀବହୁଳ କୃଷିପ୍ରଧାନ ରାଜ୍ୟରେ ଏହି ଆନ୍ଦୋଳନ ଯଥେଷ୍ଟ ଶକ୍ତିଶାଳୀ ହେଲା। ମିଳିତ ଜଙ୍ଗଲ ପରିଚାଳନା(ଜେଏଫ୍ଏମ୍) କାର୍ଯ୍ୟକ୍ରମ ଅଧୀନରେ ଉଭୟ ରାଜ୍ୟ ସରକାର ଓ ସ୍ଥାନୀୟ ସମ୍ପ୍ରଦାୟ ମିଳିତ ଭାବରେ ଜଙ୍ଗଲର ସୁରକ୍ଷା ଦାୟିତ୍ୱ ଅନେକାଂଶରେ ସଫଳତାର ସହ ସମ୍ପୂର୍ଣ୍ଣ କଲେ। ଗୋଷ୍ଠୀ ଜଙ୍ଗଲ ପରିଚାଳନା (ସିଏମ୍ଏଫ୍) ଅଧୀନରେ 'ବନ ସୁରକ୍ଷା ସମିତି' ଜରିଆରେ ଜଙ୍ଗଲ ସୁରକ୍ଷାକୁ ଲୋକାଭିମୁଖୀ କରାଗଲା। ଏହା କର୍ପୋରେଟ୍ ସଂସ୍କୃତିର ବେପରୁଆ ବିକାଶକୁ ସନ୍ତୁଳିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା।

ତେଣୁ, କ୍ଷମତାର ବିକେନ୍ଦ୍ରୀକରଣରେ କାର୍ଯ୍ୟନିର୍ବାହୀଙ୍କୁ କେବଳ ତଦାରଖ କରିବାର କାମ ଦେଇ ସ୍ଥାନୀୟ ଲୋକଙ୍କୁ ନିଷ୍ପତ୍ତି ନେବାକୁ ଛାଡ଼ିଦେବାର ଅଛି। ପରିବେଶଗତ ନୀତିନିୟମ କେବଳ ବିଶେଷଜ୍ଞ ଓ ଅମଲାତନ୍ତ୍ର ଦ୍ୱାରା କରା ନ ଯାଇ ହିତାଧିକାରୀଙ୍କଠାରୁ ବ୍ୟାପକ ପରାମର୍ଶ ନିଆଯିବାର ଆବଶ୍ୟକତା ରହିଛି। ସର୍ବେକ୍ଷଣ, କ୍ଷେତ୍ର-ସ୍ତରୀୟ ସଭା ଓ ଖୋଲା ସଭା ମାଧ୍ୟମରେ ଲୋକଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ଦିଆଯିବାର ଅଛି। ଏପରି ହେଲେ ରାଜନୀତିର ପ୍ରଭାବ ବହୁ ମାତ୍ରାରେ କମିଯିବ।

ପରିବେଶ ଆଇନ ଅନୁପାଳନରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଏହା ବିକାଶ ପଥରେ ବାଧକ ସାଜିଥାଏ କିମ୍ବା ଏହାକୁ ଅନୁପାଳନ କରିବାରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଉଦାହରଣ ସ୍ୱରୂପ, ରାଜଧାନୀ ଦିଲ୍ଲୀରେ ନଡ଼ାଜଳା କାରଣରୁ ବାୟୁ ପ୍ରଦୂଷଣର ତୀବ୍ରତା ବିଷୟରେ ଆମେ ସମସ୍ତେ ଜାଣୁ। କିନ୍ତୁ ନଡ଼ାଜଳାକୁ ଯାନ୍ତ୍ରୀକରଣ ଦ୍ୱାରା ନିୟନ୍ତ୍ରଣ କରିବା ଖୁବ୍ ମହଙ୍ଗା। ତେଣୁ, ବାୟୁ ପ୍ରଦୂଷଣ ପ୍ରସଙ୍ଗରେ ପଡ଼ୋଶୀ ତିନିଟି ରାଜ୍ୟରେ ଶାସନରେ ଥିବା ଭିନ୍ନ ଭିନ୍ନ ରାଜନୈତିକ ଦଳ, କୋର୍ଟଙ୍କ ଏକାଧିକ ଅନୁରୋଧ ସତ୍ତ୍ୱେ, ଏହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି। କଥା ହେଉଛି ଏଥିପାଇଁ କୃଷକଙ୍କ ନିକଟରେ ଆବଶ୍ୟକ ସମ୍ବଳର ଅଭାବ। ଏଠାରେ ଯଦି କିଛି ବଜାରଭିତ୍ତିକ ବ୍ୟବସ୍ଥା କରାଯାଆନ୍ତା, ତେବେ ଏହି ସମସ୍ୟାର ସମାଧାନ ସମୟକ୍ରମେ ହୋଇପାରନ୍ତା। ପ୍ରଭାବିତ ଲୋକମାନଙ୍କୁ ପଞ୍ଜାବ ଓ ହରିୟାଣାର କୃଷକଙ୍କଠାରୁ ନଡ଼ାଜଳାର ଅଧିକାର କିଣିବାର ସୁଯୋଗ ଦିଆଗଲେ, ଅନେକେ ଏହାକୁ ଗ୍ରହଣ କରିବେ ବୋଲି ଆଶା କରାଯାଏ। ନଡ଼ାଜଳାଜନିତ ଖର୍ଚ୍ଚ କେବଳ କୃଷକଙ୍କ ପରିବର୍ତ୍ତେ ଏକ ବଡ଼ ଗୋଷ୍ଠୀ ମଧ୍ୟରେ ବାଣ୍ଟି ଦିଆଗଲେ ଏହି ସମସ୍ୟାର ସମାଧାନ ଆସିପାରନ୍ତା।

ସାଧାରଣ ଲୋକଙ୍କ ସୁବିଧା-ଅସୁବିଧାକୁ ଧ୍ୟାନରେ ରଖି ଆଇନ-ଆଧାରିତ ନୀତି ନିର୍ଣ୍ଣୟ କରାଯାଇପାରିଲେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ସମସ୍ୟାଗୁଡ଼ିକର ସମାଧାନ ହୋଇପାରିବ। ଏ ବାବଦରେ ବିତର୍କ ହେଉ, ଯାହା ପରିବେଶ ସନ୍ତୁଳିତ ବିକାଶ ପାଇଁ ଅଧିକ ସୃଜନଶୀଳ ସମାଧାନ ଖୋଜି ବାହାର କରିବାରେ ସହାୟକ ହୋଇପାରିବ ଏବଂ ଆଗାମୀ ପିଢ଼ି ପାଇଁ ଏକ ପୋଷଣୀୟ ପୃଥିବୀ ଉପଲବ୍ଧ କରାଇପାରିବ।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ: ୯୪୩୭୧୬୪୬୧୧
Email: saktiprasadd@yahoo.in

# ଆତ୍ମନିର୍ଭର ଓଡ଼ିଶା



ଶ୍ୱେତପଦ୍ମାସିନୀ ମହାନ୍ତି

ଓଡ଼ିଶା 'ଆତ୍ମନିର୍ଭର' ହେବା ଦରକାର। କିନ୍ତୁ ଏହା ରୋଜଗାର କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିନି। ପାଠୁଆ, ଅପାଠୁଆ ଓଡ଼ିଆ ପୁଅଙ୍କ ପାଇଁ ଓଡ଼ିଶାରେ ରୋଜଗାର ନାହିଁ। କାହିଁକି ନାହିଁ? ପ୍ରାକୃତିକ ସମ୍ପଦରେ ଭରା ଓଡ଼ିଶାରେ ଅଭାବ ରହିଛି କେଉଁଠି। କ'ଣ ନ ଥିଲା ଆମର, କୁଆଡ଼େ ଗଲା ସେ ସବୁ? ବହୁ କଳ କାରଖାନା ପରି ଏବେର ପ୍ରକଳ୍ପ ସବୁ ସାଧାରଣ ଲୋକଙ୍କ ଶ୍ରମ ଓ ଜ୍ଞାନ କୌଶଳରେ ପରିଚାଳିତ ହେଉଥିବା ଅନେକ ଯୋଜନାର ଅବସ୍ଥା ବର୍ତ୍ତମାନ କ'ଣ? ଏଥିରୁ କେତେ ଜୀବିତ, କେତେ ମୃତ, ତାହା କେହି ଭଲ ଭାବେ ଜାଣନ୍ତି ନାହିଁ। ତଥାପି ମୋ ଜାଣିବାରେ ଏସବୁ ପ୍ରକଳ୍ପ 'ତାଲାବନ୍ଦ'ର ଶିକାର ଯେ ହୋଇସାରିଛି ଏଥିରେ ସନ୍ଦେହ ନାହିଁ। ନିଜ ଘର ଭାଙ୍ଗିଗଲେ ତାକୁ ମରାମତି ନ କରି ପର ଦୁଆରେ ମୁଣ୍ଡ ଗୁଞ୍ଜିବା ଭଳି ଏବେ ଆମ ଅବସ୍ଥା। କହିଲେ ଦେଖି, ଓଡ଼ିଶା ଲୋକେ ସୁରଟ, ବମ୍ବେ ଯାଇ ସୂତାକଳ, କପଡ଼ା କଳଗୁଡ଼ିକରେ କାମ କରିବେ। ନିଜ ଝାଳ, ରକ୍ତ ଦେଇ ସେମାନଙ୍କର ଉନ୍ନତି କରାଇବେ। କିନ୍ତୁ ପ୍ରତିଦାନରେ କିଛି ଟଙ୍କା ଛଡ଼ା ପାଇବେ ଆଉ କ'ଣ? କରୋନା ମହାମାରୀ ସମୟରେ ଓଡ଼ିଆ ଲୋକଙ୍କୁ ସେଠା ମାଲିକମାନେ ଅସହାୟ କରି ତଡ଼ିଦେଲେ। ନିଜ ରାଜ୍ୟକୁ ଆସି କ୍ୱାରାଣ୍ଟାଇନ୍ ସାରି ଦିନାକେତେ ଘରେ ରହୁ ରହୁ ପୁଣି ଆସିଲା ସୁରଟରୁ ଡାକରା। ସେମାନେ ଗାଡ଼ି ପଠେଇ ନିଜ ଦରକାର ପାଇଁ ଆମ ଲୋକଙ୍କୁ ନେଲେ। ଏମିତି ହେଲେ ଓଡ଼ିଶାର ସ୍ୱାଭିମାନକୁ କ'ଣ ବାଧେ ନାହିଁ।

ପ୍ରକୃତରେ ଓଡ଼ିଶାର ଆତ୍ମା ତା' ଗାଁରେ ହିଁ ବସେ। ଦୁଃଖ, ସୁଖ ସହି ସେଇ ଅପନ୍ତରା ଇଲାକାର ପାଣି ପବନରେ ସେ ଶାନ୍ତି ପାଏ, ବ୍ୟବସ୍ଥା ସହ ଯୁଝୁଥାଏ। ନାହିଁ ନାହିଁର ଦୁର୍ଦ୍ଦଶା ଲହାର ପଛ ଗୋଡ଼େଇ ଥାଏ। ପିଇବାକୁ ପାଣି ନାହିଁ, ଡାକ୍ତରଖାନା ଥିଲେ ଡାକ୍ତର ନାହାନ୍ତି, ସ୍କୁଲ ଥିଲେ ଶିକ୍ଷକ ନାହାନ୍ତି, ଘର ଅଛି ଛପର ମେଲା, ଜମିବାଡ଼ିରେ ଖଟି ଫସଲ କଲେ ସଂରକ୍ଷଣ କରି ରଖିବାକୁ ଶୀତଳ ଭଣ୍ଡାରଟିଏ ନାହିଁ, ଧାନ ବିକିବାକୁ ହେଲେ ମିଲରଙ୍କୁ କାଟ୍‌ଛାଣ୍ଟ ଦରରେ ଦେବାକୁ ହୁଏ। କିନ୍ତୁ ବର୍ତ୍ତମାନ ପରିପ୍ରେକ୍ଷୀରେ ପ୍ରାୟ ଦେଢ଼ ବର୍ଷ ହେଲା ତାଣ୍ଡବ ରଚି 'କରୋନା' ଆମକୁ ଚେତେଇ ଦେଇଛି ଘର ଛାଡ଼ି ଯିବା-ଆସିବାର ଖେଳ ଭିତରେ କାଳ ବଳବାନ୍ ହୋଇଛି। ଆଉ ରକ୍ଷା ନାହିଁ। ଘରୁ ଗୋଡ଼ କାଢ଼ିବ ତ କରୋନାରେ ମରିବ, ଘରେ ରହିବ ତ ଅନାହାରରେ ମରିବ। ଗାଁ ଲୋକଙ୍କ ପାଖରେ ତ ସହରବାସୀଙ୍କ ପରି ସମ୍ବଳ ନାହିଁ ଯେ, ମାସ ମାସ ଧରି ଘରେ ସୁସ୍ୱାଦୁ ଭୋଜନ ଖାଇ ବସି ରହିବେ। ପଦାକୁ ନ ଗଲେ, ନ ଖଟିଲେ ନିଜେ ଉପାସ, ପରିବାର ବି ଉପାସ।

ଆତ୍ମନିର୍ଭର ଓଡ଼ିଶା ଗଠନ କରିବା ପାଇଁ ସରକାରଙ୍କୁ ପୂର୍ଣ୍ଣପ୍ରାଣରେ ଲାଗିବାକୁ ହେବ। ଇଏତ କେତୋଟି ସମୃଦ୍ଧ ସହରର କଥା ନୁହେଁ, ଲକ୍ଷ ଲକ୍ଷ ଗାଁର କଥା। ଓଡ଼ିଶାର ଅଧେରୁ ଅଧିକ ଲୋକଙ୍କ ହାତକୁ ରୋଜଗାର ଦେବାକୁ ହେଲେ, ପୁଣିଥରେ ଚାଲୁ କରିବାକୁ ହେବ ଆମର ମରିପଡ଼ିଥିବା ଶିଳ୍ପଗୁଡ଼ିକୁ। ଭିତ୍ତିଭୂମି ତ ଅଛି, କେବଳ ପ୍ରକଳ୍ପକୁ ପୁନଃ ଜୀବନ୍ୟାସ ଦେବାକୁ ହେବ। ପୁଣି ଖୋଲୁ କପଡାମିଲ୍, ଚିନିକଳ, ସୂତାକଳ ପରି ଶହ ଶହ ଶିଳ୍ପ, ଯେଉଁଥିରେ ଆମ କୁଶଳୀ, ଅଣକୁଶଳୀ ଯୁବତୀଯୁବକମାନେ ନିଯୁକ୍ତି ପାଇପାରିବେ। ଓଡ଼ିଶାରେ କ'ଣ ଟେକ୍ସଟାଇଲ ଇଞ୍ଜିନିୟରଙ୍କ ଅଭାବ ଅଛି? ଏମାନେ ପରା ଆମ ରାଜ୍ୟ ଛାଡ଼ି ବମ୍ବେ, ଗୁଜରାଟ, ସୁରଟରେ ନିଜ ଦକ୍ଷତା ବିକି, ସେଠା ମିଲ୍‌ମାଲିକଙ୍କୁ କୋଟିପତି କରୁଛନ୍ତି। ସେମାନେ ନିଜ ରାଜ୍ୟର ଉନ୍ନତିରେ ଯୋଗଦାନ କରିବେ। ଏଥିସହ କୃଷିର ଉନ୍ନତି କରାଗଲେ, ନିରାଶୀ ଓଡ଼ିଶାବାସୀ ଉତ୍ସାହିତ ହେବେ। ଯଦି ସଘନ ଚାଷବାସର ଉନ୍ନତି ହେବ, ଅଧିକ ଅମଳ ହେବ, ତା'ର ସଂରକ୍ଷଣ ହେବ କେମିତି, ବିପଣନ ହେବ କେମିତି? ଶସ୍ୟ, ପନିପରିବା ସଂରକ୍ଷଣ ପାଇଁ ଆମ ରାଜ୍ୟରେ କେତୋଟି ଶୀତଳଭଣ୍ଡାର ଅଛି, ଆଉ ସେଥିରୁ କେତୋଟି କାର୍ଯ୍ୟକ୍ଷମ? ଏହା ଭାବିଲେ ସମସ୍ତଙ୍କ ମୁଣ୍ଡ ଲଜ୍ଜାରେ ନଇଁ ପଡ଼ିବ।

ତେଣୁ ସରକାର ପ୍ରତି ସବ୍‌ଡିଭିଜନ୍‌ରେ ଶୀତଳଭଣ୍ଡାର ଖୋଲନ୍ତୁ। ଗାଁ ଗାଁରେ ପାଣି ଓ ଜଳସେଚନର ସୁବିଧା ପାଇଁ ଆହୁରି ପୋଖରୀ ଖୋଳାଯାଉ। ଏତେ ବର୍ଷାପାଣି ଆକାଶରୁ ଖସି ବନ୍ୟା କରି ଗାଁ ଗଣ୍ଡା ବୁଡାଇ ଦେଉଛି, ତାକୁ ସଂରକ୍ଷଣ କରିବା ପାଇଁ ପୋଖରୀର ଆବଶ୍ୟକତା ବହୁତ ବେଶି। ପୁଣି ଆମର ପୋଖରୀରେ ମାଛଚାଷ ହେବ, ଆନ୍ଧ୍ରରୁ ବରଫଦିଆ ମାଛ ଆମଦାନୀ କରିବାକୁ ପଡ଼ିବନି। ସଜ ମାଛ, ପନିପରିବା ଆମକୁ ବାରମାସ ମିଳିପାରିବ। ବିଦ୍ୟୁତ୍ ଯୋଗାଇ ନ ହେଲେ, ଗାଁଗୁଡ଼ିକରେ ସୋଲାର ସିଷ୍ଟମ କରାଇଦେଲେ ଗ୍ରାମୀଣ ଲୋକଙ୍କ ଦୁଃଖ ଦୂର ହେବ। ଦଲାଲମାନଙ୍କୁ ହଟାଇ ସରକାର ନିଜ ତତ୍ତ୍ୱାବଧାନରେ ଧାନ ପରି ଫସଲ କିଣିବା ପାଇଁ ଆଗେଇ ଆସିଲେ, ଚାଷୀ ଅଣ୍ଟାରେ ଦି' ପଇସା ଖୁସିରେ ଖୋସିପାରିବ। କିନ୍ତୁ ଖାଲି ଯୋଜନା ପରେ ଯୋଜନା, ତା' ପରେ ଶୋଷଣ ପରେ ଶୋଷଣ। 'ଶାଗୁଣା, ବିଲୁଆ ଚିକିତ୍ସକ ହେଲେ, ଶବ କି ପାଇବ ପ୍ରାଣ'। ତୃଣମୂଳ ସ୍ତରରେ ସ୍ୱଚ୍ଛତା ନ ରହିଲେ, ଓଡ଼ିଶା କସ୍ମିନ୍ କାଳେ ଆତ୍ମନିର୍ଭର ହୋଇପାରିବ ନାହିଁ।

ଘରେ ରହି, ନିଜ ରାଜ୍ୟରେ ଥାଇ, ଯଦି ଭଲ ରୋଜଗାର କରିବାର ସୁଯୋଗ ଲୋକଙ୍କୁ ମିଳିବ, ସେମାନେ ତ ଅନ୍ୟ ସବୁ ଦାୟିତ୍ୱ ଆପେ ଆପେ ବହନ କରିବାକୁ ଉତ୍ସାହିତ ହେବେ। ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ପ୍ରାକୃତିକ ସମ୍ପଦର ଯତ୍ନ, ସବୁ କରିପାରିବେ। ସରକାରଙ୍କ ପାଖେ ବି ହାତ ନ ପତାଇ ନିଜ ଶିଙ୍ଗରେ ମାଟି ତାଡ଼ିବେ। କେବଳ ଅର୍ଥ ଅଭାବ ହିଁ ଓଡ଼ିଶାକୁ ସମସ୍ୟାର ଗନ୍ତାଘର କରିଛି। ଲୋକଙ୍କୁ ଦେଶାନ୍ତର କରୁଛି। ଅକାଳ କଷଣରେ ଜର୍ଜରିତ କରୁଛି।

ବଡ଼ ବଡ଼ ଯୋଜନା, ବଡ଼ ବଡ଼ ପୁଞ୍ଜିରେ ସହରରେ ହେଉ, ମାତ୍ର ଛୋଟ ଛୋଟ ଯୋଜନା ଅଳ୍ପ ଅଳ୍ପ ବ୍ୟୟରେ ଗ୍ରାମାଞ୍ଚଳରେ କରିବାକୁ ସରକାର ଦୃଷ୍ଟି ଦିଅନ୍ତୁ। ମହିଳାମାନଙ୍କ ସଶକ୍ତୀକରଣରେ ସରକାର ସଫଳ ହୋଇଛନ୍ତି। ବର୍ତ୍ତମାନ ଗ୍ରାମର ଗ୍ରାମ୍ୟ ଯୁବକଙ୍କର ସଶକ୍ତୀକରଣ ପାଇଁ ନିଶ୍ଚିତ ଭାବେ ଧ୍ୟାନ ଦିଅନ୍ତୁ। ସେଇ ଯୁବକମାନଙ୍କ ପ୍ରଚେଷ୍ଟାରେ ପୁଣି ଥରେ ଓଡ଼ିଶା ହୋଇଯାଉ 'ସୁଜଳା, ସୁଫଳା, ଶସ୍ୟଶ୍ୟାମଳା', 'ଜୟ ଯବାନ୍' ନାରା ଫଳବତୀ ହେଉ।

ଏଇଠି ମୁଠାଏ ଖାଇବାକୁ ମିଳିଲେ, ହାତକୁ କିଛି ଟଙ୍କା ଆସିଲେ, ଘର ଛାଡ଼ି କିଏ ବିଦେଶ ଯିବ? ଆମ ଓଡ଼ିଆ ପୁଅ, ଝିଅଙ୍କ ହାତକୁ କାମ ଦରକାର। ଆମର ଏତେ ଥାଇ, ଆମେ ପରଦୁଆରେ ହାତ ପତେଇବା କ'ଣ ଓଡ଼ିଶାର ଅସ୍ମିତାକୁ ଲଜ୍ଜା ଦେଉନାହିଁ କି? ଆଉ ଡେରି ନ କରି, ସରକାର ଏ ସମସ୍ୟାର ସମାଧାନ ଲାଗି ଯେତେ ଶୀଘ୍ର ପଦକ୍ଷେପ ନେବେ, ସେତେଶୀଘ୍ର ଆମ ଓଡ଼ିଶାର ଉନ୍ନତି ଘଟିବ। ଆମ ରାଜ୍ୟ ହେବ 'ଆତ୍ମନିର୍ଭର ଓଡ଼ିଶା'।

ଗୁରୁଜଙ୍ଗ, ଖୋର୍ଦ୍ଧା, ମୋ: ୯୪୩୭୬୧୮୬୨୫

## ଏଇ ଭାରତରେ

ପରିଶ୍ରମର ଫଳ ମହୁ ଭଳି ମିଠା, ଯାହା ଚାଖିପାରିଛନ୍ତି ପଞ୍ଜାବର ଚାଷୀ ଗୋବିନ୍ଦର ସିଂ ରାନ୍ଦୱା। ନିଜର ସୁନା ଅଳଙ୍କାର ବିକ୍ରି କରି ମହୁ ଚାଷ ଆରମ୍ଭ କରିଥିଲେ। ଏଥିରୁ ଏବେ ସେ ବର୍ଷକୁ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିପାରୁଛନ୍ତି। କେବଳ ଏତିକି ନୁହେଁ, ୨୦୦୩ରେ 'ବିଗ୍ ବି ହନି' ଗ୍ରୁପ୍ ଗଠନ କରି ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ମହୁଚାଷୀଙ୍କୁ ସାମିଲ କରିପାରିଛନ୍ତି। ମହୁ ଉତ୍ପାଦନଠାରୁ ଆରମ୍ଭ କରି ମାର୍କେଟିଂ ଯାଏ ସବୁଥିରେ ରାନ୍ଦୱା ଚାଷୀମାନଙ୍କୁ ସହଯୋଗ କରୁଛନ୍ତି। ରାନ୍ଦୱା ଲାଣ୍ଡା ଗାଁରେ ମହୁଚାଷ କରୁଛନ୍ତି। ଗାଁ ମୁଖିଆଙ୍କ ପ୍ରେରଣାରେ ରାନ୍ଦୱା ପଞ୍ଜାବ କୃଷି ବିଦ୍ୟାଳୟରେ ପ୍ରଶିକ୍ଷଣ ନେବା ପରେ ଦୁଇଜଣ ସାଙ୍ଗଙ୍କୁ ନେଇ ପ୍ରଥମେ ୨.୮ ଲକ୍ଷ ଟଙ୍କା ଋଣ କରି ୧୨୦ଟି ମହୁବାକ୍ସ କିଣି ଚାଷ ଆରମ୍ଭ କରିଥିଲେ। ଏଥିରେ ବିଫଳ ହେବା ପରେ ରାନ୍ଦୱାଙ୍କ ଦୁଇ ସାଙ୍ଗ ଏଥିରୁ ଓହରି ଗଲା ପରେ ରାନ୍ଦୱା ତାଙ୍କ ସୁନା ଗହଣା ବିକ୍ରି କରି ଚାଷକୁ ଆଗକୁ ବଢ଼ାଇଥିଲେ। ୨୦୦୯ରେ ମହୁ ଆମଦାନୀ ଓ ରପ୍ତାନି ପାଇଁ ଲାଇସେନ୍ସ ପାଇବାକୁ ସକ୍ଷମ ହୋଇଥିଲେ। ୨୦୧୨-୧୩ରେ ସେ ମହୁ ରପ୍ତାନି ଆରମ୍ଭ କରିଥିଲେ। ଆମେରିକା ଓ ୟୁରୋପରେ ତାଙ୍କ ମହୁର ଚାହିଦା ଢେର ବେଶି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜୁନ୍ ୧୯୯୬

- ରୁଷ୍ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ରାଷ୍ଟ୍ରପତି ବୋରିସ୍ ୟେଲ୍‌ଟ୍‌ସିନ୍‌ଙ୍କୁ ସମର୍ଥନ କରିବା ପାଇଁ ୟୁନିୟନ ଅଫ୍ ରୁଷିୟାନ୍ ଷ୍ଟାଲିନିଷ୍ଟ ପକ୍ଷରୁ ଘୋଷଣା କରାଯାଇଛି।
- ମଧ୍ୟପ୍ରାଚ୍ୟ ବୁଝାମଣା ପାଇଁ ଆରବ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଅନୁସୃତ 'ଶକ୍ତି ପାଇଁ ଭୂମି' ନୀତିକୁ ବିଶ୍ୱର ୭ଟି ଧନୀ ରାଷ୍ଟ୍ରଙ୍କ ପକ୍ଷରୁ ସମର୍ଥନ କରାଯାଇଛି।
- ବିଚାରପତି ରାମପ୍ରକାଶ ସେଠୀ କର୍ଣ୍ଣାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## ଚିରନ୍ତନୀ

ଆଶ୍ୱିନର ଉଷା ଘାସେ ମୁକୁତା ତୁଷାର ପଡ଼େ ଝରି
ସବୁଜ ବେଦନା ପରେ ଲୋତକ ଉଠଇ କିବା ଭରି।
ଆଷାଢ଼ ମାଟିର ବ୍ୟଥା ହୁଅଇ ପ୍ରକାଶ
କମ୍ପନରେ ଜାଗଇ ଆକାଶ।
-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମାଛ ଧରା ଆରମ୍ଭ ହେଉ

ମହାଶୟ,

ମାଛ ପ୍ରଜନନ ସରିବା ସମୟ ଉପନୀତ। ମାଛ ବଢ଼ିଯାଇଥିବେ। ୟାସ୍ ସମୟରେ ସମୁଦ୍ରକୁ ଆସିଥିବା ବନ୍ୟାଜଳ ବି ବେଶ୍ ଲାଭଦାୟକ ହେବ ଏ ବର୍ଷ। ଇଲିଶି ମାଛ ଶସ୍ତା ହେବାର ସମ୍ଭାବନା ଅଛି। ବଙ୍ଗୋପସାଗରେ ଏତେ ଭେରାଇଟି ଓ ସୁଆଦିଆ ମାଛ ଅନ୍ୟ କେଉଁ ସମୁଦ୍ର ଭାଗରେ ମିଳେନାହିଁ। ଏଠାରେ ବହୁତ ମାଛ ମରାଯାଏ ଓ ବିକ୍ରିରେ ବି କୌଣସି ଅସୁବିଧା ରହେନାହିଁ। କୌଣସି ଗରାଖକୁ ଅପେକ୍ଷା କରିବାକୁ ପଡେନାହିଁ। ଆମ ରାଜ୍ୟର ସମୁଦ୍ର କୂଳିଆ ଲୋକଙ୍କର ରଜ ଏକ ବଡ଼ ପର୍ବ ଓ ପ୍ରତିବର୍ଷ ଭଳି ରଜ ତିନିଦିନ ବିତିଯିବା ପରେ ପରେ ସମୁଦ୍ର ପ୍ରବେଶ ପ୍ରତିବନ୍ଧକ ଖୋଲାଯିବା ଦରକାର। ଯିଏ ଆଗ ଯିବ ନିହାତି ଭଲ ମାଛ ଧରିବ। ଏହି ଆଶାରେ ସମୁଦ୍ର ଖୋଲିଲା ମାତ୍ରେ ଦୌଡ଼ ଆରମ୍ଭ ହୋଇଯାଏ ପ୍ରତିବର୍ଷ। ଏଣୁ କରୋନା ପ୍ରଭାବ କମିଲାଣି ଓ ଶୀଘ୍ର ମାଛ ଧରା ଆରମ୍ଭ କରାଯାଉ।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 9 | | | | 2 | | | 5 | |
| | | | | | | | | 2 |
| 4 | 1 | | 5 | | | 3 | | |
| | | | | | 7 | | | 4 |
| 8 | | | | 4 | | | | |
| | 4 | | 1 | | 3 | 9 | 6 | |
| 3 | 6 | | | | | 5 | 9 | 1 |
| | 2 | | | | 8 | | | 3 |
| | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 2 | 7 | 6 | 4 | 9 | 1 | 5 |
| 5 | 7 | 1 | 3 | 9 | 2 | 8 | 6 | 4 |
| 9 | 6 | 4 | 8 | 1 | 5 | 2 | 7 | 3 |
| 7 | 9 | 6 | 5 | 3 | 1 | 4 | 8 | 2 |
| 4 | 3 | 5 | 2 | 8 | 6 | 7 | 9 | 1 |
| 2 | 1 | 8 | 4 | 7 | 9 | 3 | 5 | 6 |
| 6 | 2 | 3 | 9 | 5 | 7 | 1 | 4 | 8 |
| 1 | 4 | 9 | 6 | 2 | 8 | 5 | 3 | 7 |
| 8 | 5 | 7 | 1 | 4 | 3 | 6 | 2 | 9 |

ଗତକାଲିର ଉତ୍ତର

## ଯୁବତୀଙ୍କ ଭ୍ୟାନିଟି ଲୁଟିନେଲେ

ଭୁବନେଶ୍ୱର,(ବ୍ୟୁରୋ): ମଙ୍ଗଳବାର ଶହୀଦନଗର ଥାନା ବିଷ୍ଣୁମନ୍ଦିର ନିକଟ ରାସ୍ତାରେ ଜ୍ୟୋତ୍ସ୍ନାମୟୀ ନାମ୍ନୀ ଜଣେ ଯୁବତୀ ସାଇକେଲରେ ଯାଉଥିଲେ। ଏହି ସମୟରେ ଦୁଇଜଣ ଯୁବକ ଏକ କଳା ପଲ୍‌ସରରେ ଆସି ତାଙ୍କଠାରୁ ଭ୍ୟାନିଟି ଝାମ୍ପିନେଇ ପଳାଇଥିଲେ। ଉକ୍ତ ଭ୍ୟାନିଟିରେ କିଛି ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଗୋଟିଏ ମୋବାଇଲ ଥିଲା। ଏନେଇ ଜ୍ୟୋତ୍ସ୍ନାମୟୀ ସେଠି ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି।

# ୭ ଆନ୍ତଃରାଜ୍ୟ ସାଇବର ଅଭିଯୁକ୍ତ ଗିରଫ

**୧୬ ହଜାରରୁ ଊର୍ଦ୍ଧ୍ୱ ସିମ୍, ୧୫୦ରୁ ଊର୍ଦ୍ଧ୍ୱ ମୋବାଇଲ ଜବତ**

ଭୁବନେଶ୍ୱର,୨୯।୬(ବ୍ୟୁରୋ)

କମିଶନରେଟ୍ ପୋଲିସ ଏକ ବଡ଼ ଆନ୍ତଃରାଜ୍ୟ ସାଇବର ଠକ ଗ୍ୟାଙ୍ଗର ରହସ୍ୟ ଉନ୍ମୋଚନ କରିଛି । ସାଇବର ଠକେଇ ଲିଙ୍କ୍ ଖୋଜୁ ଖୋଜୁ ମିଳିଛି ବଡ଼ ଧରଣର ଟେଲିକମ୍ ସ୍କାମ୍। କେତେକ ସର୍ଭିସ ପ୍ରୋଭାଇଡର ବେଆଇନ ଭାବେ ସିମ୍ ଆକ୍ଟିଭେଟ କରି କିପରି ସାଇବର ଠକଙ୍କୁ ସିମ୍ ଯୋଗାଉଥିଲେ ତାହା ଧରାପଡ଼ିଛି। ସ୍ପେଶାଲ ସ୍କ୍ୱାର୍ଡ ଓ ଶହୀଦନଗର ଥାନା ପୋଲିସ ମିଳିତ ଚଢ଼ାଉ କରି ୭ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୬ ହଜାରରୁ ଅଧିକ ଡୁପ୍ଲିକେଟ୍ ସିମ୍‌କାର୍ଡ ଓ ୧୫୦ରୁ ଊର୍ଦ୍ଧ୍ୱ ଚୋରା ମୋବାଇଲ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଭଦ୍ରକର ମହେଶ୍ୱର ବାରିକ, ରଜନୀକାନ୍ତ ପାଣିଗ୍ରାହୀ, ଶ୍ରୀନିବାସ ଘଡ଼େଇ, ରାଜେଶ କୁମାର ସେଠୀ, କେନ୍ଦୁଝରରୁ ସୁବ୍ରତ କୁମାର ପାଣିଗ୍ରାହୀ ଓ ସୁକାନ୍ତ କୁମାର ଦାସ ଏବଂ ବାଲେଶ୍ୱରରୁ ମଙ୍ଗଳମୟ ମିଶ୍ର। ଗିରଫ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।



ସୂଚନାମୁତାବକ ବାଙ୍କୁଆଳର ଜଣେ ମହିଳା ପ୍ରାୟ ୫ ଲକ୍ଷ ଟଙ୍କା ସାଇବର ଠକେଇର ଶିକାର ହୋଇଥିଲେ। ଉକ୍ତ ମହିଳାଙ୍କୁ ଅଭିଯୁକ୍ତମାନେ ସିମ୍ ଅଚଳ ହେବା ନେଇ ଫୋନ କରିଥିଲେ। ପରେ ସେମାନେ ପଠାଇଥିବା ଲିଙ୍କ୍‌ରେ କ୍ଲିକ୍ କଲେ ସିମ୍ ବନ୍ଦ ହେବ ନାହିଁ ବୋଲି କହିଥିଲେ। ମହିଳା ଜଣଙ୍କ ଉକ୍ତ ଲିଙ୍କ୍‌ରେ କ୍ଲିକ୍ କରିବା ପରେ ପ୍ରଥମେ ୨ଲକ୍ଷ ୭୮ହଜାର ଓ ପରେ ଆଉ ୨ ଲକ୍ଷ କଟିଯାଇଥିଲା। ମହିଳାଙ୍କ ଅଭିଯୋଗ କ୍ରମେ ଏନେଇ ଶହୀଦ ନଗର ଥାନାରେ ଏକ ମାମଲା(ନଂ. ୨୫୮/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଡିସିପି ଉମାକାନ୍ତ ଦାଶଙ୍କ ନେତୃତ୍ୱରେ ସ୍ପେଶାଲ ସ୍କ୍ୱାଡ୍ ଓ ଶହୀଦନଗର ଥାନା ପୋଲିସର ଏକ ଟିମ୍ ତଦନ୍ତ ଆରମ୍ଭ କରିଥିଲେ। କଲ୍ ଆସିଥିବା ନମ୍ବରର ମୋବାଇଲ ଇଏମ୍ଆଇ ନମ୍ବର ଟ୍ରାକ୍ କରିବାପରେ ୭୫ରୁ ଊର୍ଦ୍ଧ୍ୱ ନମ୍ବର ବ୍ୟବହାର ହୋଇଥିବା ସାଇବର ହେଲ୍‌ପ ଡେସ୍କ ଜାଣିବାକୁ ପାଇଥିଲା। ତେବେ ଏଥିରେ ଏକାଧିକ ନମ୍ବର ଓଡ଼ିଶାର ସିମ୍ ଥିବା ଜଣାପଡ଼ିଥିଲା। ଏହି ଓଡ଼ିଶା ନମ୍ବର କେଉଁଠୁ ଆକ୍ଟିଭେଶନ ହୋଇଛି ଓ କାହା ନାଁରେ ରହିଛି ଏସମ୍ପର୍କରେ ତଦନ୍ତ ସମୟରେ ଭଦ୍ରକ ଏକ ରିଟେଲର ପଏଣ୍ଟର ସୂଚନା ମିଳିଥିଲା। ପରେ ସେଠାରୁ ଏହି ରିଟେଲରର ଡିଷ୍ଟ୍ରିବ୍ୟୁଟରଙ୍କ ସମ୍ପର୍କରେ ଜଣାପଡ଼ିବା ସହ କିଛି ନିର୍ଦ୍ଦିଷ୍ଟ ଟେଲିକମ କମ୍ପାନୀର କର୍ମଚାରୀ ସମ୍ପୃକ୍ତ ରହି ସେମାନଙ୍କ ସେଲ୍‌ସ ଟାର୍ଗେଟକୁ ପୂରଣ କରିବା ପାଇଁ ଏପରି ସିମ୍ ଆକ୍ଟିଭେଶନ କରୁଥିବା ଜଣାପଡ଼ିଥିଲା। ଏପରିକି ସାଧାରଣ ଲୋକେ ଯେଉଁଠି ଡକ୍ୟୁମେଣ୍ଟ ଦେଉଥିଲେ ସେଠାରୁ ଡକ୍ୟୁମେଣ୍ଟ ଏହି ଗ୍ୟାଙ୍ଗ ସଂଗ୍ରହ କରୁଥିଲେ। ପରେ ଆଉ କାହାର ଫଟୋ ଲଗାଇ ଡକ୍ୟୁମେଣ୍ଟ ନକଲ କରି ବେନାମି ସିମ୍ ଆକ୍ଟିଭ୍ କରିବା ସହ ଟେଲିକମ୍ ସ୍କାମ୍ କରୁଥିବା ଜଣାପଡ଼ିଥିଲା। ଯାହାକି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ ଇଣ୍ଡିଆର ନିୟମକୁ ଉଲ୍ଲଂଘନ କରି ସିମ୍ ଆକ୍ଟିଭେଟ କରାଯାଉଥିଲା। ସେହି ସିମ୍‌କାର୍ଡ଼କୁ ଅନେକ ସାଇବର ଠକଙ୍କୁ କୋରିଅର କରାଯାଉଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ତେବେ ଏସବୁ ସିମ୍ ପଞ୍ଜାବ, ହରିୟାଣା, ୟୁପି, ଦିଲ୍ଲୀ, ପାକିସ୍ତାନ ଓ ଭାରତର ବର୍ଡ଼ରରେ ଥିବା ଜାଲିଆନାୱାଲାବାଗ ଭଳି ଅଞ୍ଚଳକୁ ପଠାଯାଉଥିବା ଜଣାପଡ଼ିଛି। ସେଠାରୁ ସାଇବର ଠକ ଅନେକ ଉପାୟରେ ବିଭିନ୍ନ ରାଜ୍ୟ ତଥା ଓଡ଼ିଶାର ଲୋକଙ୍କୁ ଫୋନ କରି ଓଡ଼ିଶାର ନମ୍ବର କହି ବିଶ୍ୱାସ ଜନ୍ମାଇ ଏପରି ଠକେଇର ଜାଲ ବିଛାଉଥିଲେ। ୭ ସାଇବର ଠକ ଗିରଫ ହେବା ପରେ ସେମାନଙ୍କ ନେଟୱର୍କର ବଳ କମିବ ବୋଲି କହିଛନ୍ତି ପ୍ରିୟଦର୍ଶୀ। ଅପରପକ୍ଷରେ ଏହା ଜାତୀୟ ନିରାପତ୍ତା ପାଇଁ ବଡ଼ ବିପଦ ବୋଲି ଡିସିପି ଦାଶ କହିଛନ୍ତି। ଗିରଫ ଅଭିଯୁକ୍ତମାନେ ୨୦ରୁ ୫୦ ଟଙ୍କା ମୂଲ୍ୟରେ ଆକ୍ଟିଭେଟ ସିମ୍‌କୁ ରାଜ୍ୟ ବାହାରେ ଥିବା ସାଇବର ଅପରାଧୀଙ୍କୁ ବିକ୍ରି କରୁଥିଲେ। ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଆକ୍ଟିଭେଟ ସିମ୍ ଏମାନେ ଏପରି ରାଜ୍ୟ ବାହାରକୁ ବିକ୍ରି କରିଥିବା ତଦନ୍ତରୁ ଜଣାପଡ଼ିଛି ବୋଲି ଦାଶ କହିଛନ୍ତି।

## ସଂକ୍ଷେପରେ

### ରାଜଧାନୀରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ନେଲେଣି

**ଭୁବନେଶ୍ୱର, ୨୯।୬(ବ୍ୟୁରୋ):** ରାଜଧାନୀରେ ସମସ୍ତଙ୍କୁ ଓ ସବୁ ବର୍ଗଙ୍କୁ ଟିକାକରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଗୁରୁତ୍ୱ ଦେଇଛି। ଗତ ଏକ ମାସ ହେବ ସହରର ସ୍ୱାସ୍ଥ୍ୟକେନ୍ଦ୍ରକୁ ବାଦ୍‌ଦେଇ ଅନେକ ସ୍ଥାନରେ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ୱାର୍ଡ଼ ଅଫିସର୍, କମ୍ୟୁନିଟି ଅର୍ଗାନାଇଜର ଏବଂ ଆଞ୍ଚଳିକ ନାଗରିକଙ୍କ ସଞ୍ଚାଳନରେ ବିଭିନ୍ନ ବସ୍ତି ଓ ବିଏମ୍‌ସି ଅଧୀନ ଗାଁରୁ ବହୁ ସଂଖ୍ୟାରେ ନାଗରିକ ଟିକା ନେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୧୩ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆସରିଛି। ଦକ୍ଷିଣ-ପୂର୍ବ ଜୋନ୍ ୪୧ ନଂ. ୱାର୍ଡ଼ ଅନ୍ତର୍ଗତ ପ୍ରେସ୍ କଲୋନୀ ବିଦ୍ୟାଳୟ ପରିସର ଟିକା କେନ୍ଦ୍ରରେ ରିକ୍ସା କଲୋନୀ, ଶାନ୍ତିନଗର, ମସ୍‌ଜିଦ୍ କଲୋନୀ, ମାଳିସାହି, ପିଡ଼ବ୍ଲ୍ୟୁଡ଼ି କଲୋନୀର ୨ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେଇଛନ୍ତି। କେବଳ ମାଳିସାହି ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ୬୦୦ରୁ ଊର୍ଦ୍ଧ୍ୱ ନାଗରିକ ଟିକା ନେଇଛନ୍ତି। ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ସାମ୍‌ପୁର ଗ୍ରାମାଞ୍ଚଳରେ ଟିକାକରଣ ମଧ୍ୟ ଆରମ୍ଭ ହୋଇଛି। ନାଗରିକଙ୍କ ସହଯୋଗରେ ଯଥାଶୀଘ୍ର ସହରକୁ ସମ୍ପୂର୍ଣ୍ଣ ଟିକାକରଣ କରି ପାରିବୁ ବୋଲି ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂହ କହିଛନ୍ତି।

### ଯୁବତୀଙ୍କ ୨ ଗୋଡ଼ ହାଣିଲେ ପ୍ରେମିକ

**ଖୋର୍ଦ୍ଧା ଅଫିସ,୨୯।୬:** : ଏକତରଫା ପ୍ରେମ କେତେ ଭୟଙ୍କର ହୋଇପାରେ ତାହାର ଚିତ୍ର ମଙ୍ଗଳବାର ବାଘମାରୀ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ପ୍ରେମ ନିବେଦନ କରି ବିଫଳ ହେବା ପରେ ଯୁବତୀଙ୍କ ଦୁଇ ଗୋଡ଼କୁ ପ୍ରେମିକ ହାଣି ଦେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଙ୍କୀ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରେମିକ ଜଣଙ୍କ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ୧୫୦ ବସ୍ କର୍ମଚାରୀଙ୍କ ପରିବାରକୁ ମିଳିଲା ରାଶନ



**ଭୁବନେଶ୍ୱର,୨୯।୬(ବ୍ୟୁରୋ):** କରୋନା କଟକଣା ପାଇଁ ଏବେ ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିଛି। ଫଳରେ ବସ୍ ଡ୍ରାଇଭର, ହେଲ୍‌ପର ଓ କର୍ମଚାରୀଙ୍କ ରୋଜଗାର ବନ୍ଦ ହୋଇଥିବାରୁ ସେମାନଙ୍କ ପରିବାର ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। କେତେଜଣ କର୍ମଚାରୀ ସହର ଛାଡ଼ି ଗାଁକୁ ପଳାଇଥିବାବେଳେ ବହୁ ପରିବାର ଏବେ ବି ଭଡ଼ା ଘରେ ପଡ଼ି ରହିଛନ୍ତି। ରାଜଧାନୀରେ ୧୫୦ ବସ୍ କର୍ମଚାରୀ ପିଲାଛୁଆ ଧରି ନାନା ହଇରାଣ ହେଉଥିବା ଓ ଅଧିକାଂଶ ସମୟ ଭୋକରେ ରହୁଥିବା ନେଇ ଏକ ଭିଡିଓ ନିକଟରେ ଭାଇଲାର ହୋଇଥିଲା। କେତେଜଣ ବସ୍ ଚାଳକ, କଣ୍ଡକ୍ଟର ଓ ହେଲ୍‌ପର ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଗାଡ଼ି ଆଗରେ ଛିଡ଼ା ହୋଇ ସହାୟତା ନିବେଦନ କରୁଥିଲେ। ଏହି ଭିଡିଓ ଦେଖିବା ପରେ ମଙ୍ଗଳବାର ଅଭିନେତା ସବ୍ୟସାଚି, ଅଭିନେତ୍ରୀ ଅର୍ଚ୍ଚିତା ଓ ସ୍ମାଇଲ ଟିମ୍ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ପହଞ୍ଚି ସେମାନଙ୍କୁ ଶୁଖିଲା ରାଶନ ସାମଗ୍ରୀ ଓ ପରିବା ପ୍ରଦାନ କରିଛନ୍ତି। ରାଜଧାନୀ ପରିବହନ କର୍ମଚାରୀ ସଂଘ ସଭାପତି ନବକିଶୋର ମହାନ୍ତି ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ୩୩୯ ଆକ୍ରାନ୍ତ, ୩୪୦ ସୁସ୍ଥ, ୫ ମୃତ

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ଗତ ୨୪ ଘଣ୍ଟାରେ ଭୁବନେଶ୍ୱରରୁ ୩୩୯ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୪୮ଜଣ କ୍ୱାରାଣ୍ଟାଇନ୍‌ରୁ ଓ ୨୯୧ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ସହରରେ ଆକ୍ରାନ୍ତ ସଂଖ୍ୟା ୮୯,୮୦୫କୁ ବୃଦ୍ଧି ପାଇଛି। ଏଥିମଧ୍ୟରୁ ୮୮,୦୨୮ଜଣ ସୁସ୍ଥ ହୋଇଥିବାବେଳେ ୧୩,୧୧ଜଣ ସକ୍ରିୟ ଆକ୍ରାନ୍ତ ଅଛନ୍ତି। ସେହିପରି ଗୋଟିଏ ଦିନରେ ପୁଣି ୫ଜଣଙ୍କ ଜୀବନ ନେଇଛି ମହାମାରୀ କରୋନା।

## ୩ ଦୋକାନ ସିଲ୍

ବାଲିପାଟଣା,୨୯।୬(ଡି.ଏନ୍.ଏ.)

ବାଲିପାଟଣାରେ କେତେଜଣ ଦୋକାନୀ କୋଭିଡ୍ ନିୟମ ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସ୍ଥାନୀୟ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୨ ଜୋତା ଦୋକାନ ଓ ଗୋଟିଏ ଅଳଙ୍କାର ଦୋକାନ ସିଲ୍ କରାଯାଇଛି। ଚଢ଼ାଉରେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ତହସିଲଦାର ସୁନୀତା ଜେନା, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ ଥିଲେ।

# ସିଲ୍ ହେଲା ୭ ମଦ ଦୋକାନ

- ବିଏମ୍‌ସି, ବିଡିଏ ପକ୍ଷରୁ ଚଢ଼ାଉ
- ୭ଇଲେଭେନ୍ ବାର୍ ସିଲ୍
- ୪୦ ହଜାର ଜରିମାନା ଆଦାୟ

ଭୁବନେଶ୍ୱର, ୨୯।୬ (ବ୍ୟୁରୋ)

କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଦୋକାନ ଖୋଲି ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇଛନ୍ତି ସରକାର। କେବଳ ଅନ୍‌ଲାଇନ୍‌ରେ ମଦ ଯୋଗାଣକୁ ଅନୁମତି ରହିଛି। ହେଲେ ଲକ୍‌ଡାଉନ୍ ହେଉ କି ସପ୍ତାହାନ୍ତ ଶଟ୍‌ଡାଉନ୍, ସବୁ ସମୟରେ ରାଜଧାନୀରେ ମଦ କାଉଣ୍ଟରରୁ ମଦ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। କିଏ ପଛପାର୍ଶ୍ୱ ଗଳାବାଟରେ ତ ଆଉ କିଏ ଶଟର ତଳେ ବେପାର କରୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିବାବେଳେ ବିଳମ୍ବରେ ପ୍ରଶାସନର ନିଦ ଭାଙ୍ଗିଛି। ଭୁବନେଶ୍ୱରରେ ସଂକ୍ରମଣ କମୁଥିବାବେଳେ ବ୍ୟବସାୟୀ ଓ ଗ୍ରାହକ ଦିନକୁ ଦିନ ଅମାନିଆ ହୋଇପଡୁଥିବାରୁ ବିଏମ୍‌ସି, ବିଡିଏ ଓ କମିଶନରେଟ ପୋଲିସ ସୋମବାରଠାରୁ ଚଢ଼ାଉକୁ ଜୋର୍‌ଦାର କରିଛି। ମଙ୍ଗଳବାର ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ବିଡିଏ ପକ୍ଷରୁ ରାଜଧାନୀର ବିଭିନ୍ନ ସ୍ଥାନରେ ଚଢାଉ କରି ୭ ମଦ ଦୋକାନକୁ ସିଲ୍ କରିଛି। ଏଥିସହ ଦୋକାନୀଙ୍କଠାରୁ ୪୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ରସୁଲଗଡ, ଡମଣା, କେୟାର ହସ୍ପିଟାଲ ସମ୍ମୁଖ, ଜୟଦେବ ବିହାର ଓ ଆଚାର୍ଯ୍ୟ ବିହାରରେ ଥିବା ୫ ମଦ ଦୋକାନକୁ ସିଲ୍ କରାଯାଇଛି। ସେହିପରି ବାପୁଜୀନଗରରେ ଥିବା ଏକ ମଦ ଦୋକାନରେ ବ୍ୟବସାୟ ଚାଲିଥିବାବେଳେ ତାହାକୁ ସିଲ୍ କରାଯାଇ ୧୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ବିଏମ୍‌ସିର ଦକ୍ଷିଣ ପୂର୍ବ ଜୋନ ଏନ୍‌ଫୋର୍ସମେଣ୍ଟ ଟିମ୍ ଶହୀଦନଗରରେ ଥିବା ଏକ ମଦ ଦୋକାନକୁ ସିଲ୍ କରିବା ସହ ୨୦ହଜାର ଟଙ୍କା ଜରିମାନା ଆଦାୟ କରିଛି। ଏଥିସହ ସେଠାରେ ଥିବା ୭ଇଲେଭେନ୍ ବାର୍‌କୁ ମଧ୍ୟ ସିଲ କରାଯାଇ ୧୦ହଜାର ଟଙ୍କା ଜରିମାନା ନିଆଯାଇଛି।



ବିଏମ୍‌ସି ଓ ବିଡ଼ିଏ କର୍ମଚାରୀମାନେ ଶହୀଦନଗରର ଏକ ମଦ ଦୋକାନ ସିଲ୍ ପୂର୍ବରୁ ଜରିମାନା କାଟୁଛନ୍ତି।

## ଉତ୍ତରାଛକରେ ମଦ ଦୋକାନ ଖୋଲାଯିବାକୁ ବିରୋଧ

ପୁରୁଣା ଭୁବନେଶ୍ୱର,୨୯।୬(ଡି.ଏନ୍.ଏ)

କମିଶନରେଟ ପୋଲିସ ଅଧୀନ ଉତ୍ତରା ଛକରେ ୩ଟି ମଦ ଦୋକାନ ରହିଥିବା ବେଳେ ପୁଣି ଏକ ମଦ ଦୋକାନ ଖୋଲାଯିବାକୁ ନେଇ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏଠାରେ ମଦ ଦୋକାନ ହେଲେ ସରଦେଇପୁର, ବାଲିସାହି, ଧଉଳି, ଉତ୍ତରାଶାସନ ଆଦି ଗ୍ରାମବାସୀ ପ୍ରଭାବିତ ହେବେ। ପୂର୍ବରୁ ଏଠାରେ ମଦ ଦୋକାନ ଖୋଲାଯିବା ନେଇ ବିରୋଧ କରାଯାଇଥିଲେ ମଧ୍ୟ ପୁଣି ଏକ ମଦ ଦୋକାନ କିଭିଳି ଅନୁମତି ଦିଆଗଲା ବୋଲି ସାମାଜିକକର୍ମୀ ହରେକୃଷ୍ଣ ସାହୁ କହିଛନ୍ତି। ବିଶେଷକରି ଶାନ୍ତିସ୍ତୂପ ଧଉଳିକୁ ଆସିଥିବା ପର୍ଯ୍ୟଟକଙ୍କ ଉପରେ ଏହାର ପ୍ରଭାବ ପଡ଼ିବ। ଅବକାରୀ ବିଭାଗ ସୁପରିଟେଣ୍ଡେଣ୍ଟ ରାମଚନ୍ଦ୍ର ମିଶ୍ର କହିଛନ୍ତି, ଏହି ଦେଶୀ ମଦ ଦୋକାନ ପୁରୀ ଜିଲା ରେଜେଷ୍ଟ୍ରିଭୁକ୍ତ। ଏଠାରେ ଅସ୍ଥାୟୀଭାବେ ଦେଶୀମଦ ଷ୍ଟକହୋମ ଖୋଲାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଆଶଙ୍କା ଦୂର ହୋଇନି

**ଆଉ ୨,୬୪୦ ଚିହ୍ନଟ, ୪୦ ମୃତ**

- ଆକ୍ରାନ୍ତ ସଂଖ୍ୟା ୯,୦୬,୪୨୯ ଛୁଇଁଲା
- ପୁଣି ରେଡ୍ ଜୋନ୍‌କୁ ଗଲା ବାଲେଶ୍ୱର

ଭୁବନେଶ୍ୱର, ୨୯।୬(ବ୍ୟୁରୋ)

ରାଜ୍ୟରେ ପୁଣି ୩ ହଜାର ତଳକୁ ଖସିଛି ସଂକ୍ରମଣ। ଏଥିସହିତ ସଂକ୍ରମଣ ହାର ମଧ୍ୟ ୫% ତଳକୁ ଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୩,୬୯୫ ନମୁନା ପରୀକ୍ଷା ହୋଇଥିବାବେଳେ ୨,୬୪୦ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୪.୧୪% ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ବାଲେଶ୍ୱର ଜିଲାରେ ସର୍ବାଧିକ ୩୯୭ଜଣ ରହିଛନ୍ତି। ଫଳରେ ଏହି ଜିଲା ଗ୍ରୀନ୍ ଜୋନ୍‌ରୁ ପୁଣି ରେଡ୍ ଜୋନ୍‌କୁ ଚାଲିଯାଇଛି। ତେବେ ରାଜ୍ୟରେ କରୋନା ସଂକ୍ରମଣ କମିଥିଲେ ମଧ୍ୟ ଆଶଙ୍କା ଦୂର ହୋଇନାହିଁ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର। ସେ କହିଛନ୍ତି, ଯେଉଁ ୫ ଜିଲାରେ ବର୍ତ୍ତମାନ ସଂଖ୍ୟା ଟିକିଏ ଅଧିକ ରହୁଛି ସେଠି ବି ସଂକ୍ରମଣ କମିବ ବୋଲି ଆଶା ରହିଛି। କିନ୍ତୁ ଯେଉଁ ଷ୍ଟ୍ରାଟେଜିରେ କାମ କରୁଥିଲେ ତାହାକୁ ଆଉ କିଛିଦିନ ଚାଲୁ ରଖିବାକୁ ପଡ଼ିବ। ଲୋକମାନେ ଢିଲା ନ ହୋଇ କୋଭିଡ୍ ନିୟମ ମାନନ୍ତୁ ନ ହେଲେ ପଜିଟିଭି ସଂଖ୍ୟା ପୁଣି ବଢ଼ିବ ବୋଲି ସେ ସତର୍କ କରାଇଛନ୍ତି। ସେହିପରି ପର୍ଯ୍ୟାୟକ୍ରମେ ଜିଲାଗୁଡ଼ିକୁ କୋହଳ କରାଯାଉଛି। ସେହି ଅନୁଯାୟୀ ନିଷ୍ପତ୍ତି ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



ଅପରପକ୍ଷେ ରାଜ୍ୟରେ ଆଉ ୪୦ଜଣଙ୍କ ଜୀବନ ନେଇଛି ଏହି ମହାମାରୀ କରୋନା। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୭ଜଣ ଥିବାବେଳେ ବରଗଡ଼, କଟକ, ନୟାଗଡ଼ରୁ ୫ଜଣ ଲେଖାଏ ଓ ପୁରୀରୁ ୪ଜଣ ରହିଛନ୍ତି। ତେବେ ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୯୭୦କୁ ବୃଦ୍ଧି ପାଇଛି।

# ବଦଳିବ କାଳିଗାଡ଼ିଆ ଶ୍ମଶାନ ରୂପ

**ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେବ ୬୫ ଲକ୍ଷ**

**ଆଲୋକୀକରଣ ଉଦ୍‌ଘାଟିତ**

ଭୁବନେଶ୍ୱର,୨୯।୬(ବ୍ୟୁରୋ)

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରସ୍ଥିତ କାଳିଗାଡ଼ିଆ ଶ୍ମଶାନର ରୂପ ବଦଳିବ। ଏହା ଚାରି ପାଖରେ ସୁଉଚ୍ଚ ପାଚେରି, ପାଦଚଲା ରାସ୍ତା, ବିଶ୍ରାମସ୍ଥଳୀ, କାଠଗୋଲା, କିଓସ୍କ, ଚୁଲା, ରିଫ୍ରେଶମେଣ୍ଟ କିଓସ୍କ, ପାର୍କିଂ ସ୍ଥଳ, ପ୍ରସାଧନ କକ୍ଷ ଏବଂ ବୃକ୍ଷରୋପଣ ଆଦିର ବ୍ୟବସ୍ଥା କରାଯିବ। ଏଥିପାଇଁ ପ୍ରାୟ ୬୫ ଲକ୍ଷ ଟଙ୍କା ବ୍ୟୟରେ ଶ୍ମଶାନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏକାମ୍ର ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମଙ୍ଗଳବାର ଏହି ଶ୍ମଶାନର ଆଲୋକୀକରଣକୁ ଉଦ୍‌ଘାଟନ କରି ଏନେଇ ଘୋଷଣା କରିଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଅନୁମୋଦିତ ଏହି ଶ୍ମଶାନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥ, ଦାଶରଥି ଗରାବଡୁ, ଅନୀତାରାଣୀ ମହାନ୍ତି, ବିରଞ୍ଚି ନାରାୟଣ ପତି, ପ୍ରଶାନ୍ତ ସମର୍ଥ, ସନତ ମିଶ୍ର, ମନୁ ପୂଜାପଣ୍ଡା, ପୂର୍ଣ୍ଣଚନ୍ଦ୍ର ବେହେରା, ମାଗା ସମର୍ଥ, ବାବୁଲି ଜେନା, ଗୌର ମୋହନ ଦାସ, ପ୍ରକାଶ ନାୟକ, ବାପୁନି ବେହେରା, ଜୀବନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ କରୁଥିଲେ କିନ୍ନର

- ୧୫ କେଜି ଗଞ୍ଜେଇ ଜବତ, ୨ ଗିରଫ
- ବାଲୁଗାଁରୁ ଆସିଲା, ଗୁଜରାଟ ନିଆଯାଉଥିଲା

ଭୁବନେଶ୍ୱର,୨୯।୬(ବ୍ୟୁରୋ)

କରୋନା କଟକଣା ଭିତରେ ଓଡ଼ିଶାରୁ ଟ୍ରେନ୍‌ରେ ବାହାରକୁ ଚାଲାଣ ହେଉଛି ଗଞ୍ଜେଇ। ଏହି କାରବାରରେ ସମ୍ପୃକ୍ତ ହେଉଛନ୍ତି କିନ୍ନର। ସୋମବାର ଗୁଜରାଟର ସୁରଟକୁ ଚାଲାଣବେଳେ ଆର୍‌ପିଏଫ୍ ଓ କ୍ରାଇମବ୍ରାଞ୍ଚ ମିଳିତ ଭାବେ ଭୁବନେଶ୍ୱର ରେଳ ଷ୍ଟେଶନରେ ଚଢାଉ କରି ଦୁଇ ଚାଲାଣକାରୀ କିନ୍ନରଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ବେଗୁନିଆପଡା ଥାନା ଖଞ୍ଜଣା ଗ୍ରାମର ଲକ୍ଷ୍ମୀଧର ମହାନ୍ତି ଓରଫ ଲିଜା(୨୫) ଓ ବସନ୍ତ ସ୍ୱାଇଁ(୩୪)। ସେମାନଙ୍କଠାରୁ ୧୫ କେଜି ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ଦେଢ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କୁ ହସ୍ତାନ୍ତର ପରେ ଜିଆର୍‌ପି ଥାନାରେ ମାମଲା(୪୬/୨୧) ରୁଜୁ ହୋଇଛି। ଏଥିରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ସେନେଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, କିନ୍ନର ଲିଜା ଓ ବସନ୍ତ ଦୁଇବର୍ଷ ତଳେ ଟ୍ରେନରେ ବୁଲି ଯାତ୍ରୀଙ୍କଠାରୁ ଟଙ୍କା ମାଗୁଥିଲେ। ଏହାପରେ ସେମାନେ ବିଭିନ୍ନ ବିବାହ ଉତ୍ସବରେ ନୃତ୍ୟ ପରିବେଷଣ କରି ରୋଜଗାର କରୁଥିଲେ। ତେବେ କେବେଠୁ ଓ କାହା ଦ୍ୱାରା ଗଞ୍ଜେଇ କାରବାରରେ ସାମିଲ ହୋଇଛନ୍ତି ସେନେଇ ପଚରାଉଚରା ଚାଲିଛି। ସୁରଟରେ ରହୁଥିବା ଓଡିଆ ଶ୍ରମିକଙ୍କ ପାଇଁ ସେମାନେ ଏହି ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ସେମାନେ କହିଛନ୍ତି। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାରେ ଲିଜା ଓ ବସନ୍ତ ଖୋର୍ଦ୍ଧା ଜିଲା ବାଲୁଗାଁରୁ ପ୍ରଶାନ୍ତି ଏକ୍ସପ୍ରେସରେ ଚଢି ଭୁବନେଶ୍ୱରରେ ୬ଟା ୩୦ରେ ପହଞ୍ଚିଥିଲେ। ସେମାନେ ଗାନ୍ଧୀଧାମ ଏକ୍ସପ୍ରେସରେ ସୁରଟ ଯିବା ପାଇଁ ଷ୍ଟେଶନରେ ଅପେକ୍ଷା କରିଥିଲେ। ଗଞ୍ଜେଇ ଚାଲାଣ ସଂକ୍ରାନ୍ତରେ ସୂଚନା ପାଇବା ପରେ ଆରପିଏଫ୍ ଏବଂ କ୍ରାଇମବ୍ରାଞ୍ଚ ଟ୍ରେନ୍ ଓ ଷ୍ଟେଶନ ପରିସରକୁ ତନ୍ନତନ୍ନ କରି ଯାଞ୍ଚ କରି ବହୁ ସମୟ ପରେ ଏକ ଲଗେଜରୁ ଗଞ୍ଜେଇ ଠାବ କରିଥିଲେ।



ଜବତ ଗଞ୍ଜେଇ ଓ ଗିରଫ ଦୁଇ କିନ୍ନର।



## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜ୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିକ୍ଷସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜ୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜ୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜ୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଡେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡା, କୃଷ୍ଣଚୂଡା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜ୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜ୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଡୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜ୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଳାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡା, ଆମ୍ବ, ସିମାରୁବା, ଅର୍ଜ୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଲା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜ୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡା, ପଣସ, ପିଜୁଳି, ରାଧାଚୂଡା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାର୍ସୁଆଁ ନର୍ସରୀ | ଅଁଳା, ଅର୍ଜ୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

**Control Room No.7077046175 & 6370953774**

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼

# କ୍ୱାର୍ଟର ଫାଇନାଲ ଲାଇନ୍ଅପ୍

**କୁଇବା(ବ୍ରାଜିଲ), ୨୯।୬**

କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଫଳରେ କ୍ୱାର୍ଟର ଫାଇନାଲ ପାଇଁ ଲାଇନ୍ଅପ୍ ଚୂଡ଼ାନ୍ତ ହୋଇଛି। ଜୁଲାଇ ୨ରେ ପ୍ରଥମ କ୍ୱାର୍ଟରରେ ପେରୁ ଓ ପାରାଗୁଏ ମଧ୍ୟରେ ମୁକାବିଲା ହେବ। ସେହିଦିନ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଚିଲିକୁ ଭେଟିବ ବ୍ରାଜିଲ। ୩ ତାରିଖରେ ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ଉରୁଗୁଏ-କଲମ୍ବିଆ ଏବଂ ଆର୍ଜେଣ୍ଟିନା-ଇକ୍ୱେଡର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

**ମେସିଙ୍କ ଆର୍ଜେଣ୍ଟିନା ରେକର୍ଡ**

ସୋମବାର ରାତିରେ ଅନୁଷ୍ଠିତ ମ୍ୟାଚରେ ଲିଓନେଲ ମେସିଙ୍କ ଡବଲ ଗୋଲ ବଳରେ ଆର୍ଜେଣ୍ଟିନା ୪-୧ ଗୋଲରେ ବଲିଭିଆକୁ ପରାସ୍ତ କରିଥିଲା। ଫଳରେ ୪ ମ୍ୟାଚରୁ ୧୦ ପଏଣ୍ଟ ପାଇ ଏହି ଦଳ ଗ୍ରୁପ୍ 'ଏ'ରେ ଶୀର୍ଷସ୍ଥାନ ଦଖଲ କରିଥିଲା। ଏହି ମ୍ୟାଚରେ ଖେଳିବା ସହ ମେସି ଏକ ରେକର୍ଡର ଅଧିକାରୀ ମଧ୍ୟ ହୋଇଥିଲେ।


ଗୋଲ ସ୍କୋର ଅବସରରେ ଲିଓନେଲ ମେସି।

ସେ ଆର୍ଜେଣ୍ଟିନା ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାର ରେକର୍ଡ କରିଥିଲେ। ୩୪ ବର୍ଷୀୟ ଏହି ଫରୱାର୍ଡ ଆର୍ଜେଣ୍ଟିନା ପକ୍ଷରୁ ୧୪୮ତମ ମ୍ୟାଚ ଖେଳି ପୂର୍ବରୁ ରେକର୍ଡର ଅଧିକାରୀ ଥିବା ଅବସରପ୍ରାପ୍ତ ଡିଫେଣ୍ଡର ଜାଭିୟର ମାସ୍କେରାନୋଙ୍କୁ ପଛରେ ପକାଇ ଦେଇଥିଲେ। ବଲିଭିଆ ବିପକ୍ଷରେ ମେସି ୩୩ (ପେନାଲ୍ଟି) ଏବଂ ୪୨ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଆଲେଜାଣ୍ଡ୍ରୋ ଡାରିଓ ଗୋମେଜ ୬ଷ୍ଠ ଏବଂ ଲାଉଟାରୋ ଜାଭିଏର ୬୫ତମ ମିନିଟରେ ଅନ୍ୟ ଗୋଲ ଦୁଇଟି ଦେଇଥିଲେ। ବଲିଭିଆ ପକ୍ଷରୁ ଏରୱିନ ସାଭେଦ୍ରା ୬୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଆର୍ଜେଣ୍ଟିନା ପକ୍ଷରୁ ମେସି ୨୦୦୫ରେ ଖେଳିବା ଆରମ୍ଭ କରିଥିଲେ। ହଙ୍ଗେରୀ ବିପକ୍ଷ ଏହି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚରେ ଆର୍ଜେଣ୍ଟିନା ୨-୧ ଗୋଲରେ ବିଜୟୀ ହୋଇଥିଲା। ତେବେ

**କୋପା ଆମେରିକା ଫୁଟ୍‌ବଲ**

ପ୍ରତିପକ୍ଷର ଜଣେ ଖେଳାଳିଙ୍କୁ କହୁଣିରେ ଆଘାତ କରିବାରୁ ମେସିଙ୍କୁ ପଡ଼ିଆରୁ ବିଦା ହେବାକୁ ପଡ଼ିଥିଲା। ୭୫ ଗୋଲ ସହ ଆର୍ଜେଣ୍ଟିନାର ଟପ୍ ସ୍କୋରର ମାନ୍ୟତା ପାଉଥିବା ମେସି ଏବେ ୨ଟି ଦକ୍ଷିଣ ଆମେରିକୀୟ ରେକର୍ଡ ଭାଙ୍ଗିବା ଉପରେ ନଜର ରଖିଛନ୍ତି। ବ୍ରାଜିଲର ପେଲେ ନିଜ ଜାତୀୟ ଦଳ ପାଇଁ ୭୭ ଗୋଲ ଦେଇଛନ୍ତି। ସେହିପରି ଚିଲିର ସର୍ଗିଓ ଲିଭିଂଷ୍ଟୋନ ୩୪ଟି କୋପା ଆମେରିକା ମ୍ୟାଚ ଖେଳିଛନ୍ତି। ୩୧ଟି କୋପା ଆମେରିକା ମ୍ୟାଚ ଖେଳି ସାରିଥିବା ମେସି ଏହି ୨ ରେକର୍ଡ ଭାଙ୍ଗିବାର ନିକଟତର ହୋଇଛନ୍ତି। ଆର୍ଜେଣ୍ଟିନା ପକ୍ଷରୁ ୮୭ ମ୍ୟାଚ ଖେଳି ଡିଏଗୋ ମାରାଡୋନା ୩୨ ଗୋଲ ସ୍କୋର କରିଥିଲେ। ଏହା ମଧ୍ୟରେ ୧୯୮୬ ବିଶ୍ୱକପ ବିଜୟ ସାମିଲ ଥିଲା। ମାତ୍ର ମେସି ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିଲେ ହେଁ ଏ ପର୍ଯ୍ୟନ୍ତ ଆର୍ଜେଣ୍ଟିନାକୁ ବଡ଼ ଟାଇଟଲ ବିଜୟୀ କରାଇବାରେ ସକ୍ଷମ ହୋଇନାହାନ୍ତି।

**ପାରାଗୁଏକୁ ହରାଇଲା ଉରୁଗୁଏ**

ରିଓ ଡି ଜେନିରୋ: କୋପା ଆମେରିକାର ଅନ୍ୟ ଏକ ମ୍ୟାଚରେ ଉରୁଗୁଏ ୧-୦ ଗୋଲରେ ପାରାଗୁଏକୁ ପରାସ୍ତ କରିଛି। ଫଳରେ ଉରୁଗୁଏ ୪ ମ୍ୟାଚରୁ ୭ ପଏଣ୍ଟ ପାଇ ଗ୍ରୁପ୍ 'ଏ'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ପାରାଗୁଏ ସମାନ ମ୍ୟାଚରୁ ୬ ପଏଣ୍ଟରେ ସନ୍ତୁଷ୍ଟ ହୋଇଛି। ବିଜୟୀ ଦଳ ପକ୍ଷରୁ ଏଡିନସନ କାଭାନି ଗୋମେଜ ୨୧ତମ ମିନିଟରେ ପେନାଲ୍ଟିରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ।

# ୟୁରୋ କପ୍‌ରୁ ଫ୍ରାନ୍ସର ବିଦାୟ

**ବୁଖାରେଷ୍ଟ, ୨୯।୬(ଏପି)**

ୟୁରୋ କପ୍ ଫୁଟବଲ ଟୁର୍ନାମେଣ୍ଟର ସୋମବାର ବିଳମ୍ବିତ ରାତିରେ ଅନୁଷ୍ଠିତ ଏକ ମ୍ୟାଚରେ ସୁଇଜରଲାଣ୍ଡ ପେନାଲ୍ଟି ଶୁଟ୍ ଆଉଟ୍ ୫-୪ ଗୋଲରେ ଫ୍ରାନ୍ସକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଫଳରେ ରାଉଣ୍ଡ ଅଫ୍-୧୬ରୁ ଫ୍ରାନ୍ସର ଅଭିଯାନ ଶେଷ ହୋଇଛି। ମ୍ୟାଚରୁ ନିର୍ଦ୍ଧାରିତ ସମୟରେ ୩-୩ ଗୋଲରେ ବରାବର ରହିଥିଲା। ଫ୍ରାନ୍ସ ପକ୍ଷରୁ କରିମ ବେଞ୍ଜିମା ୫୭, ୫୯ ଓ ପଲ୍ ପୋଗ୍‌ବା ୭୫ ତମ ମିନିଟରେ ଗୋଲ ଦେଇଥିଲେ। ସୁଇଜରଲାଣ୍ଡ ପକ୍ଷରୁ ହାରିସ ସେଫେରୋଭିଚ୍ ୧୫, ୮୧ ଏବଂ ମାରିଓ ଗାଭ୍ରାନୋଭିକ୍ ୯୦ତମ ମିନିଟରେ ଗୋଲ ଦେଇଥିଲେ। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ଆଉଟର ସହାୟତା ନିଆ ଯାଇଥିଲା। ଏଥିରେ ସୁଇଜରଲାଣ୍ଡର ୫ ଜଣ ଖେଳାଳି ଗୋଲ ଦେଇଥିବାବେଳେ ଫ୍ରାନ୍ସର ୪ ଖେଳାଳି ପ୍ରତିପକ୍ଷ ନେଟ୍ ସ୍ପର୍ଶ କରିବାକୁ ସକ୍ଷମ ହୋଇଥିଲେ। କିଲିଆନ ଏମ୍‌ବାପେଙ୍କ ଶଟ୍‌କୁ ପ୍ରତିପକ୍ଷ ଗୋଲକିପର ଅଟକାଇ


ଶୁଟ୍ଆଉଟ୍ ମିସ୍ କରିବାପରେ କିଲିଆନ ଏମ୍‌ବାପେ

ଦେଇଥିଲେ। ନିଜ ଦ୍ୱିତୀୟ ଝିଅର ଜନ୍ମ ପାଇଁ ସ୍ତ୍ରୀଙ୍କ ପାଖରେ ରହିବାକୁ ୟୁରୋକପ୍ ଅଧାରୁ ଘରକୁ ପଳାଇଥିବା ସୁଇଜରଲାଣ୍ଡ ଗୋଲକିପର ସୋମେର ସମ୍ଭବତଃ କ୍ୟାରିୟରର ଶ୍ରେଷ୍ଠ ସେଭ୍ କରି ଦଳକୁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରାଇଥିଲେ। ଦୀର୍ଘ ୬୭ ବର୍ଷ ବ୍ୟବଧାନରେ ସୁଇଜରଲାଣ୍ଡ କୌଣସି ବଡ଼ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ୧୯୫୪ ବିଶ୍ୱକପ ଆୟୋଜନ କରିବା ପରଠାରୁ ସୁଇଜରଲାଣ୍ଡ ଆଉ କୌଣସି ବଡ଼ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଦଳ ୩ ଥର ରାଉଣ୍ଡ ଅଫ୍ ୧୬ରୁ ହିଁ ବିଦାୟ ନେଇଥିଲା।

କୋପେନହାଗେନଠାରେ ଅନୁଷ୍ଠିତ ଅନ୍ୟଏକ ମ୍ୟାଚରେ ସ୍ପେନ ୫-୩ ଗୋଲରେ କ୍ରୋଏସିଆକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ଅତିରିକ୍ତ ସମୟରେ ଶେଷ ହୋଇଥିଲା। କ୍ରୋଏସିଆ ପକ୍ଷରୁ ପେଡ୍ରି ଲୋପେଜ ୨୦ତମ ମିନିଟରେ ଆତ୍ମଘାତୀ ଗୋଲ ଦେଇଥିବାବେଳେ ମିର୍ସାଲ୍ଭ ଓରିସିକ ୮୫ ଓ ମାରିଓ ପାସାଲିକ୍ ୯୦+୨ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସ୍ପେନ ପକ୍ଷରୁ ପାବ୍‌ଲୋ ସାରାବିୟା ୩୮, ସେସାର ଆଜପିଲକୁଇଟା ୫୭, ଫାରେନ ଟୋରେସ ଗାର୍ସିଆ ୭୭, ଆଲଭାରୋ ମୋରାଟା ୧୦୦ ଏବଂ ମାଇକେଲ ଓୟାରଜାବାଲ ୧୦୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ୟୁଏଇ, ଓମାନରେ ଟି୨୦ ବିଶ୍ୱକପ୍

**ଦୁବାଇ, ୨୯।୬ (ପି.ଟି.):** କୋଭିଡ୍ ମହାମାରୀ ଯୋଗୁ ଚଳିତ ବର୍ଷ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନଙ୍କୁ ସ୍ଥାନାନ୍ତର ହୋଇଛି। ଏହା ଅକ୍ଟୋବର ୧୭ରୁ ନଭେମ୍ବର ୧୪ ପର୍ଯ୍ୟନ୍ତ ହେବ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ମଙ୍ଗଳବାର ଘୋଷଣା କରାଯାଇଛି। ଇଭେଣ୍ଟକୁ ଭାରତରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପରିଚାଳନା ପରିଷଦକୁ ଅବଗତ କରାଇବାର ଦିନକ ପରେ ଆଇସିସି ପକ୍ଷରୁ ଏହି ବିବୃତି ପ୍ରକାଶ ପାଇଛି। ବିସିସିଆଇ କିନ୍ତୁ ଇଭେଣ୍ଟର ଆୟୋଜକ ହୋଇ ରହିବ। ଏହା ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ, ଆବୁଧାବିର ଶେଖ ଜାୟେଦ ଷ୍ଟାଡିୟମ, ଶାରଜା ଷ୍ଟାଡିୟମ ଏବଂ ଓମାନ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ହେବ ବୋଲି ଆଇସିସି କହିଛି। ୮ଟି କ୍ୱାଲିଫାଇଂ ଟିମ୍‌କୁ ନେଇ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡ ମ୍ୟାଚଗୁଡ଼ିକ ଓମାନ ଓ ୟୁଏଇରେ ହେବ। ଏଥିରୁ ୪ଟି ଟିମ୍ ସୁପର ୧୨ ରାଉଣ୍ଡକୁ ଉନ୍ନୀତ ହେବେ। ଏହି ପର୍ଯ୍ୟାୟରେ ସେମାନେ ଆପେ କ୍ୱାଲିଫାଏ କରିଥିବା ଅନ୍ୟ ୮ଟି ଦଳ ସହ ଯୋଗ ଦେବେ। ପ୍ଲେ-ଅଫ୍ ଷ୍ଟେଜ୍ ଓ ନଭେମ୍ବର ୧୪ରେ ଫାଇନାଲ ପୂର୍ବରୁ ହେବାକୁଥିବା ପ୍ରିଲିମିନାରି ଷ୍ଟେଜ୍ ପ୍ରତିଯୋଗିତାରେ ବାଂଲାଦେଶ, ଶ୍ରୀଲଙ୍କା, ଆୟର୍ଲାଣ୍ଡ, ନେଦରଲାଣ୍ଡସ୍, ସ୍କଟଲାଣ୍ଡ, ନାମ୍ବିଆ, ଓମାନ ଓ ପାପୁଆ



ନ୍ୟୁଗିନି ପ୍ରମୁଖ ଦଳ ଭାଗ ନେବେ। ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ୨୦୨୧ର ସୁରକ୍ଷିତ ଆୟୋଜନକୁ ଅଗ୍ରାଧିକାର ଦିଆଯିବ ବୋଲି ଆଇସିସି ସିଇଓ ଜିଓଫ୍ ଆଲାରଡିସ୍ କହିଛନ୍ତି। ଖେଳପ୍ରେମୀମାନେ ଯେପରି କ୍ରିକେଟର ମଜା ଉଠାଇପାରିବେ ସେଥିଲାଗି ବିସିସିଆଇ, ଏମିରେଟ୍ସ କ୍ରିକେଟ ବୋର୍ଡ ଏବଂ ଓମାନ କ୍ରିକେଟ ସହ ଯୋଗାଯୋଗ ରକ୍ଷା କରି ଉପଯୁକ୍ତ ପଦକ୍ଷେପ ନିଆଯିବ। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି, ଟି୨୦ ବିଶ୍ୱକପ୍ ଯଦି ଭାରତରେ ଆୟୋଜିତ ହୋଇପାରିଥାନ୍ତା ଆମେ ଖୁସି ହୋଇଥାନ୍ତୁ।

# ଦ୍ୱିତୀୟ ରାଉଣ୍ଡରେ ଭେନସ, ଜେଭରେଭ

**ୱିମ୍ବେଲଡନ, ୨୯।୬:** ଚଳିତ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଆମେରିକାର ଭେନସ ୱିଲିୟମ୍ସ। ଏଥିସହ ସେ କ୍ୟାରିୟରର ୯୦ତମ ଗ୍ରାଣ୍ଡସ୍ଲାମ ମ୍ୟାଚ ଖେଳିବାର ସୌଭାଗ୍ୟଲାଭ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ରୋମାନିଆର ମିହାଏଲ ବୁଜାର୍ନେସ୍କୁଙ୍କୁ ୭-୫, ୪-୬, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ମହିଳା ଡ୍ର'ର ସବୁଠାରୁ ବୟସ୍କା ୪୧ ବର୍ଷୀୟ ଭେନସ ଗତ ଫେବୃୟାରୀ ପରେ ଆଉ କୌଣସି ମ୍ୟାଚ ଜିତିପାରି ନ ଥିଲେ। ଭେନସ ଦ୍ୱିତୀୟ ରାଉଣ୍ଡରେ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ଭେଟିବେ। ପୁରୁଷ ସିଙ୍ଗଲ୍ସର ଏକ ମ୍ୟାଚରେ ଆଲେକଜାଣ୍ଡର ଜେଭରେଭ ୬-୩, ୬-୪, ୬-୧ ସେଟ୍‌ରେ ଟାଲୋନ ଗ୍ରିକସ୍ପୋରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିପରି ସେବାଷ୍ଟିଆନ କୋର୍ଡା ୬-୩, ୬-୪, ୬-୭(୫/୭), ୭-୬(୭/୫) ସେଟ୍‌ରେ ଆଲେକ୍ସ ଡି ମିନାଉରଙ୍କୁ ଏବଂ ଡାନ୍ ଇଭାନ୍ସ ୭-୬(୭/୪), ୬-୨, ୭-୫ ସେଟ୍‌ରେ ଫେଲିସିଆନୋ ଲୋପେଜଙ୍କୁ ହରାଇଛନ୍ତି। ମହିଳା ସିଙ୍ଗଲ୍ସରେ ଆଞ୍ଜେଲିକ୍ କର୍ବର ୬-୪, ୬-୩ ସେଟ୍‌ରେ ନିନା ଷ୍ଟୋଜାନୋଭିକ୍‌ଙ୍କୁ ପରାସ୍ତ କରିଛନ୍ତି। ସେହିପରି ଆଶ୍‌ଲେ ବାର୍ଟି ୬-୧, ୬-୭(୧/୭), ୬-୧ ସେଟ୍‌ରେ କାର୍ଲା ସୁଆରେଜ ନାଭାରୋଙ୍କୁ ଏବଂ ଶେଲ୍‌ବି ରୋଜର୍ସ ୬-୧, ୫-୭, ୬-୩ ସେଟ୍‌ରେ ସାମନ୍ତା ଷ୍ଟୋସୁରଙ୍କୁ ହରାଇଛନ୍ତି। କରୋଲିନା ପ୍ଲିସ୍‌କୋଭା ମଧ୍ୟ ୭-୫, ୬-୪ ସେଟ୍‌ରେ ଟାମାରା ଜିଡାନସେକ୍‌ଙ୍କୁ ପରାସ୍ତ କରିଛନ୍ତି।


**DISTRICT OFFICE, SUBARNAPUR**
**(SOCIAL WELFARE SECTION)**
No. 1319/SW Dt.29.06.2021
**TENDER CALL NOTICE**
Sealed tenders are invited for engagement of Transport agent/contractor for transportation of Food Stuff (Rice & Wheat) in Subarnapur district for the year 2021-22. For other details please see notice board of Collector/DSWO or may visit the official website of Subarnapur District **(http://www.subarnapur.nic.in)**.
**Sd./- Collector, Subarnapur**

**DISTRICT EDUCATION OFFICE, PURI**
**DISTRICT PROJECT MANAGEMENT UNIT, MDM, PURI**
TENDER CALL NOTICE NO. 285 / DT.28.06.2021
**ENGAGEMENT OF TRANSPORT AGENTS FOR TRANSPORTATION RICE UNDER MDM PROGRAMME**
Sealed tenders are invited from the intending registered Transport Contractors/Agents having valid agent license for engagement of Transporting Agent under Mid Day Meal Programme for transportation of Rice from OSCSC Ltd. to School points w.r.t. all blocks in Puri district during the year 2021-22. The tender papers for the above purpose containing the terms and conditions, E.M.D. and other statutory requirements can only be downloaded from the district website: **http://puri.nic.in**. The tender paper complete in all respect should reach the O/o. the District Education Officer, Puri, At/Post/Dist.- Puri, PIN - 752001 latest by Dt.19.07.2021 before 3.00 P.M. through Speed Post/Regd. Post only. The tender received beyond the schedule date & time shall not be taken into consideration. The document bid of tender will be opened on Dt.22.07.2021 at 4.00 P.M. & the Price Bid will be opened on 26.07.2021 at 4.00 P.M. in the office chamber of Collector, Puri in the presence of the tenderer or their authorized representatives. The undersigned reserves the right to reject/cancel/withdraw any or all the tenders without assigning any reason thereof.
**By the order of Collector, Puri**
**Sd./- District Education Officer, Puri**

**ODISHA LIVELIHOODS MISSION**
**Department of Mission Shakti, Government of Odisha**
**SIRD & PR Campus, Unit-VIII, Bhubaneswar-751012, Odisha**
**Tel: (0674) 2560166/2560126, E-mail: smmu.olm@gmail.com**
**RPF No: OLM/NETP/RFP/21-22/01 Date:28.06.2021**
No. i-84 **Request for Proposal**
**Title: "Hiring of Agency for Diagnostics Study & Technical Service Support to undertake Cluster Development Activities in Terracotta".**
1. The Odisha Livelihoods Mission (OLM) now invites eligible Agencies to submit their proposals for providing the Services. Interested Agencies should provide information demonstrating that they have the required qualifications and relevant experience to perform the Services as per RFP.
2. Agency will be selected in accordance with Quality and Cost based Selection method set out in the Consultant Guidelines (NRETP Procurement Manual)
3. Detailed information can be obtained at the address below during office hours i.e. 10.00 to 17.30 hours and the details draft ToR can be downloaded in OLM website **www.olm.nic.in**.
4. In case of any Addendum/Clarification/Corrigendum/ Extension regarding this EOI, the same will be published in the above websites only.
5. Request for Proposal in sealed envelope (which includes Technical Proposal and Financial Proposal in separate envelope) must be delivered in a written form to Odisha Livelihoods Mission, SIRD & PR Campus, Unit-VIII, Bhubaneswar-751012, Odisha (by Post/Courier/Drop Box) latest by.
6. Authority reserves the right to accept or reject any proposal, and to cancel the procurement process at any time prior to the award of contract, without assigning any reason thereof.
7. The schedule of invitation:

| Schedule of Invitation of RFP | : | Dates |
|---|---|---|
| Issue of RFP | : | 28.06.2021 Website: **www.olm.nic.in** |
| Confirmation of receipt of Invitation by consulting firm | : | 02.07.2021 |
| Receiving of Pre Proposal queries through the e-mail: **procure.olm@gmail.com** | : | 05.07.2021, 5.30 P.M. |
| Pre-Proposal Conference | : | Dt.07.07.2021 (Exact time with meeting link will be communicated in official website on 05.07.2021) |
| Amendment of RFP to be published (If any) | : | Website: **www.olm.nic.in** |
| Last date for submission of RFP | : | Dt.27.07.2021, 5.30 P.M. |
| Tentative date & time for opening of Technical proposals | : | Dt.28.07.2021, 11.30 A.M. |

**Sd./- State Mission Director**
**OIPR-19018/11/0001/2122**

**OFFICE OF THE TRANSPORT COMMISSIONER-CUM-CHAIRMAN**
**STATE TRANSPORT AUTHORITY, ODISHA, CUTTACK**
No. IX/328/21/6460/TC: Date: 29.06.21
**TENDER CALL NOTICE**
**NOTICE INVITING TENDER FOR SUPPLY OF MANPOWER**
**CORRIGENDUM**
No. JJ-06:- Detailed tender document along with specifications published vide No.6157/23.6.21 on dated: 24.6.21 can be downloaded from the website http://odishatransport.gov.in/ instead of http://orissatransport.nic.in.
**Sd./- Addl. Commissioner Transport (Admn)**
OIPR-38007/11/0001/2122 **STA, Odisha, Cuttack**

**OFFICE OF THE PANCHAYAT SAMITI, JODA**
**KEONJHAR, ODISHA-758038**
E-mail: ori-joda@nic.in; Mob.- 7978004106
**CORRIGENDUM**
No. 1966 Dt. 28.06.2021
No. i-86:- Tender invited for disposal/ Selling of tender paper of 1 number of project under Joda Block vide tender Call Notice No.05/ BDO-Joda of 2021-22, vide Notice No.1832/Dt. 17.06.2021 is hereby cancelled for official reason.
**Sd./- Block Development Officer, Joda**
OIPR-19122/11/0003/2122

**OFFICE OF THE DIVISIONAL FOREST OFFICER, NABARANGPUR DIVISION**
**Phone No. 06858-222014 (Office/Fax), Cell No. 09437094840, E-mail: dfo.ngpur@yahoo.co.in**
**TENDER CALL NOTICE**
**Tender Call Notice No. 04/2021-22 Dated: 28.06.2021**
No. MM-116: Sealed tenders are invited from intending individuals/suppliers/firms having valid Trade Licence and GSTIN for supply of Wiremesh (Size 1.8 Mtr. × 400 Mtr) to Nabarangpur Forest Division as annexed in Annexure-I of the Tender Call Notice.
A sum of Rs.5,000/- (Rupees five thousand) only per bidder shall be deposited as EMD by the intending bidders in the DDO A/c No. 31271629868 of State Bank of India, Main Branch, Nabarangpur with IFSC Code: SBIN0001320 of the Divisional Forest Officer, Nabarangpur Forest Division. After completion of tender process, the amount will be refunded to unsuccessful bidders. In case of successful tenderers, the EMD will be converted to performance security deposit. The performance security or security deposit is liable for forfeiture in full or part on violation of terms and conditions of the tenderer.
The application form of tender containing General Bid information and terms and conditions for supplying materials will be available in the website **www.nabarangpur.nic.in** through online on deposit of Rs.500/- to A/c No. 31271629868 of State Bank of India, Main Branch, Nabarangpur with IFSC Code: SBIN0001320 in favour of Divisional Forest Officer, Nabarangpur Forest Division towards participation cost/tender cost in the tender process. The amount of Rs.500/- (Rupees five hundred) towards tender cost/participation cost in the process is non-refundable. The tender document downloaded from website and submitted must be accompanied by the deposit of tender cost of Rs.500/- (Rupees five hundred) in Account Number provided above, failing which the bidding in tender process is liable for rejection.
The tenders will be received though online in email ID: **dfo.ngpur@yahoo.co.in** or offline mode till **05.00 P.M. of 08.07.2021** only and will be opened by the purchase committee of the office of the Divisional Forest Officer, Nabarangpur Forest Division at **11.00 A.M. on 09.07.2021**. The result of the tender will be published on **09.07.2021** itself. The ender document incomplete in any form and submitted after scheduled time and date will be out rightly rejected as per the terms and condition of the tender documents.
The tender will be finalized and approved by the tender committee of the Divisional Forest Officer, Nabarangpur Forest Division for placing order to supply the materials and the indent in number of materials will be decided by the purchase committee as per the availability of funds after completion of the tender process.
In case any biider is not able to submit tender documents online due to any sort of unforeseen technical fault he/she may submit the same in the tender box kept in the Office of the Divisional Forest Officer, Nabarangpur Forest Division with Head Cleark of the office or may send to the office of the Divisional Forest Officer, Nabarangpur Forest Division via Speed Post/Regd. Post/Courier service etc. so as to reach the undersigned **on or before 05.00 P.M. of 08.07.2021.**
**Sd./- Divisional Forest Officer**
**Nabarangpur Forest Division**
**OIPR-08018/11/0002/2122**

**ODISHA BIODIVERSITY BOARD**
Regional Plant Resource Centre Campus
Ekamrakanan, Nayapalli, Bhubaneswar-15, Odisha
Forest & Environment Dept., Govt. of Odisha
Tel.No. 0674-2552006
Email: msobb@rediffmail.com
www.odishabiodiversityboard.in
F.No. 137/OBB/2020/4300 Date: 28.06.21
**RECRUITMENT OF JUNIOR PROJECT FELLOWS & SENIOR PROJECT FELLOW**
No.CAD-523:- Odisha Biodiversity Board, Bhubaneswar invites applications for filling of temporary positions of Junior Project Fellows (JPF) and Senior Project Fellow (SPF) under different research projects to be implemented in the State. Details on research projects, eligibility criteria etc. can be obtained from the OBB website (www.odishabiodiversityboard.in) or can be collected from the office during working hours. The candidates willing to apply may submit their biodata in the prescribed format along with proof of educational qualifications and experiences. Selection of JPFs and RA will be based on screening of applications, followed by an interview process of the shortlisted candidates. Interested / eligible candidates may download application form from the OBB website and submit the filled in application to our office email: odishabiodiversityboard@gmail.com. Incomplete application will summarily be rejected.
Last date of the receipt of application : Within 21 days from the date of publication.
**Sd./- Member Secretary**
OIPR-08004/11/0001/2122

**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint Venture)**
**Corporate Office, Burla, Dist.- Sambalpur (Odisha) - 768017**
**CORRIGENDUM TO NOTICE INVITING TENDER (NIT)**
**1) TPWODL/PJ/O/SU/014 - Open Tender for supply of 250KVA & 500KVA, 33/0.433KV, BIS Energy Efficiency Level-II Rating, BEE Star-I Rated Distribution Transformer.**
The time period is hereby extended for submission of tender participation fee and authorization letter through e-mail till 8th July 2021, 15.00 hrs, after which link from e-Tender system shall be shared. A corrigendum to the said notice has been uploaded in our website: **www.tpwesternodisha.com**. Prospective bidders are requested to visit the website for detailed amendment and updated tender document.
**Sd./- Chief Contracts & Stores**

**SUNDARGARH MUNICIPALITY**
**(SUNDARGARH MUNICIPALITY-770001**
**E-Mail: sngmunicipality@gmail.com**
No.3542 Date 25.06.2021
**INVITATION FOR BIDS NO.-SNGM/10/2021 OPEN TENDER**
No.C-472:- Executive Officer, Sundargarh Municipality invites item wise rate tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Providing Manpower Services to Sundargarh Municipality during 2021-22 |
| 2 | No. of work | 01 No. |
| 3 | Availability of bid document in portal | 11 hours on dt.29.06.2021 to 17.00 hours on dt.12.07.2021 |
| 4 | Last date of receipt of tender in portal | 17.00 hours on dt.13.07.2021 |
| 5 | Last date and time of receipt of bid cost and EMD | 17.00 hours on dt.13.07.2021 |
| 6 | Date and time of opening of bid | 11.30 hours on dt.14.07.2021 |

Any corrigendum/addendum/date of extension, if any to the above tender would appear only on the website https://tendersodisha.gov.in
OIPR-13130/11/0025/2122 **Sd./- Executive Officer, Sundargarh Municipality**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**
ପତ୍ର ସଂଖ୍ୟା: ୬୫ **ବିଜ୍ଞାପନ** ତା:୧୨।୦୪।୨୧
No. CAD-518: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ କଲୋନୀ, ତୃତୀୟ ପର୍ଯ୍ୟାୟ, ରାଉରକେଲା ହାଉସିଂ ପ୍ରକଳ୍ପରେ ଘର ନଂ. ଏଚ.ଆଇ.ଜି.-ବି-୪୬ (HIG-B-46)କୁ ରଞ୍ଜନ କୁମାର ନାୟକ, ପି.- ଅନନ୍ତ ଚରଣ ନାୟକ, ଗ୍ରା: ଆୟତପୁର, ପୋ.: ଭୂଇଁପୁର, ଥା: ପଟ୍ଟାମୁଣ୍ଡାଇ, ଜି.: କେନ୍ଦ୍ରାପଡ଼ାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ରଞ୍ଜନ କୁମାର ନାୟକ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଦିବ୍ୟେନ୍ଦୁ ରାଉତରାୟ, ପି.- ଶିବ ପ୍ରସାଦ ରାଉତରାୟ, ଗ୍ରା/ପୋ.: ଗୋବିନ୍ଦପୁର, ଥା: ଆଳି, ଜି.: କେନ୍ଦ୍ରାପଡ଼ାଙ୍କ ନାମରେ ଆବଣ୍ଟନ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ଆବଣ୍ଟନ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ଆବଣ୍ଟନ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ସହ ପ୍ରଶାସନିକ ଅଧିକାରୀ
OIPR-13030/11/0047/2122 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

# ଅଭିବୃଦ୍ଧିକୁ ମିଳିବନି ପ୍ରୋତ୍ସାହନ

**ନୂଆଦିଲ୍ଲୀ,୨୯।୬**

କୋଭିଡ୍-୧୯ ଦ୍ୱାରା କ୍ଷତିଗ୍ରସ୍ତ କ୍ଷେତ୍ରଗୁଡ଼ିକ ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପ୍ରାୟ ୬.୩ ଲକ୍ଷ କୋଟି ଟଙ୍କାର ନୂଆ ଆର୍ଥିକ ପ୍ୟାକେଜ ସୋମବାର ଘୋଷଣା କରିଛନ୍ତି। କ୍ଷୁଦ୍ର ବ୍ୟବସାୟୀ, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରଗୁଡିକୁ ମହାମାରୀ ଚାପରୁ ବାହାରକୁ ଆଣିବା ଲାଗି ଋଣ ଗ୍ୟାରେଣ୍ଟି ସ୍କିମ୍ ସୁବିଧା କରାଯାଇଛି। ମାତ୍ର ଶିଳ୍ପଜଗତ ବିଶେଷଜ୍ଞ ଏବଂ ଅର୍ଥନୀତିଜ୍ଞମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ନୂଆ ଋଣ ଗ୍ୟାରେଣ୍ଟି ଯୋଜନାରୁ ମାତ୍ର କିଛି ସମୟର ଆଶ୍ୱସ୍ତି ମିଳିପାରେ। ଏହାକୁ ସ୍ୱଳ୍ପ ମିଆଦୀ ବୋଲି ବିବେଚନା କରାଯାଇପାରିବ ବୋଲି ବଜାର ବିଶେଷଜ୍ଞ କହିଛନ୍ତି।

୫ ଲକ୍ଷ ପର୍ଯ୍ୟଟକଙ୍କୁ ଫ୍ରି ଭିଜା ଦେବାକୁ ସରକାର ଘୋଷଣା କରିଛନ୍ତି। ସେହିଭଳି ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କୁ ୧.୧ ଲକ୍ଷ କୋଟିର ଋଣ ଗ୍ୟାରେଣ୍ଟି ମିଳିବ। ବିଜ୍‌ନେସ୍‌ଗୁଡିକ ଲାଗି ୪.୫ ଲକ୍ଷ କୋଟିର ଋଣ ଗ୍ୟାରେଣ୍ଟି ସରକାର ଦେବେ। ଏହା ପୂର୍ବରୁ ୩ ଲକ୍ଷ କୋଟି ଟଙ୍କା ଥିବା ବେଳେ ଏହାକୁ ବଢ଼ାଯାଇଛି। ଗରିବ ଲୋକଙ୍କୁ ନଭେମ୍ବର ଯାଏ ମାଗଣା ଖାଦ୍ୟଶସ୍ୟ ପ୍ରଦାନ କରାଯିବ। ହେଲ୍‌ଥ ଏବଂ ଡିଜିଟାଲ ନେଟ୍‌ୱର୍କରେ ପ୍ରାୟ ୪୨ ହଜାର କୋଟି ଟଙ୍କା ଖର୍ଚ୍ଚ କରିବା ନେଇ ସରକାର ଘୋଷଣା କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଏମ୍‌କେ ଗ୍ଲୋବାଲ ଫାଇନାନ୍ସିଆଲ ସର୍ଭିସେସ୍‌ର ପ୍ରମୁଖ ଅର୍ଥନୀତିଜ୍ଞ ମାଧବୀ ଅରୋରା କହିଛନ୍ତି, କାଉଣ୍ଟର ସାଇକ୍ଲିକାଲ ଫିସ୍କାଲ ପଲିସିର ପ୍ରଭାବ କ'ଣ ରହୁଛି ତାହା ଦେଖିବାକୁ ହେବ। ସେହିଭଳି ସମୟ ପୂର୍ବରୁ ସରକାର ଯେଭଳି ଖର୍ଚ୍ଚ କମ୍ ନ କରନ୍ତି ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ। ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତି, ନୂଆ ଯୋଜନା ଲାଗୁ କରିବା ଲାଗି ସରକାର କେତେ ଖର୍ଚ୍ଚ କରିପାରିବେ ତାହା ବିଚାର କରିବାକୁ ହେବ। କାରଣ ନୂଆ ଯୋଜନା ଲାଗି ସରକାରଙ୍କୁ ୬୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଘରୋଇ ବଜାରରେ ବର୍ତ୍ତମାନ ଟିକାକରଣ କାର୍ଯ୍ୟକ୍ରମ ମନ୍ଥର ରହିଛି। ସେହିଭଳି ଡେଲ୍ଟା ଭାରିଆଣ୍ଟକୁ ନେଇ ଆଶଙ୍କା କରାଯାଉଛି। ଏହା ବଜାରର ଅଭିବୃଦ୍ଧିକୁ କ୍ଷତି ପହଞ୍ଚାଇବ ବୋଲି ଅର୍ଥନୀତିଜ୍ଞମାନେ ଆଶଙ୍କା କରିଛନ୍ତି। ଫଳରେ ଚଳିତ ଆର୍ଥିକ ବର୍ଷ ଲାଗି ଅଭିବୃଦ୍ଧିକୁ ୧୦-୧୧% ପରିବର୍ତ୍ତେ ୭.୫ରୁ ୮%କୁ ଖସାଯାଇଛି। ମାର୍ଚ୍ଚ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୧.୬% ରହିଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ଜିଡିପି କ୍ଷତିଗ୍ରସ୍ତ ରହିବା ନେଇ ଆକଳନ କରାଯାଇଛି। ଆର୍ଥିକ ଅଭିବୃଦ୍ଧିକୁ ସହାୟତା କରିବା ଲାଗି ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତି ବୃଦ୍ଧି ସତ୍ତ୍ୱେ ମଧ୍ୟ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ କରିନାହିଁ। ଫିକିର ସିନିୟର ଭାଇସ ପ୍ରେସିଡେଣ୍ଟ ସଞ୍ଜୀବ ମେହେଟା କହିଛନ୍ତି, ଖାଉଟି ଚାହିଦା ବଢ଼ାଇବା ଲାଗି ଲୋକଙ୍କ ମଧ୍ୟରେ ପୁଣି ଥରେ ଭରସା ଫେରାଇ ଆଣିବାକୁ ପଡ଼ିବ।

### ପ୍ୟାକେଜକୁ ନେଇ ଚିନ୍ତାପ୍ରକଟ କଲେ ବଜାର ବିଶେଷଜ୍ଞ



## ନୂଆ ପ୍ୟାକେଜକୁ ରାହୁଲ, ଚିଦାମ୍ବରମଙ୍କ ସମାଲୋଚନା

**ନୂଆଦିଲ୍ଲୀ,୨୯।୬**

ସରକାରଙ୍କ ନୂଆ ପ୍ରୋତ୍ସାହନ ପ୍ୟାକେଜକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମାଲୋଚନା କରିଛନ୍ତି। ବର୍ତ୍ତମାନର ଦରକାର ସମୟରେ କୌଣସି ପରିବାର ସରକାରଙ୍କ ଆର୍ଥିକ ପ୍ୟାକେଜରୁ କିଛି ଫାଇଦା ପାଇବେନି ବୋଲି ରାହୁଲ କହିଛନ୍ତି। ନୂଆ ପ୍ୟାକେଜ ସରକାରଙ୍କ ଆଉ ଏକ ଛଳନା ବୋଲି ସେ ମତବ୍ୟକ୍ତ କରିଛନ୍ତି। ଲୋକମାନେ ଆର୍ଥିକ ପ୍ୟାକେଜ ଦ୍ୱାରା ସେମାନଙ୍କ ଦୈନନ୍ଦିନ ଜୀବନରେ ଖାଦ୍ୟ, ମେଡିସିନ, ପିଲାଙ୍କ ସ୍କୁଲ ଫି ଭଳି ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାମରେ ଲଗାଇପାରିବେନାହିଁ। ଏଣୁ ଏହାକୁ ପ୍ୟାକେଜ ନୁହେଁ, କେବଳ ଛଳନା କୁହାଯାଇପାରିବ। ସେହିଭଳି ବରିଷ୍ଠ କଂଗ୍ରେସ ନେତା ପି.ଚିଦାମ୍ବରମ ମଧ୍ୟ ପ୍ୟାକେଜକୁ ସମାଲୋଚନା କରିଥିବା ଦେଖାଯାଇଛି। ସରକାର ଲୋକଙ୍କ ହାତରେ ସିଧାସଳଖ ଅର୍ଥ ଯୋଗାଇ ଦେବାର ଆବଶ୍ୟକତା ଥିଲା। ଗରିବ ଏବଂ ମଧ୍ୟବିତ୍ତବର୍ଗଙ୍କ ହାତକୁ ନଗଦ ଅର୍ଥ ଆସିଲେ ସେମାନେ ଏହାକୁ ଖର୍ଚ୍ଚ କରିଥାନ୍ତେ। ଫଳରେ ଏହା ଚାହିଦା ବଢ଼ାଇବା ଦିଗରେ ସହାୟକ ହୋଇପାରିଥାନ୍ତା। ମାତ୍ର ସରକାର ଘୋଷଣା କରିଥିବା ପଦକ୍ଷେପରେ ଏଭଳି କୌଣସି ବ୍ୟବସ୍ଥା ନାହିଁ। ସରକାର ଯେଉଁ କ୍ରେଡିଟ ଗ୍ୟାରେଣ୍ଟି ଘୋଷଣା କରିଛନ୍ତି ତାହାକୁ ବାହାବା ଦେବା ଠିକ୍ ନୁହେଁ। ଏହା କେବଳ ଋଣ ବୋଝ ବଢ଼ାଇବ। ବର୍ତ୍ତମାନ ଋଣ ବୋଝରେ ରହିଥିବା ବିଜ୍‌ନେସ୍‌ଗୁଡିକୁ କେଉଁ ବ୍ୟାଙ୍କ କାହିଁକି ଋଣ ଯୋଗାଇବ ବୋଲି ଚିଦାମ୍ବରମ ଯୁକ୍ତି ବାଢ଼ିଛନ୍ତି। ସରକାର ବିଜ୍‌ନେସକୁ ଅଣ ଋଣ ପୁଞ୍ଜି ଆକାରରେ କିଛି ଅର୍ଥ ଯୋଗାଇବାର ଆବଶ୍ୟକତା ରହିଥିଲା। ଅଧିକ ଯୋଗାଣ ଚାହିଦାକୁ ପ୍ରୋତ୍ସାହିତ କରିବ ବୋଲି କହିବା ଠିକ୍ ନୁହେଁ। ମାତ୍ର ଚାହିଦା ବଢ଼ିଲେ ଯାଇ ଯୋଗାଣ ବଢ଼ିପାରିବ। ବର୍ତ୍ତମାନ ଲୋକଙ୍କ ଚାକିରି ଚାଲିଯାଇଥିବା ବେଳେ ଅନେକଙ୍କ ବେତନ କାଟ ହୋଇଛି। ଏଭଳି ସ୍ଥିତିରେ ଚାହିଦା ବଢ଼ାଇବା ଲାଗି ଲୋକଙ୍କୁ ହାତକୁ ନଗଦ ଅର୍ଥ ଆସିବାର ଆବଶ୍ୟକତା ରହିଛି ବୋଲି ଚିଦାମ୍ବରମ କହିଛନ୍ତି।

## ଭାରତରେ ସ୍କୋଡା କୁସାକ୍ ଶୁଭାରମ୍ଭ

**ନୂଆଦିଲ୍ଲୀ,୨୯।୬**

ସ୍କୋଡା ଅଟୋ ଭାରତରେ ଏକ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛି। କମ୍ପାନୀ ପକ୍ଷରୁ ନୂଆ ସ୍କୋଡା କୁସାକ୍‌ର ବୁକିଂ ଆରମ୍ଭ କରାଯାଇଛି। ଇଣ୍ଡିଆ ୨.୦ ପ୍ରକଳ୍ପ ଅନ୍ତର୍ଗତ ବହୁ ପ୍ରତୀକ୍ଷିତ ଏସ୍‌ୟୁଭି ସ୍କୋଡା କୁସାକ୍‌ର ମୂଲ୍ୟ ଘୋଷଣା କରିଛି। ଚଳିତ ବର୍ଷ ଭାରତରେ ୱାର୍ଲଡ ପ୍ରିମିୟରଠାରୁ କୁସାକ୍ ଏହାର ସ୍ୱତନ୍ତ୍ର ଉପସ୍ଥିତିକୁ ପ୍ରମାଣିତ କରିପାରିଛି। ଏହି ନୂତନ ସ୍କୋଡା ଭାରତରେ ଭାରତ ପାଇଁ ପ୍ରସ୍ତୁତ।




ଏହି ଗ୍ଲୋବାଲ ମଡେଲ ସହିତ ହ୍ୟାଲୋଡ୍ ୱିଙ୍ଗଡ୍ ଆରୋ ବ୍ରିଜ୍ ଅତ୍ୟନ୍ତ ଆକର୍ଷଣୀୟ। ସ୍କୋଡା କୁସାକ୍‌ର ଆନେକ୍ସ- ଶୋରୁମ୍ ମୂଲ୍ୟ ସାରା ଦେଶରେ ୧୦.୪୯ ଲକ୍ଷ ଟଙ୍କାରୁ ଆରମ୍ଭ ଯାହାକି ଗୋଟିଏ ଦେଶ, ଗୋଟିଏ ମଲ୍ୟ ନୀତିକୁ ଅନୁସରଣ କରୁଛି। ଏହି ଅବସରରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ଡାଇରେକ୍ଟର ଜାକ୍ ହୋଲିସ୍ କହିଛନ୍ତି,କୁସାକ୍‌ର ଶୁଭାରମ୍ଭ ସ୍କୋଡା ଅଟୋ ଇଣ୍ଡିଆ ପାଇଁ ଏକ ଗୌରବର ସମୟ ଏବଂ ଏହା ସହିତ ଆମେ ଏକ୍ସାଇଟିଂ ବିଭାଗରେ ଡାଇନାମିକ୍ ଅଟୋମୋଟିଭ୍ ମାର୍କେଟରେ ପ୍ରବେଶ କରୁଛୁ। ଗ୍ରାହକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି କୁସାକ୍‌କୁ ପ୍ରସ୍ତୁତ କରାଯାଇଛି ଓ ଭାରତୀୟ ବଜାର ପାଇଁ ଅନୁକୂଳ କରି ଏହାକୁ ସେହି ଅନୁସାରେ ପରିବର୍ତ୍ତନ କରାଯାଇଛି।

## ନୂଆ ରିୟଲମି ନାର୍ଜୋ ୩୦




**ଭୁବନେଶ୍ୱର,୨୯।୬**

ଅଗ୍ରଣୀ ସ୍ମାର୍ଟଫୋନ ନିର୍ମାତା ରିୟଲମି ପକ୍ଷରୁ ଓଡ଼ିଶା ବଜାରରେ ରିୟଲମି ନାର୍ଜୋ ୩୦ ସ୍ମାର୍ଟଫୋନ୍ ଶୁଭାରମ୍ଭ ହୋଇଛି। ବିତରକ ଆର୍‌ଜେଏସ୍ ଏଣ୍ଟରପ୍ରାଇଜେସ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ଜୟ କୁମାର ସାଡାନି, ନାର୍ଜୋର ସାଉଥ ଇଣ୍ଡିଆ ଏବଂ ଓଡ଼ିଶା ଆର୍‌ସିଏମ ଟି. ନରସୀମା ଏବଂ ଆର୍‌ଜେଏସ୍‌ର ନିର୍ଦ୍ଦେଶିକା ରମା ସାଡାନି ମଙ୍ଗଳବାର କମ୍ପାନୀର ୨ ନୂତନ ସ୍ମାର୍ଟ ଫୋନର ବଜାର ପ୍ରବେଶ କରାଇଥିଲେ। ମଡେଲ୍‌ଗୁଡିକରେ ୧୬-ଏମ୍‌ପି ସେଲ୍‌ଫି ସ୍ପେଶାଲ ସହ ୪୮ ଏମ୍‌ପି ପ୍ଲସ୍ ୨ ପ୍ଲସ୍ ୨ ନାଇଟ ସ୍କୋପ କ୍ୟାମେରା ସୁବିଧା ରହିଛି। ସେହିଭଳି ୧୬.୫ ସେମି ଅଲ୍‌ଟ୍ରା ସ୍ମୁଥ୍ ଡିସ୍‌ପ୍ଲେ, ୫୦୦୦ ମେଗା ହର୍ଜ ବ୍ୟାଟେରି କ୍ଷମତା ଏବଂ ୧୮ ୱାଟର ଚାର୍ଜିଂ ସୁବିଧା ଉପଲବ୍ଧ। ଫୋନ୍‌ଗୁଡିକର ବଜାର ଦର ୧୪,୪୯୯ ଟଙ୍କାରୁ ୧୫,୯୯୯ ଟଙ୍କା ରହିଛି।

## ଇନ୍ଦୋରରେ ଏସିଆର ଦୀର୍ଘତମ ହାଇସ୍ପିଡ୍ ଟେଷ୍ଟିଂ ଟ୍ରାକ୍

**ନୂଆଦିଲ୍ଲୀ,୨୯।୬**

ଇନ୍ଦୋରର ପିଥମପୁରଠାରେ ଏସିଆର ଦୀର୍ଘତମ ହାଇସ୍ପିଡ୍ ଟେଷ୍ଟିଂ ଟ୍ରାକ୍ ଶୁଭାରମ୍ଭ ହୋଇଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ ପ୍ରକାଶ ଜାଭଡେକର ଏହାକୁ ଉନ୍ମୋଚନ କରିଛନ୍ତି। ଏଥିରେ ନ୍ୟାଟର୍‌ୟାକ୍ସର ସୁବିଧା ଉପଲବ୍ଧ ହେଉଛି। ନ୍ୟାଟର୍‌ୟାକ୍ସ ନ୍ୟାଶନାଲ ଅଟୋମୋଟିଭ ଟେଷ୍ଟ ଟ୍ରାକ୍। ଏହା ବିଶ୍ୱସ୍ତରୀୟ ଟେଷ୍ଟିଂ ଟ୍ରାକ୍ ହେବ ବୋଲି ଆଶା କରାଯାଉଛି। ବାହନ ଏବଂ ଏହାର ଯନ୍ତ୍ରାଂଶରେ ରହିଥିବା ତ୍ରୁଟିକୁ ପରୀକ୍ଷଣ କରିବାରେ ଏହା ସହାୟକ ହେବ। ଏଥିରେ ୧୪ ପ୍ରକାର ଟ୍ରାକ୍ ସାମିଲ ରହିଛି। ନୂଆ ହାଇସ୍ପିଡ୍ ଟେଷ୍ଟ ଟ୍ରାକ୍‌ର ଆକାର ଅଣ୍ଡା ଆକୃତିର ହୋଇଛି। ଏହା ୧୬ ମିଟର ଚଉଡା ଏବଂ ୪ ଖାସ୍ ଲେନ୍ ମଧ୍ୟ ଏଥିରେ ସାମିଲ ରହିଛି। ଏହା ଏସିଆର ବୃହତ୍ତମ ତଥା ସାରା ବିଶ୍ୱର ୫ମ ବୃହତ୍ ଟ୍ରାକ୍ ଭାବେ ବିବେଚିତ ହେଉଛି।



ନୂଆ ଫାସିଲିଟି ଦ୍ୱାରା ବାହନଗୁଡିକର ଟେଷ୍ଟିଂ ଭାରତରେ ହୋଇପାରିବ। ଏହି କାର୍ଯ୍ୟ ଲାଗି ଯାନଗୁଡିକୁ ବିଦେଶକୁ ପଠାଇବାକୁ ପଡିବ ନାହିଁ। ଏହାବାଦ ବିଦେଶରୁ ଆସୁଥିବା ବାହନ ମଧ୍ୟ ଏଠାରେ ପରୀକ୍ଷଣ କରାଯାଇପାରିବ। ସ୍ପିଡ୍ ଯାଞ୍ଚ ଲାଗି ଅଙ୍କାବଙ୍କା ପ୍ୟାଚ୍‌ଗୁଡିକୁ ଘଣ୍ଟା ପ୍ରତି ୨୫୦ କି.ମି.ର ନ୍ୟୁଟ୍ରାଲ ସ୍ପିଡ୍ ଏବଂ ଘଣ୍ଟା ପ୍ରତି ସର୍ବାଧିକ ୩୭୫ କି.ମି. ହିସାବରେ ପ୍ରସ୍ତୁତ କରାଯାଇଛି। ସେହିଭଳି ସିଧା ରାସ୍ତାରେ ସ୍ପିଡ୍‌ର କୌଣସି ସୀମା ଧାର୍ଯ୍ୟ କରାଯାଇନାହିଁ। ଫାଷ୍ଟ ସ୍ପିଡ୍‌ରେ ଯାନଗୁଡିକର ତ୍ରୁଟି ପରୀକ୍ଷା କରିହେବ। ସେହିଭଳି ପରଫରମାନ୍ସ, ଚଳାଇବାରେ ସୁବିଧା ଏବଂ ଦୃଢ଼ତା ଭଳି ଦିଗକୁ ମଧ୍ୟ ଏହା ଦ୍ୱାରା ଯାଞ୍ଚ କରାଯାଇପାରିବ। ଏହି ଟ୍ରାକ୍‌ରେ କରାଯାଉଥିବା ବିଭିନ୍ନ ପରୀକ୍ଷା ମଧ୍ୟରେ ସର୍ବାଧିକ ସ୍ପିଡ୍, ଆକ୍ସିଲରେଶନ, ଇନ୍ଧନ ଦକ୍ଷତା ଏବଂ ହାଇସ୍ପିଡ୍‌ରେ ହ୍ୟାଣ୍ଡଲିଂ ସାମିଲ ରହିଛି। ନୂଆ ଟ୍ରାକ୍ ସବୁ ପ୍ରକାର ଯାନ ଲାଗି ଖୋଲା ରହିଛି। ଏହାବାଦ ନୂଆ ଯାନ ବଜାର ପ୍ରବେଶ, ସୁପରକାର୍ ରେସିଂ ଏବଂ ଡିଲରଗୁଡିକ ଲାଗି କାର୍ଯ୍ୟକ୍ରମ ଲାଗି ଏହି ସ୍ଥାନରେ ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ। ଫକ୍ସୱାଗନ, ଏଫ୍‌ସିଏ, ରେନୋ, ଲାମ୍ବୋର୍ଘିନି ସମେତ ଅନ୍ୟ କମ୍ପାନୀଗୁଡିକ ଏହି ଟ୍ରାକ୍‌କୁ ବ୍ୟବହାର କରିବେ ବୋଲି ନ୍ୟାଟର୍‌ୟାକ୍ସ ପକ୍ଷରୁ ସୂଚନା ରହିଛି।

## ଫୁରସତ୍

# ସାଇବେରିଆରେ କମୁଛି ଶୀତ

**ନୂଆଦିଲ୍ଲୀ:** ପୃଥିବୀର ସବୁଠାରୁ ଶୀତଳତମ ସ୍ଥାନ ତାଲିକାରେ ନିଜକୁ ସାମିଲ କରିଛି ରୁଷିଆର ସାଇବେରିଆ। ଭୟଙ୍କର ଥଣ୍ଡା, ପ୍ରତିକୂଳ ଭୌଗୋଳିକ ସ୍ଥିତି ଲାଗି ସମ୍ପୃକ୍ତ ଅଞ୍ଚଳ ହିଟ୍‌ଲର ଏବଂ ନେପୋଲିୟନଙ୍କ ଭଳି ସାମ୍ରାଜ୍ୟବାଦୀ ଶାସକଙ୍କ ନଜରକୁ ବର୍ତ୍ତିଯାଇଥିଲା। ପୃଥିବୀର ଅନ୍ୟ ସ୍ଥାନ ଅପେକ୍ଷା ଏଠାରେ ସ୍ୱଳ୍ପସଂଖ୍ୟକ ଲୋକ ବସବାସ କରୁଥିବାବେଳେ ଜୀବନ ବଞ୍ଚାଇବା ଲାଗି ସେମାନେ ବର୍ଷତମାମ ସଂଘର୍ଷ କରିଥା'ନ୍ତି।

ସାଇବେରିଆ ଏବଂ ଏହାର ଆଖପାଖ ସ୍ଥାନ ସଦାସର୍ବଦା ବରଫରେ ଢାଙ୍କି ହୋଇ ରହିଥାଏ। ମରିବା ପରେ ଲୋକଙ୍କ ମୃତଦେହକୁ କବର ଦେବା ମଧ୍ୟ କଷ୍ଟକର ହୋଇଯାଏ। ଜାନୁୟାରୀରେ ହାରାହାରି ତାପମାତ୍ରା ବିଯୁକ୍ତ ୫୦ ଡିଗ୍ରୀ ତଳକୁ ଖସିଆସେ। ଶୀତଦିନେ ସର୍ବନିମ୍ନ ତାପମାତ୍ରା ମାଇନସ୍ ୭୧.୨ ଡିଗ୍ରୀ ରେକର୍ଡ କରାଯାଇଛି। ଜୁଲାଇରେ ସାଇବେରିଆରେ ଗ୍ରୀଷ୍ମଋତୁ ଅନୁଭୂତ ହେଉଥିବାବେଳେ ପାରଦ ୨୦ ଡିଗ୍ରୀ ମଧ୍ୟରେ ହିଁ ରହିଥାଏ। ଏହି ସମୟରେ ଲୋକମାନେ ଘର ବାହାରକୁ ବାହାରି ମୁକ୍ତଭାବେ ବୁଲାବୁଲି କରିବାର ସୁଯୋଗ ପାଇଥା'ନ୍ତି। ତେବେ ଗତ କିଛିବର୍ଷ ଭିତରେ ସାଇବେରିଆ ଭଳି ପୃଥିବୀର ଅନ୍ୟ ଶୀତଳତମ ସ୍ଥାନରେ ପ୍ରଚଣ୍ଡ ଗରମ ଅନୁଭୂତ ହେଉଛି। କେତେକ ଅଞ୍ଚଳର ତାପମାତ୍ରା ୩୦ରୁ ୪୮ ଡିଗ୍ରୀ ଯାଏ ପହଞ୍ଚିଗଲାଣି। ନିକଟରେ ସାଇବେରିଆର ପ୍ରମୁଖ ସହର ଭର୍କୋୟାନାସ୍କ ତାପମାତ୍ରା ୪୮ ଡିଗ୍ରୀ ଏବଂ ଏହା ନିକଟବର୍ତ୍ତୀ ସହର ସସ୍‌କ୍ୟାଲହ ପାରଦ ୩୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଛି। ଅନୁରୂପ ଭାବେ ରୁଷିଆର ରାଜଧାନୀ ମସ୍କୋରେ ଗ୍ରୀଷ୍ମପ୍ରବାହ ୧୨୦ ବର୍ଷର ରେକର୍ଡ ଭାଙ୍ଗିଛି। ୧୯୦୧ରେ ଏଠାକାର ସର୍ବାଧିକ ତାପମାତ୍ରା ୩୪.୭ ଡିଗ୍ରୀ ରେକର୍ଡ କରାଯାଇଥିଲା। ଗତ ଜୁନ୍ ୨୩ରେ ଏହା ୩୭.୮ ଡିଗ୍ରୀ ଟପିଛି। ଭାରତ ଭଳି ଗ୍ରୀଷ୍ମମଣ୍ଡଳୀୟ ଦେଶରେ ଅନ୍ୟତମ ପ୍ରମୁଖ ସହର ପାଟଣା ଏବଂ ଉଦୟପୁରରେ ଜୁନ୍ ଶେଷ ସପ୍ତାହରେ ତାପମାତ୍ରା ୩୩ ଡିଗ୍ରୀ ରେକର୍ଡ ହେଉଥିବାବେଳେ ମସ୍କୋ ଏହାକୁ ଟପିଯିବା ବିଶେଷଜ୍ଞଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

> ପୃଥିବୀର ସବୁଠାରୁ ଶୀତଳତମ ସ୍ଥାନ ଉତ୍ତର ଗୋଲାର୍ଦ୍ଧରେ ଜଳବାୟୁ ପରିବର୍ତ୍ତନ ସ୍ପଷ୍ଟ ଭାବେ ଅନୁଭୂତ ହେଲାଣି। ବର୍ଷସାରା ବରଫରେ ଢାଙ୍କି ହୋଇ ରହୁଥିବା ସାଇବେରିଆ ଭଳି ଅନ୍ୟ ବରଫାବୃତ୍ତ ସ୍ଥାନର ତାପମାତ୍ରା ବିଯୁକ୍ତ ୮୩ରୁ ୪୮ ଡିଗ୍ରୀରେ ପହଞ୍ଚିଗଲାଣି। ବିଶ୍ୱତାପନ ଯୋଗୁ ରୁଷିଆ ସମେତ ସର୍ବାଧିକ ଥଣ୍ଡା ଅନୁଭୂତ ହେଉଥିବା ଅଞ୍ଚଳଗୁଡ଼ିକର ଭୌଗୋଳିକ ପରିବେଶ ସମ୍ପୂର୍ଣ୍ଣ ବଦଳିଯିବ ବୋଲି ପାଣିପାଗ ବିଶାରଦମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।



### ବଢ଼ୁଛି ବନାଗ୍ନି ବିପତ୍ତି

ବରଫାବୃତ୍ତ ଅଞ୍ଚଳର ତାପମାତ୍ରାରେ ବୃଦ୍ଧି ବନାଗ୍ନିକୁ ଆମନ୍ତ୍ରଣ କରୁଛି। ଚଳିତ ଜୁନ୍‌ରେ ସାଇବେରିଆ ଜଙ୍ଗଲରେ ଏଭଳି ଅନେକ ମାମଲା ସାମ୍ନାକୁ ଆସିଛି। ଲଗାତର ୩ ବର୍ଷ ଧରି ମେରୁ ଅଞ୍ଚଳରେ ଜଙ୍ଗଲ ନିଆଁର ପ୍ରକୋପ ଦେଖିବାକୁ ମିଳୁଛି। ଫଳରେ ଏହାର ପ୍ରଭାବ ୟୁରୋପୀୟ ଦେଶ ଉପରେ ପଡୁଛି। ଇସ୍ତୋନିଆ, ରୋମାନିଆ ଭଳି କ୍ଷୁଦ୍ର ଦେଶରେ ପୂର୍ବାପେକ୍ଷା ଅଧିକ ଗରମ ଅନୁଭୂତ ହେଉଛି।

### ତରଳିଗଲାଣି ୨୮୦ ଲକ୍ଷ ଟନ୍ ବରଫ

୧୯୯୪ରୁ ୨୦୧୭ ମଧ୍ୟରେ ମେରୁ ଅଞ୍ଚଳରେ ଜମାଟ ବାନ୍ଧିଥିବା ବରଫ ମଧ୍ୟରୁ ୨୮୦ ଲକ୍ଷ ଟନ୍ ତରଳି ସମୁଦ୍ରରେ ମିଶିଯାଇଥିଲା। ଗତ ୪ ବର୍ଷରେ ବରଫ ତରଳିବା ପ୍ରକ୍ରିୟା ଆହୁରି ତୀବ୍ର ହୋଇଛି। ଲିଡ୍‌ସ ୟୁନିଭର୍ସିଟିରେ ହୋଇଥିବା ଏକ ସର୍ଭେରୁ ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ପଦାକୁ ଆସିଛି। ଆଣ୍ଟାର୍କଟିକା ଏବଂ ଗ୍ରୀନ୍‌ଲାଣ୍ଡକୁ ବାଦ୍‌ଦେଲେ ପୃଥିବୀରେ ୨ ଲକ୍ଷ ୧୫ ହଜାର ବରଫ ପାହାଡ଼ ରହିଛି। ଗତ ଦଶକରେ ବିଶ୍ୱତାପନ ସହ ଏହି ବରଫ ପାହାଡ଼ର ଉଚ୍ଚତା କମିବାରେ ଲାଗିଛି।

## ଗେଣ୍ଡାର ଦାମ୍ ୧୮ ହଜାର

**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାର ଏକ ନଦୀ ମୁହାଣରୁ ବିଲୁପ୍ତ ପ୍ରାୟ ପ୍ରଜାତିର ଏକ ମାଂସାହାରୀ ସାମୁଦ୍ରିକ ଗେଣ୍ଡା ଉଦ୍ଧାର ହୋଇଛି। ଏହାକୁ ୧୮ ହଜାର ଟଙ୍କାରେ ନିଲାମ କରାଯାଇଛି। ଏହି ଗେଣ୍ଡାକୁ ସିରିନକ୍ସ ଆର୍ୟୁନସ ଭାବେ ଚିହ୍ନଟ କରାଯାଇଛି। ଏହା ବିଶ୍ୱର ସବୁଠାରୁ ବଡ଼ ଓ ବିରଳ ପ୍ରଜାତିର, ଯାହା ଉଭୟ ସ୍ଥଳଭାଗ ଓ ଜଳଭାଗରେ ମିଳିଥାଏ। ଏହାର ଲମ୍ବ ୭୦ ସେମି ଓ ଓଜନ ୧୮ କେ.ଜି.ପର୍ଯ୍ୟନ୍ତ ହୋଇପାରେ।

**ଜନ୍ମଦିନ ଶୁଭେଚ୍ଛା**



ଆଜି ତୋର ୭ମ ଜନ୍ମଦିନ ଅବସରରେ ସାଇବାବାଙ୍କ ପାଖରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ କରିବା ସହ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ। ସାଇବାବା କରନ୍ତୁ ତୋ ଜୀବନ ଏମିତି ସବୁବେଳେ ହସ ଖୁସିରେ ଭରି ହେଉ, ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଜନ୍ମ ତା- ୩୦।୦୬।୨୦୧୪।
ଶୁଭେଚ୍ଛା ସହ:- ଅଜା, ଆଈ, ବଡ଼ମାମୁ, ସାନମାମୁ, ପୂଜା, ଝିଅ, ଦିଦି।
ଧ-୨୦୯୭୭

**୩୨ତମ ବିବାହ ବାର୍ଷିକୀ ଶୁଭେଚ୍ଛା**



ନିରଞ୍ଜନ ତ୍ରିପାଠୀ
ପ୍ରଭାତୀ ତ୍ରିପାଠୀ
ଜଗତପୁର, କଟକ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
-:ଶୁଭେଚ୍ଛା ସହ:-
ପୁଅ, ଝିଅ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୯୮୪

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
(ଢେଙ୍କାନାଳ)
9999268493, 7310635591
Whatsapp No.: 9953557897

»»ଚମତ୍କାରକୁ ନମସ୍କାର««
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଥାଆନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଳୀ
9520764524

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥



ସ୍ୱ ଡାକ୍ତର ଧୀରେନ୍ଦ୍ର କୁମାର ପଟ୍ଟନାୟକ
"ଜଗନ୍ନାଥ ଭବନ", ଏ/୨୨, ସୂର୍ଯ୍ୟନଗର, ଭୁବନେଶ୍ୱର
(ପୈତୃକ ଗ୍ରାମ - ବଧମାଛଗାଡ଼ିଆ, ଖୋର୍ଦ୍ଧା)
ଆବିର୍ଭାବ : ୦୮.୧୧.୧୯୩୯
ତିରୋଧାନ : ୨୮.୦୬.୨୦୨୧
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ, ଦୃଢ଼ ମନୋବଳ, ସରଳ ଜୀବନଯାପନ, ଶୃଙ୍ଖଳିତ ଜୀବନ,ସତ୍‌ମାର୍ଗ ଦର୍ଶନ ଆମ ପାଇଁ ପ୍ରେରଣାଦାୟକ ହେଉ।
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ଶ୍ରଦ୍ଧାଞ୍ଜଳି।
-: ଶୋକସନ୍ତପ୍ତ :-
ପତ୍ନୀ - ତନୁଶ୍ରୀ, କୁନିପୁଅ ଓ ପରିବାରବର୍ଗ
ଧ-୨୦୯୮୦

**ଏକାଦଶାହ ଉପଲକ୍ଷେ**



ସ୍ୱ ଅଶୋକ କୁମାର ବାଘ
ଗଣିଆ, ନୟାଗଡ
ଆବିର୍ଭାବ- ୦୬.୦୮.୧୯୮୪
ତିରୋଧାନ- ୨୧.୦୬.୨୦୨୧
ଏକାଦଶାହ କାର୍ଯ୍ୟ- ୦୧.୦୭.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ପରୋପକାର, କର୍ତ୍ତବ୍ୟ ନିଷ୍ଠା ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆପଣଙ୍କର ପୁଣ୍ୟ ଓ ପବିତ୍ର ଆତ୍ମା ଶାନ୍ତି ଓ ସଦଗତି ଲାଭ କରୁ। ଏତିକି ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ବାପା, ବୋଉ, ଟିକିନା, ଦିପୁ, ନାନି, ନନା, ମନି, ଆସି, ବଣ୍ଟି, ମାମା ଓ ପରିବାର ଏବଂ ବନ୍ଧୁବର୍ଗ।
ଧ-୨୦୯୮୨

# ପୋଷାକ ନିଲାମ କରିବେ ଅନୁଷ୍କା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଗତ ଜାନୁୟାରୀରେ ଝିଅ ଭାମିକାଙ୍କୁ ଜନ୍ମ ଦେଇଥିଲେ। ଗର୍ଭବତୀ ଥିବା ସମୟରେ ସେ ପିନ୍ଧିଥିବା ପୋଷାକକୁ ନିଲାମ କରିବାକୁ ଅନୁଷ୍କା ନିଷ୍ପତ୍ତି ନେଇଛନ୍ତି। ନିଲାମରୁ ପ୍ରାପ୍ତ ଅର୍ଥକୁ ମାତୃ ସ୍ୱାସ୍ଥ୍ୟକୁ ସମର୍ଥନ କରିବା ଏବଂ ଜଳ ସଂରକ୍ଷଣ ନିମନ୍ତେ ଦାନ କରିବେ ବୋଲି କହିଛନ୍ତି। ଏକ ସାକ୍ଷାତକାରରେ ଅନୁଷ୍କା କହିଛନ୍ତି, ପୋଷାକକୁ ସର୍କୁଲାର୍ ଫ୍ୟାଶନରେ ପୁନଃ ବିକ୍ରୟ କରିବା ଦ୍ୱାରା ପରିବେଶ ଉପରେ ସକରାତ୍ମକ ପ୍ରଭାବ ପଡିଥାଏ। ଆମ ଜୀବନର ଏହି ପର୍ଯ୍ୟାୟ ସର୍କୁଲାର ଇକୋନୋମିରେ ଅଂଶଗ୍ରହଣ କରିବା ଅତ୍ୟନ୍ତ ଉପଯୋଗୀ ବୋଲି ଗର୍ଭଧାରଣବେଳେ ସେ ଜାଣିବାକୁ ପାଇଥିବା ପ୍ରକାଶ କରିଛନ୍ତି। ସର୍କୁଲାର୍ ଫ୍ୟାଶନ ହେଉଛି ଏକ ପ୍ରଣାଳୀ ଯେଉଁଥିରେ ଏକ ନିର୍ଦ୍ଦିଷ୍ଟ ମଡେଲ ଅନୁଯାୟୀ ପୋଷାକ ତିଆରି କରାଯାଏ। ଏହାର ଗୁଣ ଏବଂ ସ୍ଥାୟୀତ୍ୱ ଉପରେ ବିଶେଷ ଧ୍ୟାନ ଦିଆଯାଏ। ଏହିପରି ପୋଷାକ ତିଆରି କରିବା ସମୟରେ ପରିବେଶର ସମ୍ପୂର୍ଣ୍ଣ ଯତ୍ନ ମଧ୍ୟ ନିଆଯାଏ।

## ଅଣଧାନ ଫସଲ ସମ୍ପର୍କରେ..



**ଅ**ଣଧାନ ଫସଲ ଯଥା ମକା-ବରଗୁଡ଼ି, ହରଡ, ବିରି, ମାଣ୍ଡିଆ,ଚିନାବାଦାମ, ଜଡା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ଚୟନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ; ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ କରନ୍ତୁ। ଢିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ ,ବିରି, ହରଡ,ମାଣ୍ଡିଆ,ମକା, ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରୀ, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

## ମାଛ ଚାଷ ଲାଗି ପ୍ରସ୍ତୁତି



**ଚ**ଳିତ ବର୍ଷ ମାଛଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇ ମାନେ ପୋଖରୀକୁ ଶୁଖାଇ ପାରି ନାହାନ୍ତି ସେମାନେ ଜୁଲାଇ ମାସ ପ୍ରଥମ ସପ୍ତାହ ସୁଦ୍ଧା ପୋଖରୀରୁ ପାଣି ବାହାର କରି ଶୁଖାଇ ଦିଅନ୍ତୁ । ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ । ବର୍ଷା ହେଲେ ପୋଖରୀରେ ପାଣି ରହିବ । ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ । ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।

## ବର୍ଷା ଦିନେ ଗୋରୁଙ୍କୁ ଜ୍ୱର ହେଲେ..



**ବ**ର୍ଷାଋତୁରେ ଗୋ-ମହିଷାଦିଙ୍କୁ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଆଉ ସେମାନେ ଗୋଟିଏ ଗୋଡ଼ ଟେକି ରଖନ୍ତି । ଜ୍ୱରର ଉପଶମ ପାଇଁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ । ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ। ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ । ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା ଲାଗି ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ । ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ । ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ । ଗୁହାଳ ତଳ ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ ।

# ଅନୁମୋଦିତ ପ୍ରଣାଳୀରେ ତଳିଘରା

ଜୁଲାଇ ମାସର କୃଷି ସୂଚନା



**ଅ**ନୁମୋଦିତ ପ୍ରଣାଳୀରେ ତଳିଘରା ପ୍ରସ୍ତୁତ କରନ୍ତୁ । ତଳି ପ୍ରସ୍ତୁତି ସମୟରେ ୧ହେକ୍ଟର ଜମି ପାଇଁ ୨୫ ଡେସିମିଲ ଜମିରେ ତଳି ପକାନ୍ତୁ । ତଳି କିଆରିକୁ ଭଲ ଭାବରେ ଚାଷ କରି ସେଥିରେ ୪୦ ଝୁଡ଼ି ଖତ ଦେଇ ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ପଟାଳି କରନ୍ତୁ । ପଟାଳିଗୁଡ଼ିକର ଲମ୍ବା ସୁବିଧା ଅନୁଯାୟୀ କରନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାର ନାଳ ଛାଡିବେ କାରଣ ସେହି ନାଳଦେଇ ବେଶି ବର୍ଷାହେଲେ ପାଣି ନିଗିଡ଼ିଯିବ ଏବଂ ଯିବା ଆସିବା ମଧ କରିହେବ । ତଳିଘରାରେ ୫ କି.ଗ୍ରା. ଫସ୍‌ଫରସ୍ ଓ ୫ କି.ଗ୍ରା. ପଟାସ୍ ଖାଦ୍ୟସାରକୁ ଭଲ ଭାବରେ ପଟାଳିଗୁଡ଼ିକରେ ମିଶାଇ ସେଥିରେ ୫ ସେ.ମି. ଛଡ଼ାରେ ଧାଡ଼ି ଧାଡ଼ି କରି ବିହନ ବୁଣି ଘୋଡ଼ାଇ ଦିଅନ୍ତୁ । ବର୍ଷା ନ ହେଲେ ପଟାଳିରେ ପାଣି ସିଞ୍ଚିବେ। ବିହନକୁ ଫିମ୍ପିନାଶକରେ ବିଶୋଧନ କରି ପଟାଳିରେ ବୁଣନ୍ତୁ। ସହଳ କିସମର ଧାନତଳି ୨୦-୨୨ ଦିନର ଓ ବିଳମ୍ବ କିସମ ଧାନତଳି ୨୫-୩୦ଦିନର ହେଲେ ରୋଇ ଦିଅନ୍ତୁ । ବୁଣାଧାନ ୩୦-୩୫ ଦିନ ହୋଇଥିଲେ ବେଉଷଣ କାମ ଶୀଘ୍ର ସାରି ଦିଅନ୍ତୁ ଓ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ । ଜମିରେ ୫ ସେ.ମି. ପାଣି ରଖି ଗୋଜି ଲଙ୍ଗଳ ଦ୍ୱାରା ବେଉଷଣ କରନ୍ତୁ । ଗଛ ସଂଖ୍ୟା ଅଧିକ ଥିଲେ ସଘନ ବେଉଷଣ କରନ୍ତୁ । ବେଉଷଣ ସମୟରେ ସମସ୍ତ ଅନୁମୋଦିତ ଫସ୍‌ଫରସ୍ ଓ ପଟାସ୍ ଖାଦ୍ୟସାର ସହ ଅର୍ଦ୍ଧେକ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜୁଲାଇ ମଧ୍ୟଭାଗରୁ ଧାନ ରୋଇବା ଆରମ୍ଭ କରନ୍ତୁ । ଜମି କାଦୁଅ ଲାଗି ଟ୍ରାକ୍ଟର ଚାଳିତ ପଡଲର ବ୍ୟବହାର କରନ୍ତୁ ଏବଂ ଟ୍ରାକ୍ଟର ଚାଳିତ ଧାନରୁଆ ଯନ୍ତ୍ର ସାହାଯ୍ୟରେ ଧାନ ରୋଇଲେ ଶ୍ରମଜନିତ ଖର୍ଚ୍ଚ କମାଇ ପାରିବେ । ଧାନରୁଆ ଯନ୍ତ୍ର ପାଇଁ ପଲିଥିନ୍‌ରେ ମ୍ୟାଟ୍ ତଳିଘରା କରି ତଳି ଉତାରନ୍ତୁ । ସଘନ ଧାନ ଚାଷ (ଶ୍ରୀ ପ୍ରଣାଳୀ) ପାଇଁ ଖାଦ୍ୟସାର ପରିପୂର୍ଣ୍ଣ (ଜୈବିକ ଖତ) ତଳିଘରା କରି ତଳି ଉତାରନ୍ତୁ। ଆବଶ୍ୟକ ସ୍ଥଳେ ଡ୍ରମ୍ ସିଡର ବ୍ୟବହାର କରି କାଦୁଅ ଜମିରେ ଗଜା ହୋଇଥିବା ଧାନ ବୁଣନ୍ତୁ ।

**ଡାଲି ଜାତୀୟ ଫସଲ**

-ଆଭ୍ୟନ୍ତରୀଣ ଜିଲାରେ ନିଗିଡ଼ା ଜମିରେ ସଅଳ କିସମ ମୁଗ (ଧଉଳି, ଦୁର୍ଗା, କାମଦେବ, ଆଇ.ପି.ଏମ୍. ୦୨-୩ , ଆଇ.ପି.ଏମ୍. ୦୨-୧୪), ବିରି (ସାରଳା, ପ୍ରସାଦ, ଉଜାଲା, ମାହୁରି, କାଶି), ହରଡ଼ (ଉପାସ, ଆଶା, ଲକ୍ଷ୍ମୀ), ବରଗୁଡ଼ି (ଉତ୍କଳ ମାଣିକ, କାଶୀ କାଞ୍ଚନ) ଆଦି ଶୀଘ୍ର ଧାଡ଼ିରେ ବୁଣି ଦିଅନ୍ତୁ ।

-ବିହନକୁ ଫିମ୍ପିନାଶକ ଓ ଜୀବାଣୁ କଲ୍‌ଚର ଉପଚାର କରି ବୁଣନ୍ତୁ । ୧୦ କି.ଗ୍ରା. ମଞ୍ଜିକୁ ପ୍ରତି ୨୦୦ଗ୍ରାମ୍ ରାଇଜୋବିୟମ୍ ଓ ୨୫୦ଗ୍ରାମ୍ ଫସ୍‌ଫରସ୍ ଜୀବାଣୁସାର (ପି.ଏସ୍.ବି.) ସହିତ ଗୋଳାଇ ବୁଣନ୍ତୁ ।

-ଘାସମରା ଔଷଧ ପେଣ୍ଡିମେଥାଲିନ୍ ହେକ୍ଟର ପ୍ରତି ୦.୭୫ କି.ଗ୍ରା. କିମ୍ବା ଅକ୍ସିଫ୍ଲୋରୋଫେନ୍ ୦.୦୩ କି.ଗ୍ରା. ମଞ୍ଜି ବୁଣିବା ପରଦିନ ଜମିରେ ପ୍ରୟୋଗ କରନ୍ତୁ ।

-ଘାସମରା ଔଷଧ ପ୍ରୟୋଗ କରି ନ ଥିଲେ ବୁଣିବାର ତିନି ସପ୍ତାହ ପରେ କୋଡ଼ା ଖୁସା କରି ଘାସ ବାଛି ଦିଅନ୍ତୁ ।

**ଚିନାବାଦାମ**

-ମଞ୍ଜିକୁ ଫିମ୍ପିନାଶକ (ମେଟାଲାକ୍‌ସିଲ୍ ଓ ମାନ୍‌କୋଜେବ୍ -୨ ଗ୍ରାମ୍, କାର୍‌ବୋକ୍ସିନ୍ ଏବଂ ଥିରାମ୍ - ୨ଗ୍ରାମ୍ / ୧ କି.ଗ୍ରା. ମଞ୍ଜି ପ୍ରତି) ଓ ରାଇଜୋବିୟମ କଲ୍‌ଚର ୧୦କି.ଗ୍ରା. ମଞ୍ଜି ପ୍ରତି ୨୦୦ଗ୍ରାମ୍ ହିସାବରେ ଉପଚାର କରାଇ ପ୍ରଥମ ସପ୍ତାହ ମଧ୍ୟରେ ବୁଣି ଦିଅନ୍ତୁ । ବୁଣିବାର ଏକ ସପ୍ତାହ ପୂର୍ବରୁ ଫିମ୍ପିନାଶକ ଏବଂ ବୁଣିବା ଦିନ ଜୀବାଣୁ କଲ୍‌ଚର ଉପଚାର କରନ୍ତୁ।

-୩ ସପ୍ତାହର ଫସଲ ହୋଇଥିଲେ କୋଡ଼ାଖୁସା କରି ଘାସ ବାଛି ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ ।

**ସୂର୍ଯ୍ୟମୁଖୀ ଓ ରାଶି**

-ବିହନକୁ ଫିମ୍ପିନାଶକ (କାର୍ବୋକ୍ସିନ୍ ଓ ଥିରାମ୍/ମେଟାଲାକ୍‌ସିଲ୍ ଓ ମାନ୍‌କୋଜେବ୍ କି.ଗ୍ରା. ପ୍ରତି ୨ ଗ୍ରାମ୍ ହିସାବରେ) ଉପଚାର କରାଇ ଏ ମାସର ମଧ୍ୟଭାଗ ସୁଦ୍ଧା ବୁଣା କାର୍ଯ୍ୟ ଶେଷ କରନ୍ତୁ । ରାଶି ଗଛ ସଂଖ୍ୟା ଅଧିକ ଥିଲେ ଦୁଇ ସପ୍ତାହ ମଧ୍ୟରେ ଆବଶ୍ୟକ ଗଛ ରଖି ବାକି ଗଛ ଉପାଡ଼ି ଦିଅନ୍ତୁ ଏବଂ ୨୦-୨୧ ଦିନରେ କୋଡ଼ାଖୁସା କରି ଘାସ ବାଛି ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

**ଗୋପାଳନ**

-ଗୁହାଳର ଭିତର ଓ ବାହାର ପରିଷ୍କାର ରଖନ୍ତୁ ।

-ଫାଟୁଆ, ପ୍ଲିହା ଜ୍ୱର, ବଜବଜିଆ, ସାହାଣ ଆଦି ରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ବର୍ଷା ପୂର୍ବରୁ ଟିକା ଦିଅନ୍ତୁ ।

-ଗୋରୁଙ୍କର ଝାଡ଼ା ପରୀକ୍ଷା କରି କୃମି ଔଷଧ ଦିଅନ୍ତୁ ।

-ଗୁହାଳର କାନ୍ଥ, ଫାଙ୍କ ଓ କୋଣ ଜାଗାରେ କୀଟନାଶକ ସିଞ୍ଚନ କରନ୍ତୁ ।

-ଗୁହାଳରୁ ବର୍ଜ୍ୟବସ୍ତୁ ଏବଂ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରନ୍ତୁ । ଗୁହାଳ ଚତୁର୍ପାର୍ଶ୍ୱରେ ଜଳ ଜମାହେବା ପାଇଁ ଦିଅନ୍ତୁ ନାହିଁ ।

**କୁକୁଡ଼ା ଘରର ଯତ୍ନ**

-କୁକୁଡ଼ାଘର ଭିତରକୁ ଶୁଖିଲା ରଖନ୍ତୁ ।

-ପ୍ରତି ୧୦୦ ବର୍ଗଫୁଟରେ ୮ କି.ଗ୍ରା. ଚୂନ ପକାଇ ଦିଅନ୍ତୁ ।

-କକ୍‌ସିଡ଼ିଆ ପ୍ରତିଷେଧକ ଔଷଧ ଦାନା କିମ୍ବା ପାଣିରେ ମିଶାଇ ଖାଇବାକୁ ଦିଅନ୍ତୁ ।

-ରାଣୀକ୍ଷେତ, ଆଇ.ବି.ଡ଼ି. ରୋଗର ଟିକା ଯଥାକ୍ରମେ ୫ ରୁ ୭ ଦିନ ଓ ୧୨ରୁ ୧୪ ଦିନ ବୟସର ବ୍ରଏଲର୍ କୁକୁଡ଼ାଙ୍କୁ ଦିଅନ୍ତୁ ।

-କୁକୁଡ଼ା ଘରର ଲିଟର / ତୃଣଶଯ୍ୟାକୁ ଓଦା ହେବାକୁ ଦିଅନ୍ତୁ ନାହିଁ ଏବଂ ପ୍ରତି ୩-୪ ଦିନ ବ୍ୟବଧାନରେ ଏହାକୁ ବଦଳାନ୍ତୁ ।

**ଫସଲ ଯୋଜନା**

-ବର୍ଷାଧାର ଜମିରେ ଧାନ ବଦଳରେ ବିଭିନ୍ନ ଅଣଧାନ ଫସଲ ଯଥା - ମକା, ମାଣ୍ଡିଆ, ମୁଗ, ବିରି, ଝୁଡ଼ଙ୍ଗ, ହରଡ଼, ଚିନାବାଦାମ, ରାଶି, ପନିପରିବା ଇତ୍ୟାଦି ଚାଷ କରନ୍ତୁ ।

-ମରୁଡ଼ି ପ୍ରବଣ ଢିପ ଜମିରେ ଧାନ କିମ୍ବା ହରଡ଼ ସହିତ ବିଭିନ୍ନ ଅନ୍ତଃଫସଲ (ପନିପରିବା, ମକା, ଡାଲିଜାତୀୟ ଫସଲ)ଚାଷ କରନ୍ତୁ।

**ମନେରଖନ୍ତୁ :** ଗୋଟିଏ ଜମିରେ ବାରମ୍ବାର ଗୋଟିଏ ଫସଲ ନ କରି ଫସଲ ପର୍ଯ୍ୟାୟ ଅବଲମ୍ବନ କରନ୍ତୁ । ସକାଳ ସମୟରେ କୌଣସି କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ତଥା ପରାଗ ସଙ୍ଗମକୁ କ୍ଷତି କରିବ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ । ପରାଶ୍ରୟୀ ପୋକଙ୍କୁ ପ୍ରୟୋଗ କରି କୀଟ ନିୟନ୍ତ୍ରଣ ପାଇଁ କୀଟତତ୍ତ୍ୱ ବିଭାଗ, କୃଷି ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର ସହିତ ଯୋଗାଯୋଗ କରନ୍ତୁ ।

*-ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ଆଖୁ ଚାଷରେ ଜଳ ନିଷ୍କାସନ

**ଜ**ମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ । ଫସଲ ୪-୫ ମାସର ହୋଇଥିଲେ ଭେଳା ବନ୍ଧା କାମ କରନ୍ତୁ । ଅତ୍ୟଧିକ ବର୍ଷାପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ । ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ /ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ । ସଅଳ କାଣ୍ଡବିନ୍ଧା କୀଟକୁ ଦମନ ଲାଗି ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ଼ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ଔଷଧର ୩-୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ । ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।



# ଚାଷୀଙ୍କ ପାଇଁ

➤ରାଶି ଫସଲରେ ଫୁଲ ଧରିବା ଓ ଫଳ ବୃଦ୍ଧି ସମୟରେ ଜଳସେଚନ କରନ୍ତୁ । ପତ୍ରମୋଡ଼ା ଓ ଫଳବିନ୍ଧା ପୋକ ଲାଗିଲେ ପ୍ରତି ଲିଟର ପାଣିରେ ୨ ମି.ଲି. ପ୍ରୋଫେନୋଫସ୍ କିମ୍ବା ୨ ମି.ଲି. କ୍ଲୋର୍‌ପାଇରିଫସ୍ ୨୦ ଇ.ସି. ମିଶାଇ ପ୍ରୟୋଗ କରନ୍ତୁ । ତଳପତ୍ରଠାରୁ ଉପରକୁ ପତ୍ରଗୁଡ଼ିକ ହଳଦିଆ ପଡ଼ିଆସିଲେ ବା ଫଳ ଶୁଖି ଆସିଲେ ରାଶି ଅମଳ କରନ୍ତୁ ।

➤ଚିନାବାଦାମ ଫସଲ ପାକଳ ହୋଇ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ ।

➤ସୂର୍ଯ୍ୟମୁଖୀ ଚାଷରେ କଳଙ୍କିରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ମାଙ୍କୋଜେବ୍/ଟେବୁକୋନାଜୋଲ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । ପତ୍ରଚିତା ରୋଗ ଥିଲେ ମଧ୍ୟ ଏହି ରାସାୟନିକ ସିଞ୍ଚନ ଦ୍ୱାରା ନିୟନ୍ତ୍ରିତ ହୋଇପାରିବ । ଫୁଲଶଢ଼ା ରୋଗ ଦମନ ସକାଶେ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ / ଥାୟୋଫ୍ୟାନେଟ୍ ମିଥାଇଲ୍ ୧.୫ ଗ୍ରାମ୍ / ଲିଟର ମିଶାଇ ସିଞ୍ଚନ କରନ୍ତୁ ।

➤ହଳଦୀ ଚାଷ ଲାଗି ହେକ୍ଟର ପ୍ରତି ୨୦ ରୁ ୨୫ କୁଇଣ୍ଟାଲ୍ ବିହନ ଦରକାର । ଏକ ମିଟର ଚଉଡ଼ା ଓ ୩୦ ସେ.ମି. ଉଚ୍ଚର ପଟାଳିମାନ କରାଯାଏ । ଦୁଇ ପଟାଳି ମଝିରେ ୩୦ ସେ.ମି. ଜଳ ନିଷ୍କାସନ ନାଳୀ ରହିବା ଆବଶ୍ୟକ । ଉଚ୍ଚ ପଟାଳି ଯୋଗୁ ଜଳ ନିଷ୍କାସନ ସୁବିଧାଜନକ ହୋଇଥାଏ ।



## ଡାଲି ଜାତୀୟ ବିହନ ବୁଣିବା ସମୟରେ...

**ଡା**ଲି ଜାତୀୟ ଫସଲ ପୂର୍ବରୁ ଜମି ପ୍ରସ୍ତୁତ କରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।



# ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ

ଡା. ବୀର କିଶୋର ପରିଡ଼ା

(ଶେଷ ଭାଗ)

**ସ**ଙ୍କର ହାତିଆ (ଏନ୍.ବି.-୨୧, ସି.ଓ.-୧, ସି.ଓ-୩, ସି.ଓ-୪) ଅଧିକ ଅମଳକ୍ଷମ ଘାସ ମଧ୍ୟରେ ପ୍ରଥମ ଏବଂ ଏହାକୁ ବ୍ୟବସାୟଭିତ୍ତିକ ସବୁଜ ଗୋଖାଦ୍ୟ ଫସଲ ଭାବେ ଗ୍ରହଣ କରାଯାଏ । ଉଚ୍ଚ, ନିଗିଡ଼ା, ବାଲିଆ, ଦୋରସା ମାଟିରେ ହାତିଆ ଓ ଗିନି ଘାସ ବେଶ୍ ଭଲ ହୁଏ । ପାଣି ଜମୁଥିବା ବା ଓଦା ସନ୍ତସନ୍ତିଆ ଜମିରେ ପାରାଘାସ ବେଶ୍ ଉପଯୋଗୀ । ଲୁଣା ମାଟିରେ ରୋଡ଼ସ୍ ଘାସ ଫସଲ କରିବା ଭଲ । ଜଳଛାୟା ଅଞ୍ଚଳରେ ଷ୍ଟାଇଲୋ ଘାସ ଭଲ ହୁଏ । ଗଛ ଛାଇ ଜାଗାରେ ଗିନିଚାଷ ମଧ୍ୟ କରାଯାଇପାରିବ । ବବୁଲ ଓ ଶିରିଶ ଗଛ ମରୁଡ଼ି ସହନଶୀଳ ଏବଂ ଉଭୟ ଅମ୍ଳ ଓ କ୍ଷାରୀୟ ମୃତ୍ତିକାରେ ଭଲ ବଢ଼ିପାରେ ।

**ଚାଷ ପ୍ରଣାଳୀ :** ହାତିଆ ଓ ଗିନି ଘାସ ଚାଷ ପାଇଁ ପ୍ରଥମେ ୩/୪ ଓଡ଼ ଗଭୀର ଚାଷ କରିବାକୁ ହେବ । ତା' ପରେ ମଇ ଦେଇ ମାଟିକୁ ସମତୁଲ କରିବାକୁ ପଡ଼ିବ । ଏହା ପରେ ଧାଡ଼ିକୁ ଧାଡ଼ି ୩ଫୁଟ ଓ ଗଛକୁ ଗଛ ୨.୫ଫୁଟ ବ୍ୟବଧାନରେ ୧୫ ସେମିର ଗଭୀର ଗାତ ଖୋଳି ସେଥିରେ ଜୈବିକ ବା ଗୋବର ଖତ ସହ ଏକର ପ୍ରତି ୧୦ଗାଡ଼ି ଗୋବର ଖତ ଦେଇ ଜମି ପ୍ରସ୍ତୁତ କରିବାକୁ ହେବ । ପରେ ସେହି ଗାତ ଗୁଡ଼ିକରେ ହାତିଆ ବା ଗିନି ଘାସର କାଣ୍ଡ ବା ମୂଳକୁ ତେରଚ୍ଛା ଭାବରେ ରୋପଣ କରିବା ଆବଶ୍ୟକ । ପାଣି ଜମୁଥିବା ବା ସନ୍ତସନ୍ତିଆ ଜାଗାରେ କିମ୍ବା ଜମିହୁଡ଼ା, କେନାଲ ବା ପୋଖରୀ ବନ୍ଧ ବା ଖାଲ ସ୍ଥାନ ମାନଙ୍କରେ ପାରା ଘାସର ମୂଳ ବା କାଣ୍ଡକୁ ପୋତି ଦେବାକୁ ହେବ । ଗିନି ଘାସର ଧାଡ଼ି ଓ ଗଛ ମଧ୍ୟରେ ବ୍ୟବଧାନ ଯଥାକ୍ରମେ ୨ ଫୁଟ ଓ ୧ଫୁଟ ରଖାଯାଏ । ଛୁଇଁ ଜାତୀୟ ଘାସ ମଧ୍ୟରେ ଷ୍ଟାଇଲୋ ଘାସ ହେଉଛି ଅଧିକ ପୁଷ୍ଟିଯୁକ୍ତ ଓ ମରୁଡ଼ି ସହଣିକ । ଏ ପ୍ରକାର ଘାସର ଚାଷ ପାଇଁ ଜମିକୁ ବିଶେଷ ପ୍ରସ୍ତୁତ କରିବାକୁ ପଡ଼େ ନାହିଁ । ମାତ୍ର ୨ ଓଡ଼ ଚାଷ ପରେ ଏକର ପିଛା ୧୦୦ କି.ଗ୍ରା ଡିଏପି ସାର ଦେଇ ଉପରେ ମଞ୍ଜିକୁ ଛାଟି ବୁଣି ଦେଲେ ବର୍ଷାରେ ଆପେ ଆପେ ଗଛ ହୋଇ ବଢ଼େ ।

**ବିହନ ପରିମାଣ :** ହାତିଆ ଘାସ ପାଇଁ ଏକର ପିଛା ୫ ହଜାର ମୂଳ ବା କାଣ୍ଡ, ଗିନି ଘାସ ଲାଗି ୪ ହଜାର ମୂଳ ବା କାଣ୍ଡ ଓ ପାରା ଘାସ ଚାଷ ସକାଶେ ୧୦ ହଜାର କାଣ୍ଡ ଦରକାର । କିନ୍ତୁ ପ୍ରତି ମନ୍ଦାରେ ଶତପ୍ରତିଶତ ଗଛ ହେବା ଲାଗି ଏହାର ଦ୍ୱିଗୁଣିତ ମୂଳ ବା କାଣ୍ଡ ଆବଶ୍ୟକ । ସେହିପରି କଙ୍ଗୋସିଗ୍‌ନାଲ ଏକର ପ୍ରତି ୧୫ ହଜାର କାଣ୍ଡ ଦରାକାର ଥିବା ବେଳେ ଷ୍ଟାଇଲୋ, ସିରାଟ୍ରୋ, ସେଣ୍ଟ୍ରୋସିମା ଆଦିର ମଞ୍ଜି ଏକର ପ୍ରତି ୫ କି.ଗ୍ରା. ଆବଶ୍ୟକ ହୋଇଥାଏ । ସବୁଦିନିଆ ଘାସର କାଣ୍ଡ ବା ମୂଳଗୁଡ଼ିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନରେ ଲଗାଇଲେ ଭଲ ନେପିଅର ବା ହାତିଆ, ଗିନି ଓ ପାରା ଘାସର ପ୍ରତି ଖଣ୍ଡରେ ୨/୩ଟି ଗଣ୍ଠି ଥିବା ଆବଶ୍ୟକ । ପ୍ରତି ମନ୍ଦାରେ ୨ଖଣ୍ଡ କରି ଲଗାଇବାକୁ ହେବ । କାରଣ ଗୋଟିଏ କାଣ୍ଡ ନଷ୍ଟ ହେଲେ ଅନ୍ୟ କାଣ୍ଡଟିରୁ ପତ୍ର କଅଁଳି ବାହାରିବ । ଷ୍ଟାଇଲୋ ମଞ୍ଜିର ଉପର ଚୋପା ଟାଣ । ତେଣୁ ଏହାକୁ ଭଲ ଭାବରେ ଗଜା ହେବା ପାଇଁ ମଞ୍ଜିକୁ ପ୍ରଥମେ ଉଷୁମ ପାଣିରେ ୫ ମିନିଟ୍ ବୁଡ଼ାଇସାରି ରାତିସାରା ଥଣ୍ଡା ପାଣିରେ ଭିଜାଇ ରଖନ୍ତୁ । ସକାଳୁ ମଞ୍ଜିକୁ ଛାଣି ଛାଇରେ କିଛି ସମୟ ରଖିବେ । ପରେ ମଞ୍ଜିକୁ ଶୁଖିଲା ବାଲି ସହ ମିଶାଇ ଜମିରେ ଧାଡ଼ିକୁ ଧାଡ଼ି ୩୦ ସେମି ବ୍ୟବଧାନରେ ବୁଣନ୍ତୁ । ମଞ୍ଜି ବୁଣିବାର ୨୫ରୁ ୩୦ଦିନ ପରେ କୋଡ଼ା ଖୁସା କରି ଅନାବନା ଗଛ ବାଛି ଦିଅନ୍ତୁ।





**ସେଟାରିଆ ଘାସ :** ଏହା ଏକ ଉନ୍ନତ କିସମର ଘାସ । ଏହା ବର୍ଷ ବ୍ୟାପୀ ଚାଷ କରାଯାଇଥାଏ । ଏଥିପାଇଁ ଏକରକୁ ୧୨ହଜାର ପର୍ଯ୍ୟନ୍ତ ବୁଦା ବା ମୂଳ ଲଗାଇବାକୁ ପଡ଼ିଥାଏ । ଏକର ପ୍ରତି ୨୦୦ ରୁ ୨୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳିଥାଏ ।

**ଘାସ ମୂଳ ଓ ମଞ୍ଜି ମିଳିବ କେଉଁଠୁ :** ଖରିଫ ଋତୁ ପାଇଁ ବିଭିନ୍ନ ପ୍ରକାର ଘାସ ମଞ୍ଜି ଯଥା:- ମକା, ବରଗୁଡ଼ି, ବାଜରା, ଏମ୍.ପି.ଚେରୀ ଆଦି ପ୍ରତ୍ୟେକ ପ୍ରାଣୀ ଚିକିତ୍ସା କେନ୍ଦ୍ର ସହିତ ଯୋଗାଯୋଗ କଲେ ପାଇପାରିବେ । ବର୍ଷବ୍ୟାପୀ ସବୁଜ ଗୋଖାଦ୍ୟ ଫସଲ ପାଇଁ ମୂଳ ଓ କାଣ୍ଡ ଆମ ରାଜ୍ୟସ୍ଥିତ ୧୩ଟି ସବୁଜ ଘାସ ପ୍ରଦର୍ଶନ ଫାର୍ମ, ସରକାରୀ ଗୋପାଳନ କେନ୍ଦ୍ର, ପଠାସ୍ଥିତ ସବୁଜ ଘାସ ଫାର୍ମ, ଲକ୍ଷ୍ମୀସାଗରସ୍ଥିତ ସରକାରୀ ଘାସ ଫାର୍ମ, ଜିଲାର ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ମଧ ପାଇପାରିବେ ।

*-ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ, ଭୁବନେଶ୍ୱର,*
*ମୋ : ୯୪୩୭୬୦୭୩୧୨*

ଧରିତ୍ରୀ
DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜୁନ୍ ୩୦/୨୦୨୧ | Bhubaneswar, | Wednesday, June 30/ 2021

# ଟୋକିଓ ଟିକେଟ ଘୋଷଣାକୁ ଅପେକ୍ଷା

**ଭୁବନେଶ୍ୱର, ୨୯।୬(କ୍ରୀଡ଼ା ପ୍ରତିନିଧି)**

ଜାପାନର ଟୋକିଓରେ ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଅଲିମ୍ପିକ୍ସ ଅନୁଷ୍ଠିତ ହେବ। କ୍ୱାଲିଫାଇଂ ପାଇଁ ଡେଡ୍‌ଲାଇନ୍ ଶେଷ ହୋଇଥିବାରୁ ଏବେ ବିଭିନ୍ନ ଇଭେଣ୍ଟ ଲାଗି ପ୍ରତିଯୋଗୀଙ୍କ ତାଲିକା ଘୋଷଣା ସମୟ ଆସିଯାଇଛି। ଆଉ ଦିନେ ଦୁଇଦିନ ମଧ୍ୟରେ ଏହି ତାଲିକା ପ୍ରକାଶ ପାଇବାର ଥିବାରୁ ଉତ୍ସୁକତା ବଢ଼ିଛି। କ୍ୱାଲିଫାଇଂ ସମୟ ସ୍ପର୍ଶ କରିଥିବା ପ୍ରତିଯୋଗୀମାନେ ନିର୍ଦ୍ୱନ୍ଦ୍ୱରେ ଥିବାବେଳେ ର୍ୟାଙ୍କିଙ୍ଗ୍ ପଏଣ୍ଟ ଅନୁସାରେ ଟୋକିଓରେ ପାଦ ଦେବାକୁ ଆଶା ରଖିଥିବା ପ୍ରତିଯୋଗୀ ଆଶା ଓ ଆଶଙ୍କାରେ ରହିଛନ୍ତି। ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ପ୍ରତିଯୋଗିତାର ଗ୍ଲାମର ଇଭେଣ୍ଟ ୧୦୦ ମିଟର ରେସ୍‌ରେ ମାତ୍ର ୨ ସେକେଣ୍ଡ ପାଇଁ ଅଲିମ୍ପିକ୍ସ ଯୋଗ୍ୟତା ସ୍ପର୍ଶ କରିବାରୁ ବଞ୍ଚିତ ହୋଇଛନ୍ତି। ଇଣ୍ଡିଆନ ଗ୍ରାଁ ପ୍ରି-୪ରେ ସେ ୧୧.୧୭ ସେକେଣ୍ଡ ସମୟ ନେଇ ନିଜ ଆଶାକୁ ଦ୍ୱିଗୁଣିତ କରିଛନ୍ତି। ତେବେ ର୍ୟାଙ୍କିଙ୍ଗ୍ ପଏଣ୍ଟ ଅନୁସାରେ ସେ ଟୋକିଓ ଟିକେଟ ପାଇବା ନେଇ ବେଶ୍ ଆଶାବାଦୀ। କରୋନା ମହାମାରୀ ପାଇଁ ୨୦୨୦ରେ ବିଶେଷ ଟୁର୍ଣ୍ଣାମେଣ୍ଟ ହୋଇପାରି ନ ଥିଲା। ତେଣୁ ୨୦୧୯ରୁ ଏ ପର୍ଯ୍ୟନ୍ତ ସେ ଭାଗ ନେଇଥିବା ୫ଟି ଟୁର୍ଣ୍ଣାମେଣ୍ଟର ଟାଇମିଂ ଦୃଷ୍ଟିରୁ ତାଙ୍କ ର୍ୟାଙ୍କିଙ୍ଗ୍ ପଏଣ୍ଟ ୧୨୧୯ରେ ପହଞ୍ଚିଛି। ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ୧୫୦୦ ପଏଣ୍ଟ ଧାର୍ଯ୍ୟ ଥିବାବେଳେ ୧୨୧୯ ପଏଣ୍ଟ ତାଙ୍କୁ ଟୋକିଓରେ ପହଞ୍ଚାଇ ପାରିବ ବୋଲି ଦୂତୀ ଆଶା ରଖିଛନ୍ତି। ଏବେ କେବଳ ସେ ଟୋକିଓ ପାଇଁ ଭାରତୀୟ ଆଥ୍‌ଲେଟ ତାଲିକା ଘୋଷଣାକୁ ଅପେକ୍ଷା କରିଛନ୍ତି ବୋଲି ସମ୍ପ୍ରତି ପଟିଆଲାରେ ଟ୍ରେନିଂ ଜାରି ରଖିଥିବା ଦୂତୀ ପ୍ରକାଶ କରିଛନ୍ତି। ୬୦ତମ ଜାତୀୟ ଆନ୍ତଃରାଜ୍ୟ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ର ହିଟ୍ ସମୟରେ ମାଂସପେଶୀ ଟାଣି ଧରିବା ଯୋଗୁ ଦୂତୀ ଫାଇନାଲରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ। ମାତ୍ର ଏଥିପାଇଁ ସେ ଚିନ୍ତିତ ନୁହନ୍ତି। ପଟିଆଲାର ଟ୍ରାକ୍ କଠିନ ରହିଛି। ୧୦୦ ମିଟର ହିଟ୍ ସହିତ ରିଲେ ଦଳରେ ଭାଗ ନେବାରୁ ମାଂସପେଶୀ ଟାଣି ଧରିବା ଜନିତ ସମସ୍ୟା ଆସିଲା। ଦୁଇ ତିନିଦିନ ବିଶ୍ରାମ ନେଲେ ସବୁକିଛି ଠିକ୍ ହୋଇଯିବ ବୋଲି ସେ ଦୃଢ଼ତାର ସହ ପ୍ରକାଶ କରିଛନ୍ତି। ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇଁ ତାଙ୍କ ନାମ ସୁପାରିସ କରାଯାଇଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଦୂତୀ। "ମୁଁ ବହୁତ ଖୁସି। ରାଜ୍ୟ ସରକାର ମୋତେ କ୍ରମାଗତ ଉତ୍ସାହିତ କରି ଆସିଛନ୍ତି। ଏହା ମୋତେ ଆଗକୁ ଆହୁରି ଭଲ ପ୍ରଦର୍ଶନ ପାଇଁ ପ୍ରେରଣା ଦେଇ ଆସିଛି। ସୁଯୋଗ ମିଳିଲେ ମୁଁ ନିଶ୍ଚିତ ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ ଦେବି" ବୋଲି ଦୂତୀ ନିଜ ପ୍ରତିକ୍ରିୟାରେ କହିଛନ୍ତି।



ଦୂତୀ ଚାନ୍ଦ

## ଖେଳରତ୍ନ ପାଇଁ ସୁପାରିସ

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ଖେଳାଳିଙ୍କ ନାମ ସୁପାରିସ କରାଯାଇଛି। ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ ନାମ ଦେଶର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ରାଜୀବ ଗାନ୍ଧୀ ଖେଳରତ୍ନ ପାଇଁ ସୁପାରିସ ହୋଇଛି। ଟୋକିଓ ଅଲିମ୍ପିକ୍ସରେ ଭାଗନେବା ଆଶାରେ ଥିବା ଦୂତୀ ଗତବର୍ଷ ଅର୍ଜୁନ ପୁରସ୍କାର ପାଇଥିଲେ। ସେହିପରି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିକଟକୁ ସିନିୟର ହକି ଖେଳାଳି ବୀରେନ୍ଦ୍ର ଲାକ୍ରାଙ୍କ ନାମ ଅର୍ଜୁନ ପୁରସ୍କାର ପାଇଁ ସୁପାରିସ ହୋଇଛି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଖେଳିଥିବା ବୀରେନ୍ଦ୍ର ଏବେ ୨୦୨୧ ଟୋକିଓ ଅଲିମ୍ପିକ୍ସ ପାଇଁ ଜାତୀୟ ଦଳରେ ସାମିଲ ହୋଇଛନ୍ତି। ଦେଶକୁ ଅନେକ କ୍ୱାଲିଟି ହକି ଖେଳାଳି ଭେଟି ଦେଇଥିବା ଭେଟେରାନ ହକି କୋଚ୍ କାଳୁ ଚରଣ ଚୌଧୁରୀଙ୍କ ନାମ ଦ୍ରୋଣାଚାର୍ଯ୍ୟ ଏବଂ ହର୍ଡଲ୍ସ କୁଇନ୍ ତଥା ୧୦୦ ମିଟର ହର୍ଡଲ୍ସରେ ଜାତୀୟ ରେକର୍ଡଧାରିଣୀ ଅନୁରାଧା ବିଶ୍ୱାଳଙ୍କ ନାମ ଧ୍ୟାନଚାନ୍ଦ ପୁରସ୍କାର ପାଇଁ ସୁପାରିସ ହୋଇଛି। ଅନୁରାଧା ଜଣେ ଅଲିମ୍ପିଆନ ମଧ୍ୟ। ଏହା ବ୍ୟତୀତ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ କର୍ପୋରେଶନ ନାମ ରାଷ୍ଟ୍ରୀୟ ଖେଳ ପ୍ରୋତ୍ସାହନ ପୁରସ୍କାର ପାଇଁ ସୁପାରିସ କରାଯାଇଛି।

## ଚତୁର୍ଥ ଷ୍ଟେଜ୍ ଜିତିଲେ କାଭେଣ୍ଡିସ୍

**ପ୍ୟାରିସ, ୨୯।୬:** ବ୍ରିଟେନର ମାର୍କ କାଭେଣ୍ଡିସ ଟୁର୍ ଡି' ଫ୍ରାନ୍ସର ଚତୁର୍ଥ ଷ୍ଟେଜ୍ ଜିତିଛନ୍ତି। ୫ ବର୍ଷରେ ଏହା ହେଉଛି ତାଙ୍କ ପ୍ରଥମ ଏବଂ ଟୁର୍‌ରେ ମୋଟ ଉପରେ ୩୧ତମ ଷ୍ଟେଜ୍ ବିଜୟ। ମଙ୍ଗଳବାର ରେଡନଠାରୁ ଫୋଗର୍ସ ୧୫୦.୪ କିଲୋମିଟର ଦୂରତା ବିଶିଷ୍ଟ ଏହି ରେସ୍‌ରେ କାଭେଣ୍ଡିସଙ୍କ ପଛକୁ ଯଥାକ୍ରମେ ନାସେର ବୋହାନି ଓ ଜାସ୍ପର ଫିଲିପ୍‌ସେନ୍ ରହିଥିଲେ। ଡଚ୍ ରାଇଡର ମାଥ୍ୟୁ ଭାନ୍ ଡର ପୋଏଲ ଓଭର ଅଲ୍ ଲିଡର ଭାବେ ୟେଲୋ ଜର୍ସି ବଜାୟ ରଖିଥିଲେ। ଆଉ ୩ଟି ଷ୍ଟେଜ୍ ଜିତିଲେ ଡିସେନିକ୍-କ୍ୱିକ୍-ଷ୍ଟେପ୍ ଟିମ୍‌ର କାଭେଣ୍ଡିସ୍ ଏଡି ମର୍କକ୍ସଙ୍କ ସର୍ବକାଳୀନ ୩୪ ଷ୍ଟେଜ୍ ବିଜୟର ସମକକ୍ଷ ହେବେ। ସୋମବାର ତୃତୀୟ ଷ୍ଟେଜ୍ ରେସ୍ ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା କେତେଜଣ ରାଇଡର ବିକ୍ଷୋଭ ପ୍ରଦର୍ଶନ କରିବାରୁ ରେସ୍ ୧ ମିନିଟ ଅଟକି ଥିଲା। ସେମାନଙ୍କ ମଧ୍ୟରେ ଜରେଣ୍ଟ ଥୋମାସ ଓ ୨୦୨୦ ରନର୍ସଅପ୍ ପ୍ରିମୋଜ ରୋଗ୍ଲିକ୍ ଅନ୍ୟତମ ଥିଲେ।











E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.

**SKY AUTOMOBILES**
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190.
BHADRAK: 9798190190. NAYAGARH: 9798190190.
BALASORE: 9798190190.

**NARAYANI MOTORS**
BHUBANESHWAR: 9583022019, 9583022012, 9583022013. NIMAPARA: 7381093626
JAGATSINGHPUR: 9583022090
PARADEEP: 9583022034/48 PURI: 9583022035.

*Offer includes consumer offer, exchange bonus, institutional/rural offer and Maruti Suzuki Smart Finance offer of ₹3 000 /- (wherever applicable) on selected models/ variants. Above mentioned savings amount is the value of maximum savings on selected models. Terms and conditions apply. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. The Article is published in Livemint. Above offers are valid till 30th June, 2021.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୩୦ ଜୁନ୍, ୨୦୨୧

**ପଞ୍ଚାୟତ ସମିତି ବୈଠକ**
କଟକ ସଦର,(ଡି.ଏନ.ଏ.): ୨୦୨୧-୨୨ ଆର୍ଥିକ ବର୍ଷର ପ୍ରକଳ୍ପ ମଞ୍ଜୁରୀ ପାଇଁ ମଙ୍ଗଳବାର ଭର୍ଚ୍ଚୁଆଲରେ କଟକ ସଦର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧକ୍ଷା ଶ୍ରୀମନ୍ତିନୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମିତି ଅଂଶଧନରେ ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ହୋଇଥିଲା। ଏହି ବୈଠକରେ ବିଧାୟକ ଚନ୍ଦ୍ରସାରଥି ବେହେରା, ବିଡିଓ ରାଜୀବ ଲୋଚନ ପରିଡା, ବିଭୂତି ଭୂଷଣ ପରିଡାଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଗୋଟିଏ ରାତିରେ ଏକାଧିକ ଦୋକାନରୁ ଚୋରି

**କଟକ ସଦର,୨୯।୬(ଡି.ଏନ.ଏ.):** କଟକ-ପାରାଦୀପ ରାସ୍ତାର କନ୍ଦରପୁର ବଜାରରେ ଥିବା ଏକାଧିକ ଦୋକାନରୁ ସୋମବାର ରାତିରେ ଚୋରି ହୋଇଛି। ଏ ନେଇ ବିନାୟକ ସଂଘ ପକ୍ଷରୁ ମଙ୍ଗଳବାର କନ୍ଦରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଥାନା ପାଖରେ ବଜାର ଥିବାରୁ ରାତିସାରା ହୋମ୍‌ଗାର୍ଡ ପହରା ଦେଇଥାନ୍ତି। ଏଭଳି ପରିସ୍ଥିତିରେ ତାଲା ଭାଙ୍ଗି ଚୋରି ହେବା ଘଟଣାକୁ ବ୍ୟବସାୟୀ ସଂଘ ସହଜରେ ଗ୍ରହଣ କରିପାରୁନାହିଁ। ବଜାରରେ ଥିବା ଶ୍ରୀକାନ୍ତ ସ୍ୱାଇଁ, ବାବୁଲି ମଲ୍ଲିକ, ଦିଗମ୍ବର ସେଠୀ, ପାର୍ଥସାରଥି ଲେଙ୍କା, ଶମ୍ଭୁନାଥ ତରାଇ, ବାପିନା ରାଉତ, ଶରତ ଚନ୍ଦ୍ର ପ୍ରଧାନ, ସୁବ୍ରତ ସାହୁ ଓ ଲକ୍ଷ୍ମୀଧର ପ୍ରଧାନଙ୍କ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ବଜାର କମିଟିର ସ୍ମୃତିରଞ୍ଜନ ପ୍ରଧାନ, କାଳନ୍ଦୀ ସ୍ୱାଇଁ, ବଦ୍ରିନାଥ ସାହୁ, ଅଜୟ କୁମାର ପ୍ରଧାନ ବଜାରର ସୁରକ୍ଷା ନେଇ ଥାନାରେ ଆଉ ଏକ ଏତଲା ଦେଇଛନ୍ତି।

### କରୋନା ସଚେତନତା କାର୍ଯ୍ୟକ୍ରମ

**ଖୁଣ୍ଟୁଣୀ,୨୯।୬(ଡି.ଏନ.ଏ.):** ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ଗ୍ରାମରେ କରୋନା ସଚେତନତା ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବ୍ଲକ ମିଶନ ଶକ୍ତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଧାକୃଷ୍ଣପୁର ସରପଞ୍ଚ ମିନତୀ ଗାଗରାଇ, ବିଜେଡି ଯୁବ ସଙ୍ଗଠକ ଦୁଲାଳ ଦାସ, ନୃସିଂହ ଚରଣ ସାହୁ, ଜ୍ଞାନ ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ରାଧାକୃଷ୍ଣପୁର ପଞ୍ଚାୟତର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାମାନଙ୍କୁ କରୋନା ମହାମାରୀ ସମ୍ପର୍କରେ ସଚେତନତା କରାଇବା ସହ ମାସ୍କ ବଣ୍ଟନ କରିଥିଲେ।

### ପୂର୍ବତନ କାଉନ୍‌ସିଲରଙ୍କ ପରଲୋକ

**କଟକ ଅଫିସ,୨୯।୬:** ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ମିତ୍ର ତଥା ତତ୍କାଳୀନ କଟକ ମ୍ୟୁନିସିପାଲିଟି ପୂର୍ବତନ କାଉନ୍‌ସିଲର କାଲେ ଖାନ୍ (୮୩)ଙ୍କର ମଙ୍ଗଳବାର ମୃତ୍ୟୁ



ହୋଇଯାଇଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ସ୍ଥାନୀୟ ସିଟି ହସ୍ପିଟାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମରଶରୀରକୁ କଟକ ଦିୱାନବଜାରସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୬ ପୁଅ ଓ ୪ ଝିଅ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ବାରବାଟୀ-କଟକ ବିଧାୟକ ମହମ୍ମଦ ମୋକିମ, ପୂର୍ବତନ କର୍ପୋରେଟର ନିମାଇଁ ଚରଣ ସ୍ୱାଇଁ ସାହୁ, ଗିରିବାଳା ବେହେରା, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ଓ ତେଲୁଗୁ ସମାଜର କର୍ମକର୍ତ୍ତାମାନେ ପହଞ୍ଚିଥିଲେ। ସ୍ଥାନୀୟ କଦମରସୁଲଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ୧୦୫ ୟୁନିଟ୍ ରକ୍ତ ସଂଗ୍ରହ

**ବାଙ୍କୀ,୨୯।୬(ସ୍ୱ.ପ୍ର.):** ବାଙ୍କୀ ବ୍ଲକ କେନ୍ଦୁପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ପକ୍ଷରୁ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରୁ ୧୦୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

### ଶ୍ରୀଅଙ୍ଗରେ ଲାଗିହେଲା ଫୁଲୁରୀ ତେଲ

**ପୁରୀ ଅଫିସ,୨୯।୬:** ଅଣସରର ପଞ୍ଚମୀ ତିଥିରେ ମଙ୍ଗଳବାର ଜ୍ୱର ପୀଡ଼ିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗିକରାଯାଇଛି। ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ଶ୍ରୀମନ୍ଦିରରୁ ନିର୍ଦ୍ଦେଶ ମିଳିବା ମାତ୍ରେ ବଡ଼ଓଡ଼ିଆ ମଠର ଶିଷ୍ୟମାନେ ଫୁଲୁରୀ ତେଲ ନେଇ ପହଞ୍ଚାଇଥିଲେ। ଦଇତାପତି ସେବାୟତମାନେ ସନ୍ଧ୍ୟାରେ ଏହାକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିକରିଥିଲେ। ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ତାଙ୍କୁ ସୁସ୍ଥ କରିବା ପାଇଁ ନାନାଦି ଗୁପ୍ତସେବା ଚାଲିଛି। ଫୁଲୁରୀ ତେଲ ଲାଗିବା ପରେ ଶ୍ରୀଅଙ୍ଗ କଷ୍ଟ ଲାଘବ ହୁଏ ବୋଲି ବିଶ୍ୱାସ ରହିଛି। ଦୁଇଟି ମାଟି ନିର୍ମିତ ଘୁମାରେ ଘଣାପେଡ଼ା ରାଶିତେଲ ସହ ବିଭିନ୍ନ ଚେରମୂଳି ଓ ଫୁଲ ପ୍ରଭୃତି ଉପାଦାନକୁ ମିଶାଇ ମାଟି ତଳେ ପୋତି ଦିଆଯାଏ। ଏକବର୍ଷ ପରେ ସ୍ନାନପୂର୍ଣ୍ଣିମା ପୂର୍ବଦିନ ଏହାକୁ ବାହାର କରାଯାଏ। ଏହାକୁ ଫୁଲୁରୀ ତେଲ କହନ୍ତି।

# ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ

**ମାଟ୍ରିକ ଫଳକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ପରେ ବୋର୍ଡ ପକ୍ଷରୁ ଅଫ୍‌ଲାଇନ ପରୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବା ଛାତ୍ରୀଛାତ୍ର ଅଫ୍‌ଲାଇନରେ ପରୀକ୍ଷା ଦେଇପାରିବେ। ତେବେ କେତେଜଣ ପିଲା ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ କରିଥିବାବେଳେ ଅଭିଭାବକମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ବୋର୍ଡ ପକ୍ଷରୁ ମୂଲ୍ୟାୟନରେ କୌଣସି ତ୍ରୁଟି ହୋଇନାହିଁ ବୋଲି କୁହାଯାଇଛି। ଏ ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ମିଳିଥିବା ପ୍ରତିକ୍ରିୟା...**

### ହାଇକୋର୍ଟ ଦ୍ୱାରସ୍ଥ ହେବୁ



ବୋର୍ଡ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ । ଏନେଇ ମୁଁ ବୋର୍ଡରେ ଅଭିଯୋଗପତ୍ର ଦାଖଲ କରିଛି । ଯଦି ବୋର୍ଡ ତା ନିଷ୍ପତ୍ତି ପରିବର୍ତ୍ତନ ନ କରେ ତେବେ ଅନ୍ୟ ଅଭିଭାବକ ସହ ମିଶି ଆସନ୍ତା ସୋମବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ ।

**-ସୁରଜିତ କୁମାର ଦାସ, ଅଭିଭାବକ**

### ଅଫ୍‌ଲାଇନ ପରୀକ୍ଷା ପାଇଁ ୩ ମାସ ଦରକାର



ବୋର୍ଡ ପକ୍ଷରୁ ଅଫ୍‌ଲାଇନ ପରୀକ୍ଷା ପାଇଁ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଏଥିପାଇଁ ପିଲାଙ୍କୁ ୩ ମାସ ସମୟ ଦରକାର। ଏହି ସମୟ ମଧ୍ୟରେ ପିଲା ପାଠ ପଢି ପ୍ରସ୍ତୁତ ହେବେ। ଏହାପରେ ପରୀକ୍ଷା କରାଯାଉ। ତେବେ ପରୀକ୍ଷାଫଳ ବାହାରିବା ପର୍ଯ୍ୟନ୍ତ ଯୁକ୍ତ ୨ ଆଡ୍‌ମିଶନ୍ ସ୍ଥଗିତ ରଖାଯାଉ।

**-ମଞ୍ଜୁଲତା ସାହୁ, ଅଭିଭାବକ**

### ମୂଲ୍ୟାୟନର ପୁନଃ ବିଚାର କରାଯାଉ



ମୂଲ୍ୟାୟନରେ ତ୍ରୁଟି ପାଇଁ ମୋ ପୁଅ ଆତ୍ମହତ୍ୟା ଉଦ୍ୟମ କରିଥିଲା। ଏହା ତାହାର ଭବିଷ୍ୟତର କଥା। ସେଥିପାଇଁ ବୋର୍ଡ ପକ୍ଷରୁ କରାଯାଇଥିବା ମୂଲ୍ୟାୟନର ପୁନଃ ବିଚାର କରାଯାଉ । ଯାହାଦ୍ୱାରା ମୋ ପୁଅର ଭବିଷ୍ୟତ ଅନ୍ଧକାର ହେବ ନାହିଁ।

**ଗୀତାଞ୍ଜଳି ଦାସ, ଅଭିଭାବକ**

### ପରୀକ୍ଷା ଦେବି ନାହିଁ



ବୋର୍ଡ ପକ୍ଷରୁ ଅଫ୍‌ଲାଇନ ପରୀକ୍ଷା କରିବା ନିଷ୍ପତ୍ତିକୁ ମୁଁ ଗ୍ରହଣ କରୁନାହିଁ। ଏଥିସହ ପରୀକ୍ଷା ମଧ୍ୟ ଦେବିନାହିଁ। କାରଣ ଦଶମ ଶ୍ରେଣୀ ପାଠ ପଢିବା ଛାଡି ସାରିଲିଣି। ଏବେ ଯୁକ୍ତ ୨ ପାଇଁ ପଢା ଆରମ୍ଭ କଲିଣି।

**ନରସିଂହ ଦାସ, ଛାତ୍ର**

### ପରୀକ୍ଷା ପାଇଁ ଅଧିକ ସମୟ ଦିଆଯାଉ



ଆମ ସ୍କୁଲରେ କାହାର ବି ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରହିନାହିଁ । ସ୍କୁଲ ପକ୍ଷରୁ ୮୦ ପ୍ରତିଶତ ମାର୍କ ଦିଆଯାଇଥିବାବେଳେ ବୋର୍ଡ ପକ୍ଷରୁ ଆମକୁ ୫୬ ପ୍ରତିଶତ ମାର୍କ ଦିଆଯାଇଛି। ପରୀକ୍ଷା ପାଇଁ ସମୟ ଦିଆଯାଉ ନ ହେଲେ ବୋର୍ଡ ନିଷ୍ପତ୍ତିର ପୁନଃ ବିଚାର କରାଯାଉ ।

**-ଇତିଶ୍ରୀ ନନ୍ଦ, ଛାତ୍ରୀ**

### ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

**ସାଲେପୁର,୨୯।୬(ଡି.ଏନ୍.ଏ.)**

ମାଟ୍ରିକ ପରୀକ୍ଷା ଫଳ ମୂଲ୍ୟାୟନରେ ତ୍ରୁଟିପୂର୍ଣ୍ଣ ହୋଇଥିବା ଅଭିଯୋଗ କରି ସାଲେପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଓ ଅଭିଭାବକ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖ କଟକ-ଚାନ୍ଦବାଲି ରାସ୍ତାରେ ଧାରଣା ଦେଇଥିଲେ। ସାଲେପୁର ପୋଲିସ ସେଠାରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ପରେ ଏହା ପ୍ରତ୍ୟାହୃତ ହୋଇଥିଲା। ପିଲାମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ନମ୍ବର ମିଳି ନଥିବା ଅଭିଯୋଗ କରି ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାସତ୍ତ୍ୱେ କୌଣସି ସମାଧାନର ବାଟ ବାହାରି ପାରି ନ ଥିଲା।

### ପ୍ରତିଶ୍ରୁତି ପରେ ଗଣଧାରଣା ପ୍ରତ୍ୟାହୃତ

**ନିଆଳି,୨୯।୬(ଡି.ଏନ.ଏ.)**

କୋଭିଡ୍ ପରିଚାଳନାରେ ଅବହେଳା ଓ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଅନୁପସ୍ଥିତ ରହିବା ଫଳରେ ଜନହିତକର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ବିଡିଓଙ୍କ ବଦଳି ଦାବିରେ ନିଆଳି ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ମଙ୍ଗଳବାର ଦ୍ୱିତୀୟ ଦିନରେ ପହଞ୍ଚିଥିଲା। କଟକ ପିଡି ଡିଆରଡିଏ ଅମ୍ବର କର ମଧ୍ୟାହ୍ନରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। କୋଭିଡ୍ ସମୟରେ ଏଭଳି ଧାରଣା ନ ଦେବାକୁ ବୁଝାଇବା ସହ ୩୦ ଦିନ ମଧ୍ୟରେ ୧୭ ଦଫା ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଆଲୋଚନାରେ ନିଆଳି ତହସିଲଦାର ବିଦ୍ୟାଧର ପତି, କଟକ ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ଅଲେଖ ବହି, ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ଆଇଆଇସି ବିଜୟ କୁମାର ମଲ୍ଲିକ, ବିଜୟା ସାହୁ, ଅନାମ ନାୟକ, ଭାଜପା ନେତା ବିଭୁ ପ୍ରସାଦ ତରାଇ, ତ୍ରିଲୋଚନ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




ପୁରୀ ଶ୍ରୀମନ୍ଦିରରେ ପହଞ୍ଚିଥିବା ଶ୍ରୀଜୀଉଙ୍କ ପାଇଁ ଫଳଭାର।

## ଅଣସରଘରେ ଶ୍ରୀଜୀଉ: ମାମୁଁଘରୁ ଗଲା ଫଳଭାର

**ନିଆଳି/ପୁରୀ ଅଫିସ,୨୯।୬(ଡି.ଏନ୍.ଏ.)**

ମହାପ୍ରଭୁଙ୍କ ଅଣସର ସେବା ପାଇଁ ନିଆଳିର ମାଧବାନନ୍ଦଜୀଉ ମନ୍ଦିରରୁ ମଙ୍ଗଳବାର ଫଳଭାର ପଠାଯାଇଛି। ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ଅଣସରଘରେ ତାଙ୍କୁ ସୁସ୍ଥ କରିବା ପାଇଁ ନାନାଦି ଗୁପ୍ତସେବା ଚାଲିଛି। ଏହି ସମୟରେ ଶ୍ରୀଜୀଉ କେବଳ ଫଳ, ପଥି ଓ ଚେରମୂଳି ଔଷଧ ସେବନ କରିଥାନ୍ତି। ଏଣୁ ଶ୍ରୀଜଗନ୍ନାଥଙ୍କ ମାମୁଁଘର ଭାବେ ପରିଚିତ ମାଧବାନନ୍ଦଜୀଉ ମନ୍ଦିର ପକ୍ଷରୁ ଏହି ଫଳଭାର ଶ୍ରୀକ୍ଷେତ୍ର ପଠାଯାଇଛି। ଏ ନେଇ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର କହିଛନ୍ତି, ବହୁ ପୂର୍ବରୁ ପରିଚାଳିତ ଏହି ଦେବବିଧି ଲୁପ୍ତ ହେବାକୁ ବସିଥିଲା। ତେବେ ତାଙ୍କ ପ୍ରଚେଷ୍ଟାରେ ୨୦୦୦ ମସିହାରୁ ଏହାର ପୁନଃ ପ୍ରଚଳନ ହୋଇଛି। ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ସମସ୍ତ ଅମୁଣିଆ ଦ୍ରବ୍ୟ ଭକ୍ତ ଜୟଦେବଙ୍କ ଶ୍ରୀକ୍ଷେତ୍ର ବାସସ୍ଥାନ ଦଶ ଅବତାର ମଠ ମାଧ୍ୟମରେ ଶ୍ରୀମନ୍ଦିରକୁ ପଠାଯାଉଥିଲା। ତେବେ ଏହି ମଠର ସ୍ଥିତି ଏବେ ଭଲ ନ ଥିବାରୁ ହାତୀଆଖଡ଼ା ମଠ ପକ୍ଷରୁ ବିଶ୍ୱାମିତ୍ର ଆଶ୍ରମ ମାଧ୍ୟମରେ ଦେବ ଦ୍ରବ୍ୟ ଶ୍ରୀମନ୍ଦିରକୁ ପଠାଯାଉଛି।

## ୪ଦିନରେ ସଂକ୍ରମଣ ହାର ୧୦%ରୁ ଉର୍ଦ୍ଧ୍ୱ

**କଟକ ଅଫିସ,୨୯।୬**

କଟକ ଜିଲାରେ କରୋନା ସଂକ୍ରମଣ ହାର ୩ ଦିନ ଧରି ଉପରମୁହାଁ ଥିବାବେଳେ ସୋମବାର ହ୍ରାସ ପାଇଛି। ଶୁକ୍ରବାର ଜିଲାରେ ୫୮୧୦ ଜଣଙ୍କ ସ୍ୱାବ ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୫୦୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଶନିବାର ୪୬୭୨ ଜଣଙ୍କର ପରୀକ୍ଷା କରାଯାଇଥିବାବେଳେ ୫୫୩ ଜଣ ଚିହ୍ନଟ, ରବିବାର ୧୯୩୦ ଜଣଙ୍କ ପରୀକ୍ଷାରୁ ୫୬୬ ଜଣ, ସୋମବାର ୫୭୮୮ ଜଣଙ୍କ ପରୀକ୍ଷା କରାଯାଇଥିବାବେଳେ ମାତ୍ର ୨୬୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଶୁକ୍ରବାର ସଂକ୍ରମଣ ହାର ୮.୭୨ ପ୍ରତିଶତ ରହିଥିବାବେଳେ ଶନିବାର ୧୧.୮୩, ରବିବାର ୨୯.୩୨ ଏବଂ ସୋମବାର ୪.୭୮ ପ୍ରତିଶତ ରହିଛି। ଗତ ୪ଦିନରେ ଜିଲାରେ ସଂକ୍ରମଣ ହାର ୧୦.୩୬ ପ୍ରତିଶତ ରହିଛି। ସେହିପରି ସିଏମ୍‌ସି ଅଞ୍ଚଳରେ ଶୁକ୍ରବାର ୧୧୭୨ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବାବେଳେ ସେଥିମଧ୍ୟରୁ ୧୪୧ ପଜିଟିଭ ଚିହ୍ନଟ ହୋଇଛନ୍ତି। ଶନିବାର ପରୀକ୍ଷା କରାଯାଇଥିବା ୧୧୧୪ ନମୁନାରୁ ୧୦୨ ଜଣ



ପଜିଟିଭ, ରବିବାର ୪୪୧ ନମୁନା ପରୀକ୍ଷାରୁ ୧୧୦ଜଣ ପଜିଟିଭି ଓ ସୋମବାର ୧୩୫୧ ନମୁନା ପରୀକ୍ଷାରୁ ୭୫ ପଜିଟିଭ ଚିହ୍ନଟ ହୋଇଛନ୍ତି। ତେବେ ଗତ ୪ଦିନରେ ସଂକ୍ରମଣ ହାର ୧୦.୪୯ ପ୍ରତିଶତ ରହିଥିବା ଜିଲା କୋଭିଡ୍ ନୋଡାଲ ଅଫିସର ଉମେଶ ରାଏ ସୂଚନା ଦେଇଛନ୍ତି। ଏଣୁ ଏଭଳି ପରିସ୍ଥିତିରେ କଟକରେ କରୋନା କଟକଣା ସମ୍ପୂର୍ଣ୍ଣ ଉଠିବା ସମ୍ଭାବନା କମ୍ ଥିବା ଆକଳନରୁ ଜଣା ପଡିଛି ।

## ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲର ଭିତ୍ତିପ୍ରସ୍ତର ସ୍ଥାପନ

**ଟିଗିରିଆ,୨୯।୬(ଡି.ଏନ.ଏ)**

ଟିଗିରିଆ ବ୍ଲକ ବାଲିପୁଟ ପଞ୍ଚାୟତ ଗୋଦରାବନ୍ଧସ୍ଥିତ ରେଙ୍ଗାଲୀ ଦକ୍ଷିଣ ପାର୍ଶ୍ୱ କେନାଲର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ୬ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ବାଲିପୁଟ ପଞ୍ଚାୟତର ୧୬୦୦୦ ହେକ୍ଟର ଚାଷ ଜମି ଉପକୃତ ହେବ । ଫଳରେ ଖରିଫ ଏବଂ ରବି ଋତୁରେ ସ୍ଥାନୀୟ ଚାଷୀ ଲାଭବାନ ହେବେ ବୋଲି ସ୍ୱାଇଁ କହିଥିଲେ। ସମ୍ମାନିତ ଅତିଥିଭାବେ ଟିଗିରିଆ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଉପାଧ୍ୟକ୍ଷ ଗୌରହରି ପରିଡା, ଜିଲାପରିଷଦ ସଭ୍ୟା ବିଜୟଲକ୍ଷ୍ମୀ ଖଟୁଆ, ବାଲିପୁଟ ସରପଞ୍ଚ ପୁଷ୍ପଲତା ଜେନା, ସମିତିସଭ୍ୟା ଟିଙ୍କି ଦେଇ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦ, ରେଙ୍ଗାଲି ଦକ୍ଷିଣ ପାର୍ଶ୍ୱ କେନାଲ ମୁଖ୍ୟ ଯନ୍ତ୍ରୀ ପ୍ରଦୀପ ପ୍ରଧାନ ଓ ନିର୍ବାହୀ ଯନ୍ତ୍ରୀ ପ୍ରେମାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ଦ୍ଦିଷ୍ଟ ଆଇନଜୀବୀଙ୍କ ଦ୍ୱାରା ମାମଲା ଶୁଣାଣିକୁ ଅଗ୍ରାହ୍ୟ

**ଉଲୁଣ୍ଡା ବ୍ଲକ ଅଧକ୍ଷା ଅନାସ୍ଥା ପ୍ରସଙ୍ଗ**

**କଟକ ଅଫିସ, ୨୯।୬:** ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ଉଲୁଣ୍ଡା ବ୍ଲକ ଅଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ମାମଲାର ଶୁଣାଣିକୁ ବିଚାରପତି ବିଶ୍ୱନାଥ ରଥ ଅଗ୍ରାହ୍ୟ କରି ଦେଇଛନ୍ତି। ବିପକ୍ଷଙ୍କ ପକ୍ଷରୁ ମାମଲା ଲଢୁଥିବା ନିର୍ଦ୍ଦିଷ୍ଟ ଓକିଲଙ୍କ ଦ୍ୱାରା ଶୁଣାଣି କରିବେ ନାହିଁ ବୋଲି କହି ମାମଲାକୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ପଠାଇ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ ଦଳେଇ ଓ ନିରଞ୍ଜନ ହୋତା ମାମଲା ପରିଚାଳନା କରୁଛନ୍ତି। ସୂଚନା ମୁତାବକ, ଉଲୁଣ୍ଡା ବ୍ଲକ ଅଧକ୍ଷା ମିତାଲୀ ମହାକୁଡ଼ଙ୍କ ବିରୋଧରେ ଗତ ଏପ୍ରିଲ ୧୩ ତାରିଖରେ ଅନାସ୍ଥା ପ୍ରସ୍ତାବ ଅଣାଯାଇଥିଲା। ଏନେଇ ମିତାଲୀ ସେହିମାସ ୧୬ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି ଏପ୍ରିଲ ୨୬ରେ ଅନାସ୍ଥା ଭୋଟ୍ କରାଯିବା ସହ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଫଳାଫଳ ଘୋଷଣାକୁ ସ୍ଥଗିତ ରଖିବାକୁ ଏପ୍ରିଲ ୨୦ରେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମାମଲାର ଶୁଣାଣି ପାଇଁ ମଙ୍ଗଳବାରକୁ ସ୍ଥିର ହୋଇଥିଲା। କିନ୍ତୁ ଅନାସ୍ଥା ପ୍ରସ୍ତାବ ଆଣିଥିବା ବିପକ୍ଷଙ୍କ ତରଫରୁ ଲଢୁଥିବା ଓକିଲଙ୍କ ଦ୍ୱାରା ମାମଲା ଶୁଣାଣି ନ କରିବାକୁ ବିଚାରପତି ରଥ ସ୍ପଷ୍ଟଭାବେ କହିବା ସହ ଏହାକୁ ମୁଖ୍ୟ ବିଚାରପତିଙ୍କ କୋର୍ଟକୁ ସ୍ଥାନାନ୍ତର କରିଦେଇଛନ୍ତି। ସେହିପରି ଫଳ ଘୋଷଣା ନେଇ ରହିତାଦେଶ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିଥିବା ଆବେଦନକାରୀଙ୍କ ଓକିଲ ନିରଞ୍ଜନ ହୋତା ସୂଚନା ଦେଇଛନ୍ତି।



## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜ୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିଳ୍ପସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜ୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡ଼ା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜ୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜ୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦ୍ମୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଢେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡା, କୃଷ୍ଣଚୂଡା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜ୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜ୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଚୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜ୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଳାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡା, ଆମ୍ବ, ସିମାରୁବା, ଅର୍ଜ୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜ୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡା, ପଣସ, ପିଜୁଳି, ରାଧାଚୂଡା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାର୍ସୁଆଁ ନର୍ସରୀ | ଅଁଳା, ଅର୍ଜ୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।**

**Control Room No.7077046175 & 6370953774**

**ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼**



## କପଡ଼ା ବ୍ୟବସାୟକୁ କଟକଣାମୁକ୍ତ କରାଯାଉ

**କଟକ ଅଫିସ, ୨୯।୬**



କରୋନା ସଂକ୍ରମଣକୁ ରୋକିବା ପାଇଁ ରାଜ୍ୟ ସରକାର ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଜାରି କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଛଡା ଅନ୍ୟ ଦୋକାନ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିଯୋଗୁ କପଡା ବ୍ୟବସାୟୀମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି ବୋଲି ମଙ୍ଗଳବାର କଟକ ଜୁବ୍‌ଲି ଟାୱାରଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କପଡା ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ରାଜେଶ କୁମାର ଅଗ୍ରୱାଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଦୋକାନ ବନ୍ଦ ଯୋଗୁ ବ୍ୟବସାୟୀଙ୍କୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡୁଛି। କପଡା ଏକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହୋଇଥିବାରୁ ବାହାଘର, ବ୍ରତଘର ଓ ଶୁଦ୍ଧି କାର୍ଯ୍ୟରେ ଏହାର ଆବଶ୍ୟକ ପଡିଥାଏ। କାରବାର ବନ୍ଦ ଯୋଗୁ କପଡା ହୋଲ୍‌ସେଲର ଓ ରିଟେଲରଙ୍କ ପାଖରେ କାର୍ଯ୍ୟ କରୁଥିବା ପ୍ରାୟ ୫ ଲକ୍ଷ କର୍ମଚାରୀ ଓ ସେମାନଙ୍କ ପରିବାର ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ବ୍ୟବସାୟ ବନ୍ଦ ରହିଥିଲେ ସୁଦ୍ଧା ବ୍ୟବସାୟୀଙ୍କୁ ଘରଭଡା, ବିଦ୍ୟୁତ୍ ବିଲ୍, କର୍ମଚାରୀଙ୍କ ଦରମା, ଜିଏସ୍‌ଟି ସମେତ ଅନ୍ୟାନ୍ୟ ପାଉଣା ଦେବା ପାଇଁ ସରକାର ତାଗିଦ୍ କରୁଛନ୍ତି। ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗ ଓ ଆନ୍ଧ୍ରରେ କପଡା ବ୍ୟବସାୟୀଙ୍କୁ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ କଟକଣାରୁ ମୁକ୍ତ ରଖାଯାଇଛି। ରାଜ୍ୟ ସରକାର କପଡା ବ୍ୟବସାୟୀଙ୍କୁ ପଡୋଶୀ ରାଜ୍ୟ ପରି କଟକଣା ମୁକ୍ତ ରଖନ୍ତୁ। ଯଦି ରାଜ୍ୟ ସରକାର କପଡା ବ୍ୟବସାୟୀଙ୍କୁ କୋଭିଡ୍ କଟକଣାକୁ ମାନି ବ୍ୟବସାୟ କରିବାକୁ ଅନୁମତି ଦିଅନ୍ତି, ଆମେ ତାହାକୁ ମାନିବୁ ବୋଲି ଅଗ୍ରୱାଲ କହିଛନ୍ତି।

## ବିସିଜେଡି ପକ୍ଷରୁ ଚାରାରୋପଣ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ସ୍ଥାନୀୟ ରକ୍ତଭଣ୍ଡାର ନିକଟରେ ମଙ୍ଗଳବାର ଚାରାରୋପଣ କରାଯାଇଛି। ବିଜେଡି ଜିଲା ସଭାପତି ବିଭୂତି ବଳନ୍ତରାୟ, ଓଡ଼ିଶା ମୋ ପରିବାର ଜିଲା ସଂଯୋଜକ ଦିଲୀପ ହୋତା, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଲାଇ, ଗୀତାଞ୍ଜଳି ପାଟଶାଣୀ, କୈଳାସ ପାତ୍ର, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅମିତ ମହାରଣା, ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ନସିମ ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମାରୱାଡ଼ି ମାର୍କେଟ, ୨ ଶପିଂ କମ୍ପ୍ଲେକ୍ସ ସିଲ୍

ଖୋର୍ଦ୍ଧା ଅଫିସ/ଜଟଣୀ, ୨୯।୬ (ଡି.ଏନ୍.ଏ.)

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ସରକାର ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଏଥିପ୍ରତି ଗୁରୁତ୍ୱ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ତେବେ କେତେଜଣ ଅମାନିଆ ବ୍ୟବସାୟୀ ଏହାକୁ ଅଣଦେଖା କରି ଲୋକଙ୍କ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଏନେଇ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଟ୍ରାଫିକ ଛକଠାରୁ ମୁଖ୍ୟ ରାସ୍ତା ମାରୱାଡ଼ି ବଜାରକୁ ୩ଦିନ ପାଇଁ ସିଲ୍ କରାଯାଇଛି। ଏଥିସହ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ୬ ଦୋକାନୀଙ୍କଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପ୍ରକାଶ ଯେ, ମାରୱାଡ଼ି ବଜାର ସହରର ଏକ ପ୍ରମୁଖ ବଜାର। ଏଠାରେ ବିଭିନ୍ନ ଭେରାଇଟିର ଦୋକାନ ରହିଛି। ଏହି ବଜାରରେ ସବୁ ସମୟରେ ଗ୍ରାହକଙ୍କ ଭିଡ଼ ରହିଥାଏ। ମଙ୍ଗଳବାର ପୂର୍ବାହ୍ନରେ ଏହି ବଜାରରେ ଅତ୍ୟଧିକ ଭିଡ଼ ଥିବା ଖବରପାଇ ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ, ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ ଏକ ପ୍ଲାଟୁନ ଫୋର୍ସ ସହ ପହଞ୍ଚିଥିଲେ। କୋଭିଡ୍ ନିୟମ ଉଲ୍ଲଂଘନ କରାଯାଉଥିବାରୁ ରାସ୍ତାର ଉଭୟ ପଟେ ରହିଥିବା ସମସ୍ତ ଦୋକାନ ବନ୍ଦ କରିଥିଲେ। ମଙ୍ଗଳବାଠାରୁ ୩ଦିନ ପର୍ଯ୍ୟନ୍ତ ଏହି ବଜାରର ସମସ୍ତ ଦୋକାନ ବନ୍ଦ ରହିବ ବୋଲି ପୌର ନିର୍ବାହୀ ଅଧିକାରୀ ଶତପଥୀ କହିଛନ୍ତି। ସେହିପରି କୋଭିଡ୍ ନିୟମ ଉଲ୍ଲଂଘନ ନେଇ ମଙ୍ଗଳବାର ଜଟଣୀ ପୌରାପ୍ରଶାସନ ପକ୍ଷରୁ ୨ଟି ଶପିଂ କମ୍ପ୍ଲେକ୍ସ ଓ ଗୋଟିଏ ଲୁଗା ଦୋକାନ ସିଲ୍ କରାଯାଇଛି। ସୀତାରାମ ଛକ ମହାଲକ୍ଷ୍ମୀ କମ୍ପ୍ଲେକ୍ସର ୪୪ଟି ଦୋକାନ ଏବଂ ବଡ଼ବଜାରର ଗଣେଶ କମ୍ପ୍ଲେକ୍ସର ୨୮ଟି ଦୋକାନକୁ ୨ଦିନ ପାଇଁ ସିଲ କରାଯାଇଛି। ଏହି ଦୁଇ ଦିନ ମଧ୍ୟରେ କେହି ଉକ୍ତ କମ୍ପ୍ଲେକ୍ସକୁ ଯିବାଆସିବା କରିପାରିବେ ନାହିଁ। କେହି ନିର୍ଦ୍ଦେଶକୁ ଉଲଂଘନ କଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ମହାନ୍ତି କହିଛନ୍ତି। ସେପହିରି ରାଜାବଜାର କୈଳାସ ବସ୍ତ୍ରାଳୟକୁ ପୌରଫ୍ଲାଇଙ୍ଗ ସ୍କ୍ୱାଡ୍ ଜଟଣୀ ପୋଲିସ ସହାୟତାରେ ସିଲ୍ କରିଛି।



ଖୋର୍ଦ୍ଧାର ମାରୱାଡ଼ି ମାର୍କେଟ।



ଜଟଣୀର ମହାଲକ୍ଷ୍ମୀ ଶପିଂ କମ୍ପ୍ଲେକ୍ସ।

## ୬ ଦୋକାନୀଙ୍କୁ ୩୦ ହଜାର ଜରିମାନା

## ସଂକ୍ଷେପରେ

### ଖଣିରେ ଚଢ଼ାଉ, ପାୱାର ଟିଲର ଜବତ



**ଜଟଣୀ,୨୯।୬(ଡି.ଏନ୍.ଏ):** କରୋନା ସଂକ୍ରମଣ ରୋକିବା ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଞ୍ଚଳରେ ଖଣି ମାଫିଆ ସକ୍ରିୟ ହୋଇ ଉଠିଛନ୍ତି। ନିରଞ୍ଜନପୁର ଗ୍ରାମସ୍ଥିତ ବେଆଇନ ପଥର ଖଣିରେ ମଙ୍ଗଳବାର ରାତିରେ ସ୍ଥାନୀୟ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ପୂର୍ବରୁ ଖବରପାଇ ଘଟଣାସ୍ଥଳରୁ ଖଣି ମାଫିଆମାନେ ଖସି ପଳାଇଥିବା ବେଳେ ସେଠାରୁ ଗୋଟିଏ ପାୱାର ଟିଲର ଜବତ ହୋଇଛି। ଆଗକୁ ଏହି ଚଢ଼ାଉ ଅଭିଯାନ ଜାରି ରହିବ ବୋଲି ତହସିଲଦାର ତପନ ମହାପାତ୍ର କହିଛନ୍ତି।

### ୮୫୦୦ଟଙ୍କା ଜରିମାନା ଆଦାୟ

**ଜଟଣୀ,୨୯।୬(ଡି.ଏନ୍.ଏ):** କୋଭିଡ୍ ନିୟମ ଉଲ୍ଲଘନ ନେଇ ଜଟଣୀ ସହରର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ସ୍ଥାନୀୟ ତହସିଲ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତହସିଲଦାର ତପନ ମହାପାତ୍ର ସ୍ଥାନୀୟ ମହୁଲଗୁଡ଼ିଆ ଛକରେ ଥିବା ବାଲାଜି ଶପିଂ ମଲରେ ଚଢ଼ାଉ କରି ୫୦୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ସେହିପରି ଜଟଣୀ ନୀଳଚକ୍ର ମାର୍କେଟରେ ଥିବା ଲକ୍ଷ୍ମୀ ମେଡ଼ିକାଲ ଷ୍ଟୋରରେ ଚଢ଼ାଉକରି ଦୋକାନ ସିଲ କରିବା ସହିତ ଜରିମାନା ଆଦାୟ କରିବା ସହ ତାଗିଦ କରିଥିଲେ।

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଭୀମ-ଆର୍ମିର ଦାବିପତ୍ର

#### କାମାକ୍ଷାନଗର ଗୁଳିକାଣ୍ଡ ମାମଲା

**ଖୋର୍ଦ୍ଧା ଅଫିସ,୨୯।୬:** ଢେଙ୍କାନାଳ ଜିଲା କାମାକ୍ଷାନଗର ତୋଫାନ ପାତ୍ର ଗୁଳିକାଣ୍ଡ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ଗିରଫ ଓ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷା ଦାବିରେ ଭୀମ ଆର୍ମି ଖୋର୍ଦ୍ଧା ଜିଲା ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଜୁନ୍ ୧୬ରେ କେତେଜଣ ଦୁର୍ବୃତ୍ତ ବନ୍ଧୁକ, ମାରଣାସ୍ତ୍ରରେ ତୋଫାନ ଏବଂ ଅନ୍ୟ ଦୁଇଜଣଙ୍କୁ ଆକ୍ରମଣ କରିଥିଲେ। ଗୁଳିମାଡ଼ରେ ତୋଫାନଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ରହିଛନ୍ତି। ଏହି ମାମଲାରେ କାମାକ୍ଷାନଗର ପୋଲିସ ୮ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ପୋଲିସ ପାଟ୍ରୋଲିଂ କଡ଼ାକଡି, ଜନଗହଳି ସ୍ଥାନରେ ସିସିଟିଭି ଖଞ୍ଜାଯିବାକୁ ଦାବି ହୋଇଛି। ଆଇନଶୃଙ୍ଖଳା ରକ୍ଷା ଲାଗି ପୋଲିସ ପକ୍ଷରୁ ଏକ ଶାନ୍ତି କମିଟି ଗଠନ କରାଯାଉ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ପରିବାରର ଜଣଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦିଆଯାଉ। ଆହତଦ୍ୱୟଙ୍କୁ ୧୨ଲକ୍ଷ ଟଙ୍କା ସହାୟତା, ୨ଶହ ପରିବାର ରହୁଥିବା ଦଳିତ ସମାଜଙ୍କୁ ନେଇ ସ୍କୁଲ ଏବଂ କମ୍ୟୁନିଟି କେନ୍ଦ୍ର ଯୋଗାଇ ଦେବା ଲାଗି ଦାବିରେ ଉଲ୍ଲେଖ ରହିଛି। ସୁନୀଲ ନାୟକ, କୁନ୍ଦନ ନାୟକ, ଅଜିତ୍ ମଲ୍ଲିକ, ବଳରାମ ସୁନ୍ଦରା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ଯୁବତୀଙ୍କ ୨ ଗୋଡ଼ ହାଣିଲେ ପ୍ରେମିକ

ଖୋର୍ଦ୍ଧା ଅଫିସ,୨୯।୬

- ପ୍ରେମ ନିବେଦନ କରି ବିଫଳ
- ଏକତରଫା ପ୍ରେମର ଭୟାନକ ଚିତ୍ର

ଏକତରଫା ପ୍ରେମ କେତେ ଭୟଙ୍କର ହୋଇପାରେ ତାହାର ଚିତ୍ର ମଙ୍ଗଳବାର ବାଘମାରୀ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ପ୍ରେମ ନିବେଦନ କରି ବିଫଳ ହେବା ପରେ ଯୁବତୀଙ୍କ ଦୁଇ ଗୋଡ଼କୁ ପ୍ରେମିକ ହାଣି ଦେଇଛନ୍ତି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଙ୍କୀ ହସ୍ପିଟାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରେମିକ ଜଣଙ୍କ ଫେରାର ହୋଇଯାଇଛନ୍ତି। ଅନ୍ୟପଟେ ଯୁବତୀଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଜଣେ ଯୁବତୀଙ୍କୁ ଉକ୍ତ ଗ୍ରାମର ଜଣେ ଯୁବକ ଏକତରଫା ଭାବେ ପ୍ରେମ କରୁଥିଲେ। ଗତ ମାସରେ ତାଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ଯୁବକ ଜଣଙ୍କ ଗିରଫ ହୋଇ ଜେଲ ଯାଇଥିଲେ। ଜେଲରୁ ଫେରିବା ପରେ ପୁଣି ଥରେ ଯୁବତୀଙ୍କୁ ପ୍ରେମ ନିବେଦନ କରି ବିଫଳ ହୋଇଥିଲେ। ପ୍ରତିଶୋଧ ପରାୟଣ ହୋଇ ଯୁବକ ଜଣକ ଏକ ଭୁଜାଲିରେ ଯୁବତୀଙ୍କ ଦୁଇ ଗୋଡ଼କୁ ହାଣି ଫେରାର ହୋଇଯାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ତାଙ୍କୁ ବାଙ୍କୀ ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଯୁବତୀଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକ କହିଛନ୍ତି।

# ମହାପ୍ରଭୁଙ୍କ ଅଣସର ସେବା ପାଇଁ ଆସିଲା ଫଳଭାର

ପୁରୀ ଅଫିସ/କାକଟପୁର/ନିଆଳି, ୨୯।୬(ଡି.ଏନ୍.ଏ.)

ମହାପ୍ରଭୁଙ୍କ ଅଣସର ସେବା ପାଇଁ ମଙ୍ଗଳବାର ଶ୍ରୀମନ୍ଦିରକୁ ଫଳଭାର ଆସିଛି। କାକଟପୁରସ୍ଥିତ ହାତୀଆଖଡ଼ା ମଠର ବିଶ୍ୱାମିତ୍ର ଆଶ୍ରମ ଓ ନିଆଳି ଶ୍ରୀମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ଏହି ଫଳଭାର ପଠାଯାଇଛି। ଏଥିରେ ବିଭିନ୍ନ ପ୍ରକାର ଫଳ ରହିଛି। ଏହି ପରମ୍ପରା ମହର୍ଷି ବିଶ୍ୱାମିତ୍ର ଏବଂ ହାତୀଆଖଡ଼ା ମଠର ମହାବୀର ହନୁମାନଜୀଙ୍କ ସହଯୋଗରେ ପ୍ରାରମ୍ଭ ହୋଇଥିଲା ଯାହା ଏପର୍ଯ୍ୟନ୍ତ ଚାଲିଛି ବୋଲି ମଠ ମହନ୍ତ ସୁଖରାମ ଦାସ କହିଛନ୍ତି। ମଠର ସଦସ୍ୟମାନେ ଏହି ଫଳଭାର ଧରି ପୁରୀରେ ପହଞ୍ଚିଛନ୍ତି। ଏ ନେଇ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର କହିଛନ୍ତି, ବହୁ ପୂର୍ବରୁ ପରିଚାଳିତ ଏହି ଦେବବିଧି ଲୁପ୍ତ ହେବାକୁ ବସିଥିଲା। ତାଙ୍କ ପ୍ରଚେଷ୍ଟାରେ ୨୦୦୦ ମସିହାରୁ ଏହାର ପୁନଃ ପ୍ରଚଳନ ହୋଇଛି।



ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିବା ଫଳଭାର।

# ବିଦ୍ୟାଳୟରୁ ରାତ୍ର ଜଗୁଆଳିଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା ଅଫିସ,୨୯।୬

ମାନଗୋବିନ୍ଦପୁର-ଗୁଡୁମ ପତିତପାବନ ହାଇସ୍କୁଲର ରାତ୍ର ଜଗୁଆଳିଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ସଦର ଥାନା ପୋଲିସ ଜବତ କରିଛି। ସେ ହେଲେ ମଳିପଡ଼ା ପାଣିଛତ୍ର ଗାଁର ଗୋପାଳ ମିଶ୍ର(୫୧)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୩/୨୧) ରୁଜୁକରି ତଦନ୍ତ ଚଳାଇଛି। ସବୁଦିନ ପରି ଗୋପାଳ ସୋମବାର ଗାଁରୁ ବିଦ୍ୟାଳୟକୁ ଆସିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସ୍କୁଲ କୋଠରିରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ଅନ୍ୟ କର୍ମଚାରୀମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଖୋର୍ଦ୍ଧା ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତା।

ଖୋର୍ଦ୍ଧା ଅଫିସ,୨୯।୬

## ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ୟୁଜେଏର ନିନ୍ଦା

ନୟାଗଡ଼ ଅବକାରୀ କାର୍ଯ୍ୟାଳୟକୁ ଖବର ସଂଗ୍ରହ କରିବାକୁ ଯାଇଥିବା ୨ଜଣ ଖବରଦାତାଙ୍କୁ ଏସ୍‌ଆଇଙ୍କ ଦୁର୍ବ୍ୟବହାର ଏବଂ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ସମ୍ପୃକ୍ତ ଏସ୍‌ଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଆକ୍ରମଣର ଶିକାର ଖବରଦାତାଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲା ପ୍ରତ୍ୟାହାର ଦାବିରେ ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ପ୍ରଭାତ ମିଶ୍ରଙ୍କ ନେତୃତ୍ୱରେ ବରିଷ୍ଠ ଖବରଦାତା ଉମାଶଙ୍କର ପ୍ରସାଦ, ପ୍ରଦୀପ କୁମାର ବେହେରା, ଅବ୍ୟକ୍ତ ହରିହର ଖାଡଙ୍ଗା, ରାକେଶ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ୭ବର୍ଷ ପରେ ଘରକୁ ଫେରିଲେ ନାବାଳକ

ଖୋର୍ଦ୍ଧା ଅଫିସ,୨୯।୬

- ଆଧାରକାର୍ଡ଼ରୁ ଠିକଣା ମିଳିଲା
- ଅପରେଶନ ସ୍ମାଇଲରେ ଉଦ୍ଧାର ହୋଇଥିଲେ

ଝାଡ଼ଖଣ୍ଡର ୧୪ବର୍ଷୀୟ ବାଳକ ଭୁବନେଶ୍ୱର ରେଳ ଷ୍ଟେଶନରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ବେଳେ ଶିଶୁ ଯତ୍ନ ଅନୁଷ୍ଠାନ ଦ୍ୱାରା ଉଦ୍ଧାର ହୋଇଥିଲେ। ଖୋର୍ଦ୍ଧା ଅତିରିକ୍ତ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ଗାଡ଼କଣଠାରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନ 'ଆଦୃତା'ରେ ତାଙ୍କୁ ରଖାଯାଇଥିଲା। ସେ ନିଜ ଘର ଠିକଣା କହିପାରୁ ନ ଥିଲେ। ଆଧାର କାର୍ଡ ପ୍ରସ୍ତୁତ ବେଳେ ତାଙ୍କ ଘର ଠିକଣା ଜଣାପଡ଼ିଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ଠାରୁ ଖବରପାଇ ପରିବାର ଲୋକେ ଆସି ପହଞ୍ଚିଥିଲେ। ସମସ୍ତ ପ୍ରକ୍ରିୟା ସରିବା ପରେ ନାବାଳକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ୭ବର୍ଷ ପରେ ପରିବାର ଲୋକେ ହଜିଯାଇଥିବା ପୁଅକୁ ପାଇ ଖୁସିରେ କାନ୍ଦି ପକାଇଥିଲେ। ମଙ୍ଗଳବାର ପରିବାର ଲୋକେ ପୁଅକୁ ଧରି ଗାଁ ଅଭିମୁଖେ ବାହାରିଥିବା ଜଣାପଡିଛି।

ସୂଚନା ମୁତାବକ, ରାସ୍ତାକଡ଼ରେ ବୁଲୁଥିବା ଏବଂ ଉଦ୍ଧାର ଶିଶୁଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଅପରେଶନ ସ୍ମାଇଲ ଆରମ୍ଭ ହୋଇଛି। ୨୦୧୪ରେ ଭୁବନେଶ୍ୱର ରେଳଷ୍ଟେଶନରେ ନାବାଳକ ଜଣକ ବୁଲୁଥିବା ବେଳେ ଉଦ୍ଧାର ହୋଇଥିଲେ। ଏହା ପରେ ସେ ଆଦୃତା ଶିଶୁ ଯତ୍ନ ଅନୁଷ୍ଠାନରେ ରହି ପାଠ ପଢୁଥିଲେ। ଏବେ ସେ ଅଷ୍ଟମ ଶ୍ରେଣୀ ପାସ୍ କରିଛନ୍ତି। ଅନେକ ସମୟରେ ତାଙ୍କୁ ଘର ଠିକଣା ପଚାରିବା ସତ୍ତ୍ୱେ ସେ କହି ପାରୁ ନ ଥିଲେ ବୋଲି କାଉନସିଲର ମନସ୍ୱିନୀ ମହାପାତ୍ର କହିଛନ୍ତି। ପରିବାର ଲୋକଙ୍କ ଠିକଣା ଜାଣିବା ଲାଗି ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ନାବାଳକଙ୍କ ଆଧାର କାର୍ଡ କରିବା ଲାଗି ଅନୁଷ୍ଠାନକୁ ପରାମର୍ଶ ଦେଇଥିଲେ। କାର୍ଡ ପ୍ରସ୍ତୁତ ବେଳେ ସେ ଝାଡ଼ଖଣ୍ଡ ରାଜ୍ୟର ବୋଲି ଜଣାପଡିଥିଲେ। ଆଧାରକାର୍ଡ଼ରୁ ଘର ଠିକଣା ଜଣାପଡ଼ିଥିଲା। ଅନୁଷ୍ଠାନ ଅଧୀକ୍ଷକ ମାନସ ରଥ ଉକ୍ତ ଗ୍ରାମର ପୋଷ୍ଟ ମାଷ୍ଟରଙ୍କ ସହ ଯୋଗାଯୋଗ କରିଥିଲେ। ପରେ ସମ୍ପୃକ୍ତ ପୋଷ୍ଟ ମାଷ୍ଟର ଭର୍ଚୁଆଲରେ ନାବାଳକଙ୍କ ବାପା ମା'ଙ୍କ ସହ କଥା କରେଇ ଦେଇଥିଲେ। ପରସ୍ପରକୁ ଚିହ୍ନିପାରିବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ। ଅନୁଷ୍ଠାନ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଅତିରିକ୍ତ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ନାବାଳକଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଛି। ହସ୍ତାନ୍ତର ବେଳେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଶଚୀନ୍ଦ୍ର ନାଥ ସାହୁ ଉପସ୍ଥିତ ଥିଲେ।

# ଫସଲ ବୀମା ସତ୍ତ୍ୱେ ମିଳୁନି କ୍ଷତିପୂରଣ

କୃଷ୍ଣପ୍ରସାଦ,୨୯।୬(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଅନେକ ଚାଷୀ ଋଣ ଆଣି ଫସଲ ବୀମା କରିଛନ୍ତି। ବିଭିନ୍ନ କାରଣରୁ କ୍ଷତି ସହୁଥିଲେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ଅବହେଳାରୁ ଚାଷୀମାନେ ଠିକ୍ ସମୟରେ କ୍ଷତିପୂରଣ ପାଉନାହାନ୍ତି। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଫସଲ ନଷ୍ଟ ହେବା ପରେ ସାଟଲାଇଟରେ ଚିହ୍ନଟ କରି ବିଭାଗୀୟ ଅଫିସର, ଲୋକ ପ୍ରତିନିଧି ଚାଷୀଙ୍କ ଉପସ୍ଥିତିରେ କ୍ଷୟକ୍ଷତିର ଆକଳନ କରିଥିଲେ। ତେବେ ଆକଳନ ଅନୁଯାୟୀ ଚାଷୀମାନେ କ୍ଷତିପୂରଣ ବୀମା ସଂସ୍ଥା ଠାରୁ ପାଇପାରୁନାହାନ୍ତି। ଫଳରେ ଚାଷୀ ହଇରାଣ ହେଉଛନ୍ତି। ଅନ୍ୟପଟେ ଋଣ ଆଣିଥିବାରୁ ସୁଧ ବଢ଼ିବାରେ ଲାଗିଛି। ବୀମା କମ୍ପାନୀ କ୍ଷତିପୂରଣ ନ ଦିଅନ୍ତି ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରାମଚନ୍ଦ୍ର ସେଠୀ, ରମେଶ ଚନ୍ଦ୍ର ସିଂହସାମନ୍ତ, ଜିତେନ୍ଦ୍ର ବିଶ୍ୱାଳ, ମମତାମୟୀ ପ୍ରଧାନ, ଉତ୍ତମ ତରେଇ, ଜଗତେଶ୍ୱର ପ୍ରଧାନ, ଭାସ୍କର ଜଗଦେବ ନାୟକ, ସଦାନନ୍ଦ ପ୍ରଧାନ, ରାମଚନ୍ଦ୍ର ବୈରିଗଞ୍ଜନ, ଅଜୟ ବିଶ୍ୱାଳ, ପ୍ରଶାନ୍ତ ମାନସିଂହ, ବୁଲାମଣୀ ତରେଇ କହିଛନ୍ତି।


## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିକ୍ଷସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡ଼ା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଢେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡା, କୃଷ୍ଣଚୂଡା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଜୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେରୁଳାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡ଼ା, ଆମ୍ବ, ସିମାରୁବା, ଅର୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡ଼ା, ପଣସ, ପିଜୁଳି, ରାଧାଚୂଡା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାର୍ସୁଆଁ ନର୍ସରୀ | ଅଁଳା, ଅର୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

**Control Room No.7077046175 & 6370953774**

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼


# ଲାଞ୍ଚ ନ ଦେଲେ ମିଳୁନି ଋଣ

## ସୁମଣାଶାସନ ସମବାୟ ସମିତି

ଖୋର୍ଦ୍ଧା ଅଫିସ,୨୯।୬

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ସୁମଣାଶାସନ ସମବାୟ ସମିତିରେ ସମ୍ପାଦକ ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ମନମୁଖି କାର୍ଯ୍ୟ ଏବଂ ପ୍ରତି କ୍ଷେତ୍ରରେ ଉତ୍କୋଚ ଦାବି କରୁଥିବା ନେଇ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ମଙ୍ଗଳବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଏହି ସମିତିରେ ୩ବର୍ଷ ହେବ କୌଣସି ସ୍ଥାୟୀ ସମ୍ପାଦକ ନାହାନ୍ତି। ଅନ୍ୟ ଏକ ସମିତିର ସମ୍ପାଦକ ଏହାର ଦାୟିତ୍ୱରେ ରହିଛନ୍ତି। ସମ୍ପୃକ୍ତ ସମ୍ପାଦକ କେବେ ବି କାର୍ଯ୍ୟାଳୟକୁ ଆସନ୍ତି ନାହିଁ। ବର୍ଷକୁ ଥରେ ଧାନମଣ୍ଡି ବୈଠକରେ ଯୋଗଦେଇଥାନ୍ତି। ଚାଷୀଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଉନାହାନ୍ତି। ବିନା ଲାଞ୍ଚରେ ଚାଷୀଙ୍କୁ ଋଣ ମିଳୁନାହିଁ। ଚାଷୀଙ୍କୁ ଋଣ ବାବଦକୁ ସୁମଣାଶାସନ ସମିତିରେ ଆଲୋଚନା କରିବା ପରିବର୍ତ୍ତେ ନିଜ ଘରକୁ ଡକାଇ ଲାଞ୍ଚ ଦାବି କରୁଛନ୍ତି। କୌଣସି ଚାଷୀ ଅରାଜି ହେଲେ, ତାଙ୍କୁ ବିଭିନ୍ନ ଆଳ ଦେଖାଇ ଦୌଡାଉଛନ୍ତି। ଲାଞ୍ଚ ନ ଦେଲେ ଏଠାରେ କୌଣସି କାମ ହେଉନାହିଁ। ଚାଷୀଙ୍କ ଠାରୁ ଋଣ ବାବଦକୁ ଆଦାୟ ଟଙ୍କା ରସିଦ ଦିଆଯାଉନାହିଁ। ଚଳିତ ଖରିଫ ଧାନ କିଣାରେ ବ୍ୟାପକ ଅନିୟମିତତା କରାଯାଇଛି। ଟୋକନ ଥାଇ ମଧ୍ୟ ଚାଷୀଙ୍କ ଠାରୁ ଧାନ କିଣାଯାଇନାହିଁ। ସମ୍ପୃକ୍ତ ସମ୍ପାଦକ ବେଆଇନଭାବେ ଧାନକିଣି ନିକଟ ମିଲ୍‌ରେ ଦେଇଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଗଲେ, ସତ୍ୟତା ପଦାକୁ ଆସିବ ବୋଲି ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ସୁମଣାଶାସନ ଗ୍ରାମବାସୀ।

## ଜୀବନବିନ୍ଦୁରେ ୧୦୪ ୟୁନିଟ ରକ୍ତ ସଂଗ୍ରହ

ସାକ୍ଷୀଗୋପାଳ,(ସ୍ୱ.ପ୍ର./ଡି.ଏନ୍.ଏ.)- ସାକ୍ଷୀଗୋପାଳ ସ୍ୱର୍ଣ୍ଣମଣ୍ଡପରେ ମଙ୍ଗଳବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ, ଜୀବନବିନ୍ଦୁର ଜିଲା ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ, ଆତ୍ମା ଅଧକ୍ଷ ରାମଚନ୍ଦ୍ର ମହାନ୍ତି, ସୁନୀଲ ପଣ୍ଡା, ବ୍ଲକ ଉପାଧକ୍ଷ ବିକ୍ରମ ଜେନା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ କର୍ମକର୍ତ୍ତାଙ୍କଠାରୁ ୧୦୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୯।୦୬।୨୦୨୧

୨୩୦ ଟଙ୍କା

# ଅଭିଯୋଗ ସତ୍ତ୍ୱେ ରୁଜୁ ହେଉନି ମାମଲା

■ ଶିଥିଳ ହୋଇପଡ଼ିଛି ଭିଜିଲାନ୍ସ ବିଭାଗ

■ କୋଭିଡ୍ ଆଳରେ ମୋବିଲାଇଜେଶନ୍ ଠପ୍

**ପୁରୀ ଅଫିସ,୨୯।୬:**

ପୁରୀ ଭିଜିଲାନ୍ସ ବିଭାଗର କାର୍ଯ୍ୟରେ ଶିଥିଳତା ଦେଖିବାକୁ ମିଳିଛି। ସମ୍ପ୍ରତି କୋଭିଡ୍ ସମୟରେ ସାମାଜିକ ଦୂରତା ରକ୍ଷା ଆଳରେ ମୋବିଲାଇଜେଶନ୍‌କୁ ବନ୍ଦ କରିଦିଆଯାଇଛି। ଏ ନେଇ ରାଜ୍ୟ ଭିଜିଲାନ୍ସ ବିଭାଗରୁ ଲିଖିତ ନିର୍ଦ୍ଦେଶ ନ ଥିଲେ ମଧ୍ୟ କୋଭିଡ୍ ପ୍ରଭାବକୁ ଦେଖି ଏଭଳି କରାଯାଇଥିବା କୁହାଯାଇଛି। ପୁରୀ ଭିଜିଲାନ୍ସ ଡିଏସ୍‌ପି ଶିଶିର ଭୋଇ କହିଛନ୍ତି, କୋଭିଡ୍ ସମୟରେ ଜିଲାରେ ମୋବିଲାଇଜେଶନ୍‌କୁ ବନ୍ଦ ରଖାଯାଇଛି। ଘଟଣାସ୍ଥଳରେ ପହଞ୍ଚି ମଧ୍ୟ ଅଧିକାରୀମାନେ କାର୍ଯ୍ୟ କରିପାରୁନାହାନ୍ତି। କେବଳ ପରୋକ୍ଷ ଯୋଗାଯୋଗ ମାଧ୍ୟମରେ ତଦନ୍ତ ହେଉଛି। ଅନ୍ୟପକ୍ଷରେ କୋଭିଡ୍‌ର ଦ୍ୱିତୀୟ ଲହରରେ ଏପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗ ପୁରୀ ଜିଲାରେ ମାତ୍ର ଗୋଟିଏ ମାମଲା ରୁଜୁ କରିଛି। ଯାହା ବିଭାଗର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ଉଠାଇଛି। କିଛିଦିନ ତଳେ ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଭିଜିଲାନ୍ସରେ ଏକ ଅଭିଯୋଗ ଦାଖଲ କରିଥିଲେ। ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଦର୍ଶାଇ ସେ ତଦନ୍ତ ଦାବି କରିଥିଲେ। ତେବେ ଏହି ଅଭିଯୋଗର ତଦନ୍ତ ହୋଇନାହିଁ। ଆଇନଜୀବୀ ଦାଶ କହିଛନ୍ତି, ଅଭିଯୋଗ ଉପରେ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇନ ଥିବା ଭିଜିଲାନ୍ସ ଡିଏସ୍‌ପି ସୂଚନା ଦେଇଛନ୍ତି। ତେଣୁ ତଦନ୍ତ ନିର୍ଦ୍ଦେଶ ଆସିନାହିଁ। ରଥଯାତ୍ରା ପରେ ମାମଲା ରୁଜୁ ହେବ ବୋଲି ମୋତେ କୁହାଯାଇଛି। ସେହିପରି ମାମଲା ରୁଜୁ କରିବା ପରିବର୍ତ୍ତେ ଏ ସମ୍ପର୍କରେ ଜିଲାପାଳଙ୍କ ସହ ଭିଜିଲାନ୍ସ ବିଗ ଆଲୋଚନା କରିବ ବୋଲି ଜଣାପଡ଼ିଛି। ତେବେ ପ୍ରଶ୍ନ ଉଠୁଛି, ଅଭିଯୋଗ ହୋଇଥିଲେ ମଧ୍ୟ ମାମଲା ରୁଜୁ ହେଉନାହିଁ କାହିଁକି। ଅନ୍ୟପକ୍ଷରେ ଭିଜିଲାନ୍ସ ବିଭାଗର ଏଭଳି କାର୍ଯ୍ୟକଳାପକୁ ସୂଚନା ଅଧିକାର କର୍ମୀ ବିଶ୍ୱଜିତ ମହାନ୍ତି ସମାଲୋଚନା କରିଛନ୍ତି। ସେ କହିଛନ୍ତି, କୋଭିଡ୍ ସ୍ଥିତିରେ ପୋଲିସ ବିଭାଗ ଜନ ସୁରକ୍ଷା ଓ ଶୃଙ୍ଖଳାକୁ ପ୍ରାଥମିକତା ଦେଇ କାର୍ଯ୍ୟ କରୁଥିବାବେଳେ ଭିଜିଲାନ୍ସ ବିଭାଗ ଶିଥିଳ ହୋଇପଡ଼ିଛି। ଏହା ଶୋଭନୀୟ ନୁହେଁ। ତୁରନ୍ତ ତଦନ୍ତ ଅଫିସର ନିଯୁକ୍ତ କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରାଯିବା ଉଚିତ।





ମହାପ୍ରଭୁଙ୍କ ଅଣସର ସେବା ପାଇଁ ମଙ୍ଗଳବାର ନିଆଳି ଓ କାକଟପୁରରୁ ଶ୍ରୀମନ୍ଦିରକୁ ଅଣାଯାଇଥିବା ଫଳଭାର।

# ମହାପ୍ରଭୁଙ୍କ ଅଣସର ସେବା ପାଇଁ ଆସିଲା ଫଳଭାର

**ପୁରୀ ଅଫିସ/କାକଟପୁର/ ନିଆଳି, ୨୯।୬(ଡି.ଏନ୍.ଏ.):**

ମହାପ୍ରଭୁଙ୍କ ଅଣସର ସେବା ପାଇଁ ମଙ୍ଗଳବାର ଶ୍ରୀମନ୍ଦିରକୁ ଫଳଭାର ଆସିଛି। କାକଟପୁରସ୍ଥିତ ହାତୀଆଖଡ଼ା ମଠର ବିଶ୍ୱାମିତ୍ର ଆଶ୍ରମ ଓ ନିଆଳି ଶ୍ରୀମାଧବାନନ୍ଦ ଜୀଉ ମନ୍ଦିର ପକ୍ଷରୁ ଏହି ଫଳଭାର ପଠାଯାଇଛି। ଏଥିରେ ବିଭିନ୍ନ ପ୍ରକାର ଫଳ ରହିଛି। ଏହି ପରମ୍ପରା ମହର୍ଷି ବିଶ୍ୱାମିତ୍ର ଏବଂ ହାତୀଆଖଡ଼ା ମଠର ମହାବୀର ହନୁମାନଜୀଙ୍କ ସହଯୋଗରେ ପ୍ରାରମ୍ଭ ହୋଇଥିଲା ଯାହା ଏପର୍ଯ୍ୟନ୍ତ ଚାଲିଛି ବୋଲି ମଠ ମହନ୍ତ ସୁଖରାମ ଦାସ କହିଛନ୍ତି। ମଠର ସଦସ୍ୟମାନେ ଏହି ଫଳଭାର ଧରି ପୁରୀରେ ପହଞ୍ଚିଛନ୍ତି। ଏ ନେଇ ସଂସ୍କୃତି ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର କହିଛନ୍ତି, ବହୁ ପୂର୍ବରୁ ପରିଚାଳିତ ଏହି ଦେବବିଧି ଲୁପ୍ତ ହେବାକୁ ବସିଥିଲା। ତେବେ ତାଙ୍କ ପ୍ରଚେଷ୍ଟାରେ ୨୦୦୦ ମସିହାରୁ ଏହାର ପୁନଃ ପ୍ରଚଳନ ହୋଇଛି। ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ସମସ୍ତ ଅମୁଣିଆ ଦ୍ରବ୍ୟ ଭକ୍ତ ଜୟଦେବଙ୍କ ଶ୍ରୀକ୍ଷେତ୍ର ବାସସ୍ଥାନ ଦଶ ଅବତାର ମଠ ମାଧ୍ୟମରେ ଶ୍ରୀମନ୍ଦିରକୁ ପଠାଯାଉଥିଲା। ତେବେ ଏହି ମଠର ସ୍ଥିତି ଏବେ ଭଲ ନ ଥିବାରୁ ହାତୀଆଖଡ଼ା ମଠ ପକ୍ଷରୁ ବିଶ୍ୱାମିତ୍ର ଆଶ୍ରମ ମାଧ୍ୟମରେ ଦେବ ଦ୍ରବ୍ୟ ଶ୍ରୀମନ୍ଦିରକୁ ପଠାଯାଉଛି।

## ରଥଖଳାରୁ

# ତିନି ରଥ ପାଇଁ ଦୁଆରବେଢ଼ା ନିର୍ମାଣ ସରିଲା





**ପୁରୀ ଅଫିସ, ୨୯।୬:**

ଘୋଷଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ମଙ୍ଗଳବାର ତିନି ରଥ ପାଇଁ ଆଉ ୨ଟି ଲେଖାଏ ଦୁଆରବେଢ଼ା ତିଆରି ହୋଇଛି। ଫଳରେ ମୋଟ ୧୨ଟି ଦୁଆରବେଢ଼ା ନିର୍ମାଣ ସରିଛି। ତିନିରଥର ବେଦି ସମ୍ମୁଖ ଭାଗରେ ପଟାବାଡ଼ିଆ ସମ୍ପୂର୍ଣ୍ଣ ହୋଇଛି। ସିଂହାସନ ବେଦି ପାଇଁ ଆଗଆଣି ପଛଆଣି ଦ୍ୱୟ ଢ଼ମକ ଉପରେ ପାଞ୍ଚଟି ଜଗତପୃଷ୍ଠ ଶେଣୀ ପଡ଼ିଛି। ଏହାପରେ ଉଭୟ ପାର୍ଶ୍ୱରେ ୩ଟି ଲେଖାଏ ବାହୁଟ ଫାଳିଆ ପଡ଼ି ସିଂହାସନ ବେଦି ନିର୍ମାଣ ପାଇଁ ପତା ପଡ଼ିବ। ପ୍ରଭା ଫ୍ରେମ ନିର୍ମାଣ ସରିଛି। ଦୁଆରବେଢ଼ାରେ ଚିତ୍ରକର ସେବକମାନେ ରୂପ ଅଙ୍କନ ପାଇଁ ପ୍ରାଇମର ଦେଇଛନ୍ତି। ଗୁଜ, ପଟାଗୁଜଗୁଡ଼ିକରେ ରୂପଚିତ୍ର ଅଙ୍କନ କରାଯାଉଛି। ସେହିପରି ୫ଟି ନାଟଗୋଡ଼ରେ ରୂପଚିତ୍ର ଅଙ୍କନ ସରିଥିବାବେଳେ ଆଉ ୬ଟିରେ ରୂପଚିତ୍ର ଅଙ୍କନ ଚାଲିଛି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ସିଂହାସନ ବେଦି ନିର୍ମାଣ ପାଇଁ ବିଭିନ୍ନ ପ୍ରକାର କଣ୍ଟା ପ୍ରସ୍ତୁତ କରୁଛନ୍ତି। ଅନ୍ୟପକ୍ଷରେ ଦରଜି ସେବକମାନେ ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପର ପ୍ରକୋଷ୍ଠରେ କନା କାମ ଜାରି ରଖିଛନ୍ତି।

## ତିନି ରଥରେ ଲାଗେ ୧୨୫୦ ମିଟର କନା

**ପୁରୀ ଅଫିସ, ୨୯।୬:**

ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଥକନା କାମ ଅନୁକୂଳ ହୋଇଛି। ଦରଜି ସେବକ ପ୍ରକାଶ ମହାପାତ୍ର ରୀତିନୀତି ଅନୁଯାୟୀ ପ୍ରଥମେ ଧୂପ, ଦୀପ, ମାହାର୍ଦ୍ଦ ଦେଇ କନା କାଟିଥିଲେ। ତିନି ରଥରେ ମୋଟ ୧୨୫୦ ମିଟର କନା ବ୍ୟବହୃତ ହୋଇଥାଏ। ସେଥିମଧ୍ୟରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପାଇଁ ନାଲି ଓ ହଳଦିଆ ରଙ୍ଗର ୪୨୫ ମିଟର କନା ଆବଶ୍ୟକ ହୋଇଥାଏ। ମା' ସୁଭଦ୍ରାଙ୍କ ଦେବଦଳନ ରଥ ଲାଗି ୪୦୦ ମିଟର ନାଲି ଓ କଳା ରଙ୍ଗର କନା ଆବଶ୍ୟକ ହେଉଥିବା ବେଳେ ବଡ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ପାଇଁ ୪୨୫ ମିଟର ନାଲି ଓ ସବୁଜ ରଙ୍ଗର କନା ଆବଶ୍ୟକ ହୋଇଥାଏ। ନିୟମ ଅନୁଯାୟୀ, ଦରଜି ସେବକ ମହାପାତ୍ର ଅନୁକୂଳ ପୂଜା ସାରି ତିନି ରଥର ବତା ଓ ବିଳାଶ ପଟି ପାଇଁ କନା କାଟିଛନ୍ତି। ରଥକନାକୁ ଅଧିକ ଆକର୍ଷଣୀୟ କରିବା ଲାଗି ରଥ କନାଗୁଡ଼ିକରେ ବିଭିନ୍ନ ପ୍ରକାର ଲେସ୍ ଓ ଝୁମ୍‌କି ବ୍ୟବହାର କରାଯାଇଥାଏ। ସ୍ନାନପୂର୍ଣ୍ଣିମା ପରେ ରଥର କନା କାମ ଆରମ୍ଭ ହୋଇଥାଏ ଏବଂ ରଥଯାତ୍ରା ପୂର୍ବ ଦିନ ସରିଥାଏ। ଚଳିତ ବର୍ଷ ଏହି କାମରେ ୧୩ ଜଣ ଦରଜି କାରିଗର ନିୟୋଜିତ ହୋଇଛନ୍ତି।

# ହାଇସ୍କୁଲରେ ଅତ୍ୟାଧୁନିକ ଶିକ୍ଷା ନେଇ ଆଲୋଚନା

**ସାକ୍ଷୀଗୋପାଳ/ପିପିଲି, ୨୯।୬(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ୫-ଟି ଟ୍ରାନ୍ସଫରମେଶନ କାର୍ଯ୍ୟକ୍ରମ ଜରିଆରେ ସତ୍ୟବାଦୀ ବ୍ଲକର ୬ଟି ଉଚ୍ଚ ବିଦ୍ୟାଳୟରେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ନିମନ୍ତେ ମଙ୍ଗଳବାର ଆଲୋଚନା ହୋଇଛି। ୫-ଟି ସଚିବ ଭି.କେ. ପାଣ୍ଡିଆନ ଭିଡିଓ କନଫରେନ୍ସ ଦ୍ୱାରା ଛାତ୍ରୀଛାତ୍ର, ପ୍ରଧାନଶିକ୍ଷକ, ଆଲୁମ୍ନି, ପରିଚାଳନା କମିଟି କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ହାଇସ୍କୁଲ ହେଉଛି ପଞ୍ଚାୟତର ଆତ୍ମା। ଛାତ୍ରୀଛାତ୍ର ହାଇସ୍କୁଲରୁ କ୍ୟାରିୟର ଆରମ୍ଭ କରନ୍ତି। ତେଣୁ ସେମାନଙ୍କୁ ଅତ୍ୟାଧୁନିକ, ସହଜ, ସରଳ ଶିକ୍ଷା ସହ ଆତ୍ମନିର୍ଭର ଭଳି ପ୍ରତିଟି କ୍ଷେତ୍ରରେ ପାରଙ୍ଗମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପାଣ୍ଡିଆନ୍ କହିଥିଲେ। ଗ୍ରାମ ବିଦ୍ୟାଳୟରେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସଭିଏଁ ମିଳିମିଶି କାର୍ଯ୍ୟ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଜିଲାପାଳ ସମର୍ଥ ବର୍ମା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଗୋପବନ୍ଧୁ ଜନ୍ମପୀଠ ନୋଡାଲ ଉଚ୍ଚ ବିଦ୍ୟାଳୟ ବିଦ୍ୟାଧରପୁର, ଜୟଦୁର୍ଗା ହାଇସ୍କୁଲ ଗବକୁଣ୍ଡ, ରାୟଚକ୍ରଧରପୁର ହାଇସ୍କୁଲ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ଜାଗେଶ୍ୱରୀ ବିଦ୍ୟାପୀଠ ଅଳଗୁମ ଓ ତୃତୀୟାଦେବ ବିଦ୍ୟାପୀଠ ଶୁକଳରେ ୨ଟି ଶ୍ରେଣୀକକ୍ଷକୁ ସ୍ମାର୍ଟ କକ୍ଷ କରାଯିବ। ବିଜ୍ଞାନାଗାର, ଇ-ଲାଇବ୍ରେରି ହେବ। ସ୍ପୋର୍ଟ୍ସ ବ୍ଲକ, ବ୍ୟାୟାମ ସୁବିଧା ଓ ପ୍ରବେଶ ପଥ ଆକର୍ଷଣୀୟ ହେବ। ବିଡିଓ କ୍ଷୀରୋଦ ବେହେରା ଓ ବିଇଓ ଜିତେନ୍ଦ୍ରିୟ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିଭଳି ପାଣ୍ଡିଆନ ପିପିଲି ଅଞ୍ଚଳର ମଧ୍ୟ ୬ଟି ବିଦ୍ୟାଳୟ ସ୍ମାର୍ଟ କରିବା ନେଇ ସେଠାକାର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ସଭାରେ ବିଡିଓ ରଶ୍ମିତା ନାଥ, ଅଧ୍ୟକ୍ଷ କଳ୍ପନା ସାମନ୍ତରାୟ, ଆତ୍ମା ଅଧ୍ୟକ୍ଷ ଧରଣୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନରେନ୍ଦ୍ର ପୁଷ୍କରିଣୀ ଅନ୍ଧାର

ପୁରୀ ଅଫିସ,୨୯।୬: ନରେନ୍ଦ୍ର ପୁଷ୍କରିଣୀ ପରିସରରେ ଆଲୋକୀକରଣ ବ୍ୟବସ୍ଥା ଅଚଳ ହୋଇପଡ଼ିଛି। ଅନ୍ଧାରର ସୁଯୋଗରେ ନିଶାଖୋରଙ୍କ ଆଡ୍ଡା ଜମୁଛି। ଏଥିଯୋଗୁ ଲୋକେ ଏହି ପୋଖରୀକୁ ଯିବା ପାଇଁ ସୁରକ୍ଷିତ ମଣୁନାହାନ୍ତି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଆବାହକ ସୂର୍ଯ୍ୟନାରାୟଣ ରଥଶର୍ମା ଦାବି କରିଛନ୍ତି। ଅନ୍ୟପକ୍ଷରେ ଗତ ଫେବୃୟାରୀ ୨୭ରେ ପ୍ରଶାସନ ପକ୍ଷରୁ ସହରର ତୀର୍ଥ ପୁଷ୍କରିଣୀ ରକ୍ଷଣାବେକ୍ଷଣ ଓ ନବୀକରଣ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ୱାଲିଂ, ଆଲୋକୀକରଣ ସମେତ ପୁଷ୍କରିଣୀର ସ୍ଥାନ ଚିହ୍ନଟ ଲାଗି ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମ ଠିକ୍ ଭାବେ ପରିଚାଳିତ ହେଉ ନ ଥିବାରୁ ଏଭଳି ଅବ୍ୟବସ୍ଥା ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

### ଫନୀ ସହାୟତା ପାଇଁ ଧାରଣା

ଡେଲାଙ୍ଗ,୨୯।୬(ଡି.ଏନ୍.ଏ.)-ଫନୀରୁ ବଞ୍ଚିତ ଥିବା ହିତାଧିକାରୀଙ୍କୁ ସହାୟତା ଦାବିରେ ଡେଲାଙ୍ଗ ଅଞ୍ଚଳର ସିପିଆଇଏମଏଲ ଦଳର ଅଶୋକ ପ୍ରଧାନ ଓ କିଶାନ ପଟ୍ଟନାୟକଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଘରଭଙ୍ଗା ହିତାଧିକାରୀ ମଙ୍ଗଳବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ନେଇ ଏକ ଦାବିପତ୍ର ତହସିଲଦାର ମହେନ୍ଦ୍ର ବଡେଇଙ୍କୁ ପ୍ରଦାନ କରାଯାଇଛି। ତହସିଲଦାର ବଡେଇ ଓ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଧାରଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଦ୍ୟାବଧି ୨୫ ହଜାର ୨୭୬ ଜଣ ହିତାଧିକାରୀଙ୍କୁ ୬୨ କୋଟି ୪୯ ଲକ୍ଷ ୪୩ ହଜାର ୧୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୪୬୩୦ ଜଣ ହିତାଧିକାରୀ ତଦନ୍ତ ପରିସରଭୁକ୍ତ ରହିଛନ୍ତି। ଯଥାଶୀଘ୍ର ତଦନ୍ତ ବାକି ରହିଥିବା ହିତାଧିକାରୀଙ୍କ ଠିକ ତଦନ୍ତ କରାଯାଇ ସହାୟତା ପ୍ରଦାନ କରାଯିବ। ଅଚଳ ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ଆଗାମୀ ୨ ଦିନ ମଧ୍ୟରେ ସଚଳ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ଯେଉଁମାନଙ୍କ ତାଲିକାରେ ନାଁ ନାହିଁ ସେମାନେ ଆସନ୍ତା ୩୦ ତାରିଖରେ ଦରଖାସ୍ତ ଦେଇପାରିବେ। ଫନୀ ସମ୍ପର୍କିତ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୩୦। ଏହା ପରେ ଫନୀ ସମ୍ବନ୍ଧୀୟ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ବୋଲି ତହସିଲଦାର ବଡେଇ ସ୍ପଷ୍ଟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ମହାରଣା, ସତ୍ୟମନ୍ୟୁ ପ୍ରଧାନ, ତ୍ରିଲୋଚନ ବେହେରା, ଅକ୍ଷୟ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଉଦ୍ଧାର ପରେ ଘରକୁ ଫେରିଲେ ଅସହାୟା ଯୁବତୀ

#### ସହାୟତା କଲା ପୁରୀ ଆଇନ ସେବା ପ୍ରାଧିକରଣ

ପୁରୀ ଅଫିସ, ୨୯।୬:ତାମିଲନାଡୁରେ ଅସହାୟ ଅବସ୍ଥାରେ ଅଟକି ରହିଥିବା ଜଣେ ଯୁବତୀଙ୍କ ପ୍ରତି ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ସହଯୋଗର ହାତ ବଢ଼ାଇଛି। ଫଳରେ ସେ ପୁରୀସ୍ଥିତ ନିଜ ଘରକୁ ଫେରିଆସିଛନ୍ତି। ମଙ୍ଗଳବାର ସମ୍ପୃକ୍ତ ଯୁବତୀ ତାଙ୍କ ବାପାଙ୍କ ସହ ଜିଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟକୁ ଆସି ସଚିବ ଏବଂ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟିଛନ୍ତି। ସୂଚନା ଅନୁଯାୟୀ, ପୁରୀ ଗୌଡ଼ବାଡ଼ ସାହିର ଯଶୋଦା ବେହେରା ଏକ ଘରୋଇ କମ୍ପାନୀରେ କାମ କରିବାକୁ ଗତ ଫେବୃୟାରୀରେ ତାମିଲନାଡୁ ଯାଇଥିଲେ। ସେ ତିରୁପୁରମ୍‌ରେ ଏକ କପଡ଼ା କମ୍ପାନୀରେ ଚାକିରି କରୁଥିଲେ। ତେବେ କିଛି ଦିନ ତଳେ ସେ ଘରକୁ ଫେରିବାକୁ ଚାହିଁଥିଲେ ମଧ କମ୍ପାନୀ କର୍ତ୍ତୃପକ୍ଷ ଛାଡ଼ି ନ ଥିଲେ। ଏ ନେଇ ସେ ତାଙ୍କ ବାପା ଗିରିଧାରୀ ବେହେରାଙ୍କୁ ଜଣାଇଥିଲେ। ଗିରିଧାରୀ ପୁରୀ ଜିଲାପାଳ ଏବଂ ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଯଶୋଦାଙ୍କୁ ଆଇନଗତ ସାହାଯ୍ୟ ଯୋଗାଇ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ୍ ସନ୍ତୋଷ କୁମାର ଜେନାଙ୍କୁ ଶ୍ରମ ଅଧିକାରୀ ଦିଲୀପ କୁମାର ପାଣି ଚିଠି ଲେଖି ଅନୁରୋଧ କରିଥିଲେ। ସହାୟତା ଲାଗି ପ୍ରାଧିକରଣ ସଚିବ ଅମରେନ୍ଦ୍ର ମହାପାତ୍ରଙ୍କୁ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ। ପ୍ରାଧିକରଣ ସଚିବ ତିରୁପୁରମ୍ ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଏହାପରେ ତିରୁପୁରମ୍ ପୋଲିସ ଉକ୍ତ କମ୍ପାନୀକୁ ଯାଇ ଯଶୋଦାଙ୍କୁ ଉଦ୍ଧାର କରି ଟ୍ରେନ୍ ଯୋଗେ ପୁରୀ ପଠାଇଥିଲା।

# ଶ୍ରୀଅଙ୍ଗରେ ଲାଗିହେଲା ଫୁଲୁରୀ ତେଲ

**ପୁରୀ ଅଫିସ,୨୯।୬:**

ଅଣସରର ପଞ୍ଚମୀ ତିଥିରେ ମଙ୍ଗଳବାର ଜ୍ୱର ପୀଡ଼ିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଫୁଲୁରୀ ତେଲ ଲାଗିକରାଯାଇଛି। ବଡ଼ଓଡ଼ିଆ ମଠ ପକ୍ଷରୁ ଏହି ତେଲ ପ୍ରସ୍ତୁତ କରାଯାଇ ଯୋଗାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇଛନ୍ତି। ତାଙ୍କୁ ସୁସ୍ଥ କରିବା ପାଇଁ ନାନାଦି ଗୁପ୍ତସେବା ଚାଲିଛି। ବଡ଼ଓଡ଼ିଆ ମଠର ମହନ୍ତ ମହାରାଜ ବଂଶୀଧର ଗୋସ୍ୱାମୀ କହିଛନ୍ତି, ହେରାପଞ୍ଚମୀ ତିଥିରେ ଦୁଇଟି ମାଟି ନିର୍ମିତ ଘୁମାରେ ଘଣାପେଡ଼ା ରାଶିତେଲ ସହ ବିଭିନ୍ନ ଚେରମୂଳି ଓ ଫୁଲ ସମେତ ୨୪ଟି ଉପାଦାନକୁ ମିଶାଇ ମାଟି ତଳେ ପୋତି ଦିଆଯାଏ। ଏକବର୍ଷ ପରେ ଦେବସ୍ନାନ ପୂର୍ଣ୍ଣିମା ପୂର୍ବଦିନ ଏହାକୁ ବାହାର କରାଯାଏ। ଏହାକୁ ଫୁଲୁରୀ ତେଲ କହନ୍ତି। ଏହି ତେଲ ଲାଗିବା ପରେ ଶ୍ରୀଅଙ୍ଗ କଷ୍ଟ ଲାଘବ ହୁଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ପରେ ଶ୍ରୀମନ୍ଦିରରୁ ନିର୍ଦ୍ଦେଶ ମିଳିବା ମାତ୍ରେ ବଡ଼ଓଡ଼ିଆ ମଠର ଶିଷ୍ୟମାନେ ଫୁଲୁରୀ ତେଲ ନେଇ ଶ୍ରୀମନ୍ଦିରରେ ପହଞ୍ଚାଇଥିଲେ। ଗୁପ୍ତସେବାରେ ନିୟୋଜିତ ଦଇତାପତି ସେବାୟତମାନେ ସନ୍ଧ୍ୟାରେ ଏହାକୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗିକରିଥିଲେ। ସେହିପରି ସେବାୟତ ଶରତ ମହାନ୍ତି କହିଛନ୍ତି, ଫୁଲୁରୀ ତେଲ ଶ୍ରୀମନ୍ଦିର ଆସିଛି। ପତିମହାପାତ୍ର ଉକ୍ତ ତୈଳକୁ ପୁଣି ଥରେ ସଂସ୍କାରିତ କରିବା ପରେ ଏହା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଛି।





ବଡ଼ଓଡ଼ିଆ ମଠ ପକ୍ଷରୁ ଶ୍ରୀମନ୍ଦିରକୁ ଅଣାଯାଇଥିବା ଫୁଲୁରୀ ତେଲ।

# ଏନ୍. ତ୍ରିନାଥଙ୍କ ନିଖୋଜ ଘଟଣାର ତଦନ୍ତ ଦାବି

**ପୁରୀ ଅଫିସ,୨୯।୬**

ପୁରୀ ଅଞ୍ଚଳର ଜଣେ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ନିଖୋଜ ହେବା ଘଟଣାର ଉପଯୁକ୍ତ ତଦନ୍ତ କରି ନ୍ୟାୟ ଦେବାକୁ ତାଙ୍କ ପରିବାରବର୍ଗ ମଙ୍ଗଳବାର ତେଲୁଗୁ ସମ୍ପ୍ରଦାୟ ସହାୟତାରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୁରୀ ବାଲି ନୋଳିଆ ସାହିର ଏନ୍. ତ୍ରିନାଥ ଏପ୍ରିଲ ୧୯ରେ ପଜିଟିଭ ହୋଇ ପୁରୀ ହସ୍ପିଟାଲ ଓ ପରେ ଭୁବନେଶ୍ୱରସ୍ଥ ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ପରେ ବାପା ସୁସ୍ଥ ହୋଇଥିବା ଶୁଣି ପୁଅ ଏନ୍.ଭାସ୍କର ମେଡିକାଲକୁ ଯାଇଥିଲେ। ମାତ୍ର ତ୍ରିନାଥଙ୍କ ମୃତ୍ୟୁ ହୋଇଯାଇଥିବା କହି କ୍ୟାପିଟାଲ ହସ୍ପିଟାଲ ଯିବାକୁ ପରାମର୍ଶ ଦିଆଯାଇଥିଲା। ସେଠାରେ କିଛି ସୂଚନା ନ ମିଳିବାରୁ ପୁଣି ଉକ୍ତ ମେଡିକାଲକ ଆସିବାରୁ ଏପ୍ରିଲ ୨୦ରେ ଢୁମ୍‌ଢୁମା କୋଭିଡ ମେଡିକାଲକୁ ପଠାଯାଇଥିବା କହିଥିଲେ। ସେଠାରେ ମଧ ତ୍ରିନାଥଙ୍କ କୌଣସି ଖବର ନ ପାଇବାରୁ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ତେବେ ୨୩ ତାରିଖର ଏକ ଖବରକାଗଜରେ ତ୍ରିନାଥଙ୍କ ମୃତ୍ୟୁ ହୋଇଥିବା ପ୍ରକାଶ ପାଇଥିଲା। ପ୍ରଶାସନ ତ୍ରିନାଥଙ୍କ ନିଖୋଜ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଏନ୍. ଭାସ୍କର ଦାବି କରିଛନ୍ତି।

# ଚାଷୀଙ୍କ ବିକାଶ ପାଇଁ ଉନ୍ନତ ଜ୍ଞାନକୌଶଳ ଜରୁରୀ

**ସାକ୍ଷୀଗୋପାଳ,୨୯।୬ (ସ୍ୱ.ପ୍ର./ଡି.ଏନ୍.ଏ.)**

ସାକ୍ଷୀଗୋପାଳ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଆତ୍ମା ପକ୍ଷରୁ ୪ର୍ଥ ଅଧିବେଶନ ସୋମବାର କମିଟି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରାମଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। କୃଷି ଓ କୃଷକର ବିକାଶ ଲକ୍ଷ୍ୟରେ ଗଠିତ କମିଟି ସବୁବେଳେ ଚାଷୀମାନଙ୍କୁ ଉନ୍ନତମାନର ଜ୍ଞାନକୌଶଳ ଯୋଗାଇ ଦେବା ସହ ଚଳିତବର୍ଷ କୃଷକମାନଙ୍କ ପାଇଁ ମାତ୍ର ୫୦ % ମଧ୍ୟରେ ରହୁଥିବା କାର୍ବୋହାଇଡ୍ରେଟ ଯୁକ୍ତ ତେଲେଙ୍ଗାନା ସୁନା ଧାନ ୬୦ ଏକର ଓ ସି.ଆର. ୧୦୧୮ ଧାନ ୪୦ ଏକର ଜମିରେ ଚାଷ କରାଯିବା ନିମନ୍ତେ ଲକ୍ଷ୍ୟ ରଖାଯାଇଛି ବୋଲି ଅଧକ୍ଷ ମହାନ୍ତି ସୂଚନା ଦେଇଥିଲେ। ଏଥିସହିତ ବେକାରି ଦୂରୀକରଣ ପାଇଁ ଅଳ୍ପ ଜମିଥିବା ଲୋକଙ୍କୁ କୁଣ୍ଡ ମାଧ୍ୟମରେ ଓ ମୋ ପୋଖରୀ ଯୋଜନାରେ ଉନ୍ନତ ମାନର ମାଛ ଚାଷର ଲକ୍ଷ୍ୟ ରଖାଯାଇଛି। ବ୍ଲକ ଅଧକ୍ଷା ସସ୍ମିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ଉଦ୍ଦେଶ୍ୟରେ ବ୍ଲକ ମାଧ୍ୟମରେ ରହିଥିବା ଯୋଜନା ସମ୍ପର୍କରେ କହିଥିଲେ। ମଣ୍ଡଳ କୃଷି ଅଧିକାରୀ କଲ୍ୟାଣ ରାୟ କାର୍ଯ୍ୟକ୍ରମ ପରିଚାଳନା କରି ନୂତନ ଭାବେ ଚଳିତବର୍ଷ ଖରିଫ ଋତୁରେ ଆରମ୍ଭ କରାଯାଉଥିବା ତେଲେଙ୍ଗାନା ସୁନା ଓ ସି.ଆର.୧୦୧୮ର ଚାଷ ପ୍ରଣାଳୀ ସମ୍ପର୍କରେ କହିବା ସହ ତେଲେଙ୍ଗାନା ସୁନା ଧାନ ଡାଇବେଟିସ ରୋଗୀଙ୍କ ପାଇଁ ବେଶ୍ ଲାଭଦାୟକ ବୋଲି ସୂଚନା ଦେଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଟୁଆରୀ, ଧ୍ରୁବଚରଣ ଦାଶ, ଦେବାଶିଷ ରାୟ, ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡ. ଜ୍ଞାନରଞ୍ଜନ ମିଶ୍ର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଦେବଦାସ ଦତ୍ତ ଓ ମଣ୍ଡଳ ମତ୍ସ୍ୟ ଅଧିକାରୀ ଦ୍ୱାରିକାନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ବିଟିଏମ୍ ସୋଲେସ ଦାସ ଅତିଥି ପରିଚୟ ଦେଇଥିଲେ। ଆତ୍ମା କମିଟି ସଦସ୍ୟ ସୁରେଶ ସାହୁ, ଶରତ ବିଶ୍ୱାଳ, ପ୍ରଭାସିନୀ ମିଶ୍ର ଓ ସନ୍ତୋଷ ସ୍ୱାଇଁ ଉପସ୍ଥିତ ଥିଲେ।



## 2021 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି/ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 20 (କୋଡିଏ) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁଁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜ୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି। ଆଗ୍ରହୀ ବ୍ୟକ୍ତି / ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ। ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ। ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟପତ୍ର (ଆଧାର/ ଭୋଟର ପରିଚୟପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡିବ। ଏତଦ୍ ବ୍ୟତୀତ ଅନ୍ୟମାନଙ୍କୁ (ଅନୁଷ୍ଠାନ, ଶିଳ୍ପସଂସ୍ଥା ଇତ୍ୟାଦି) ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ। ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ।

**ବି.ଦ୍ର.: ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ ଚାରାର ବିବରଣୀ | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ବ୍ରାହ୍ମଣୀ ନର୍ସରୀ | ଅଁଳା, ପାଟୁଳି, ବବୁଲ, କରଞ୍ଜ, ଶିରିଶ, ଶିଶୁ, ବାହାଡ଼ା, ହରିଡ଼ା, ବିଜା, ଏମ୍. କୁଇନ୍, ବଉଳ, ଅର୍ଜ୍ଜୁନ, କାଞ୍ଚନ, ବରକୋଳି, ମହାନିମ୍ବ, ମୁଚୁକୁନ୍ଦ, ଜାମୁ, ଛତିଆନ୍, ଖଇର, ତେନ୍ତୁଳି, ଶାଗୁଆନ୍, କଇଁଥ, କୁମକୁମ, ସୁନାରୀ, ପିଜୁଳି, ଦେବଦାରୁ, ଶାଳ | ଶ୍ରୀ ସଦାଶିବ ପାତ୍ର, ବନପାଳ, 8763433100 |
| 2 | ଧରଣୀଧରପାଲି ନର୍ସରୀ | ଜାମୁ, କରଞ୍ଜ, ବାହାଡ଼ା, ଅଁଳା, କଇଁଥ, ଛତିଆନ୍, ମେହଗାନି, ଫଣଫନା, ତେନ୍ତୁଳି, କୁମକୁମ, କାଞ୍ଚନ, ମହୁଲ, ବଉଳ, ନିମ୍ବ, ଦେବଦାରୁ, ବାଉଁଶ, ଶିରିଶ, ପାଟୁଳି, ଓଉ, ପିଜୁଳି, ହରିଡ଼ା, ବାହାଡ଼ା, ମହାନିମ୍ବ, କୃଷ୍ଣଚୂଡ଼ା, ଶାଗୁଆନ, ଗମ୍ଭାରି, ଅସନ୍, ବରକୋଳି, ଆମ୍ବ | ଗାୟତ୍ରୀବାଳା ପାତ୍ର, ବନପାଳ, 8895229883 |
| 3 | ଟିକାୟତପାଲି ନର୍ସରୀ | ଅଁଳା, ନିମ୍ବ, ଜାମୁ, ବାଉଁଶ, ଅର୍ଜ୍ଜୁନ, ହରିଡ଼ା, ବାହାଡ଼ା, ବେଲ, କରଞ୍ଜ, ଗମ୍ଭାରି | ଶ୍ରୀ ଦୁଃଖୀଶ୍ୟାମ ଶତପଥୀ, ବନପାଳ, 9371718263 |
| 4 | ଏସ୍.ବଲାଙ୍ଗ ନର୍ସରୀ | ନିମ୍ବ, କରଞ୍ଜ, ବାଉଁଶ, ଫାସି | ଶ୍ରୀ ଜଗନ୍ନାଥ ବେହେରା, ବନରକ୍ଷୀ, 7978308801 |
| 5 | ତେହେରାଇ ନର୍ସରୀ | ଜାମୁ, ସିମାରୁବା, କରଞ୍ଜ, ନିମ୍ବ, ପଣସ, ଶିଶୁ, ତେନ୍ତୁଳି | ଶ୍ରୀ ପ୍ରତାପ ସାହୁ, ବନପାଳ, 7846924621 |
| 6 | ବାଦିବାହାଲ ନର୍ସରୀ | ଶାଗୁଆନ, ଅର୍ଜ୍ଜୁନ, ଶିଶୁ, ବାହାଡ଼ା, ଅଁଳା, ବଉଳ, କରଞ୍ଜ | ଶ୍ରୀ ରଘୁନାଥ ସାହୁ, ବନପାଳ, 9437767675 |
| 7 | କାଉଁନଶିବାହାଲ ନର୍ସରୀ | ଶାଗୁଆନ, କରଞ୍ଜ, ଅସନ୍, ଅଁଳା | ଶ୍ରୀ ପଦୀପ କୁମାର ମିଶ୍ର, ବନପାଳ, 8018931359 |
| 8 | କନସର ନର୍ସରୀ | ଶାଗୁଆନ, ଅଁଳା, ଶୀରିଶ, ଶିଶୁ, ବାହାଡ଼ା, ଆତ, ପିଜୁଳି, କରଞ୍ଜ | ଶ୍ରୀ ଦୁର୍ଯ୍ୟୋଧନ ପ୍ରଧାନ, ବନପାଳ, 9438575596 |
| 9 | କୁଣ୍ଢେଇଡିହା ନର୍ସରୀ | ଶାଗୁଆନ, କରଞ୍ଜ, ରାଧାଚୂଡା, କୃଷ୍ଣଚୂଡା, ଆତ, ପିଜୁଳି, ଜାମୁ, ଅଁଳା | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ, 8280938755 |
| 10 | ଧାତକିପୋଷ ନର୍ସରୀ | ମହୋଗାନି, କରଞ୍ଜ, ସୁନାରୀ, ବିଜା, ଅର୍ଜ୍ଜୁନ, ବାହାଡ଼ା, ଜାମୁ, ହରିଡ଼ା, ଶାଗୁଆନ, କାଠବାଦାମ, ଶାଳ, ନିମ୍ବ, କାଜୁ, ଶିଶୁ, ରକ୍ତଚନ୍ଦନ, ଛତିଆନ୍, ଅଁଳା, ଆତ, ପାଟୁଳି, ପଣସ, ପିଜୁଳି, ବାଉଁଶ | ଶ୍ରୀମତୀ ସ୍ନେହମୟୀ ସାହୁ, ବନପାଳ, 9861336385 |
| 11 | ବନେଇକେଲା ନର୍ସରୀ | ଅର୍ଜ୍ଜୁନ, ଚାକୁଣ୍ଡା, ନିମ୍ବ, କରଞ୍ଜ, ପଣସ, ପିଜୁଳି, ବାଉଁଶ, ଖଇର | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 12 | ଗୁରୁଣ୍ଡିଆ ନର୍ସରୀ | ମହୁଲ, ନିମ୍ବ, ପଣସ, କରଞ୍ଜ, ଅଁଳା, ପିଜୁଳି, ତେନ୍ତୁଳି, ଜାମୁ | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ, 9437414085 |
| 13 | ଜାମୁଦର ନର୍ସରୀ | ଜାମୁ, କରଞ୍ଜ, ନିମ୍ବ, କାଞ୍ଚନ, ପଣସ, ମହୁଲ | ଶ୍ରୀ ତାପସ କୁ. ଶତପଥୀ, ବନପାଳ, 9438490662 |
| 14 | ଗଡରୁଆଁ ନର୍ସରୀ | ଜାମୁ, ନିମ୍ବ, ଶିଶୁ, ତେନ୍ତୁଳି, ଗମ୍ଭାରି, ଅଁଳା, ପୁଜୁଳା, ଫଣଫଣା | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 15 | ହଳଦିକୁଦର ନର୍ସରୀ | ଶାଗୁଆନ, ଶିଶୁ, ଶିରିଶ, ତେନ୍ତୁଳି, ଅଁଳା, ସଜନା, ଗୁଆ, କୁସୁମ, ବାହାଡ଼ା, ଗମ୍ଭାରି, ଅର୍ଜ୍ଜୁନ, ପିସ୍ତା ବାଦାମ, କରଞ୍ଜ | ଶ୍ରୀ ଡେଗୁଳାନନ୍ଦ ଗଡ଼ନାୟକ, ବନପାଳ, 9437862027 |
| 16 | ଡଲେଇସରା ନର୍ସରୀ | ପଣସ, ରାଧାଚୂଡ଼ା, ଆମ୍ବ, ସିମାରୁବା, ଅର୍ଜ୍ଜୁନ, ଖଇର, କଇଁଥ, କରଞ୍ଜ, ଶାଗୁଆନ, ଫଣଫଣା, ଅଁଳା, ପିଜୁଳି, କୁସୁମ, ଶିଶୁ,ନିମ୍ବ, ରକ୍ତଚନ୍ଦନ, ସୁନାରୀ, କୁଚିଳା, ବାହାଡ଼ା, ପାହାଡ଼ି ଶିଶୁ, ଶିରିଶ | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ, 8249826257 |
| 17 | ଠାକୁରପାଲି ନର୍ସରୀ | ଆତ, ଅଁଳା, ଅର୍ଜ୍ଜୁନ, ଖଇର, ବଡ଼ଚାକୁଣ୍ଡା, ବାହାଡ଼ା, ବଉଳ, ବେଲ, ବିଜା, ଦେବଦାରୁ, ହରିଡ଼ା, ଗମ୍ଭାରି, ଜାମୁ, କଇଥ, କାଞ୍ଚନ, କରଞ୍ଜ, କୃଷ୍ଣଚୂଡା, ପଣସ, ପିଜୁଳି, ରାଧାଚୂଡା, ସାନଚାକୁଣ୍ଡା, ଶିରିଶ, ଶିଶୁ, ସୁନାରି, ଶାଗୁଆନ, ତେନ୍ତୁଳି | ଶ୍ରୀ ଭୁବନେଶ୍ୱର ରାଏ, ବନପାଳ, 9556165001 |
| 18 | ମହୁଲଡିହି ନର୍ସରୀ | ଆତ, ଶାଗୁଆନ, ବଡ଼ଚାକୁଣ୍ଡା | ଶ୍ରୀ ହରେକୃଷ୍ଣ ସାହୁ, ବନପାଳ, 7751807224 |
| 19 | ପିପଲାକାନି ନର୍ସରୀ | ମହୁଲ, ପଣସ, ଶାଗୁଆନ, ତେନ୍ତୁଳି | ଶ୍ରୀ ପ୍ରତାପ କୁମାର ସାମଲ, ବନପାଳ, 9777410020 |
| 20 | ବାର୍ସୁଆଁ ନର୍ସରୀ | ଅଁଳା, ଅର୍ଜ୍ଜୁନ, ବାଉଁଶ, ଦେବଦାରୁ, ଜାମୁ, କାଞ୍ଚନ, କରଞ୍ଜ, ମହାନିମ, ନିମ୍ବ, ପଣସ, ଶିରିଶ, ଶିଶୁ, ସୁନାରୀ, ଶାଗୁଆନ, ତେନ୍ତୁଳି, ଆମ୍ବ | ଶ୍ରୀ ଚୈତନ୍ୟ ଭୂମିଜ୍, ବନପାଳ, 9348612842 |

**ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ।**

**Control Room No.7077046175 & 6370953774**

ସ୍ୱା./- ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ, ବଣାଇଁଗଡ଼